


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-19 ◆SUNDAY ◆13 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୯ ◆ରବିବାର ◆୧୩ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ନାରୀ ନିର୍ଯାତନାର ନଗ୍ନ ରୂପ
### ଫକୀରମୋହନ କଲେଜ ଅଧ୍ୟାପକଙ୍କ କେଳେଙ୍କାରୀ

**କେହି ଶୁଣିଲେନି ଗୁହାରି**

# ନିଜକୁ ଜାଳିଦେଲେ ଛାତ୍ରୀ

ରାଜ୍ୟରେ ବଢ଼ି ଚାଲିଛି ନାରୀ ନିର୍ଯାତନା। ଘରେ-ବାହାରେ, ମନ୍ଦିର, ସ୍କୁଲ, ଶିକ୍ଷାନୁଷ୍ଠାନ, ପର୍ଯ୍ୟଟନସ୍ଥଳୀ; କେଉଁଠି ବି ନାରୀ ସୁରକ୍ଷିତ ହୋଇନାହିଁ। ଉତ୍ତର-ଦକ୍ଷିଣ, ପୂର୍ବ-ପଶ୍ଚିମ, ଏପରିକି କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା ଥିବା ରାଜଧାନୀ ଭୁବନେଶ୍ୱର ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛି। ବିଗତ କିଛି ମାସର ଘଟଣାବଳୀ ଉପରେ ନଜର ପକାଇଲେ ଏହା ସ୍ପଷ୍ଟ ହେଉଛି। ଦୁର୍ବ୍ୟବହାରଠାରୁ ଆରମ୍ଭ କରି ଅସଦାଚରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଭଳି ଜଘନ୍ୟ ନାରୀ ବିରୋଧୀ ଅପରାଧ ରାଜ୍ୟରେ ବଢ଼ିବାରେ ଲାଗିଛି। କିଛି ଦିନ ତଳେ ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯିବା ଏହାର ଜ୍ୱଳନ୍ତ ଉଦାହରଣ। ଅବସ୍ଥା ଏପରି ଯେ ଆମେରିକା ମଧ୍ୟ ତା' ନାଗରିକଙ୍କ ସୁରକ୍ଷା ଦୃଷ୍ଟିରୁ ଓଡ଼ିଶା ବୁଲି ନ ଯିବାକୁ କିଛି ଦିନ ତଳେ ଏକ ନିର୍ଦ୍ଦେଶାବଳୀ ଜାରି କରିଛି। ଏହିକ୍ରମରେ ଆଜି ବାଲେଶ୍ୱରରେ ନାରୀ ନିର୍ଯାତନାର ଆଉ ଏକ ନଗ୍ନ ରୂପ ଦେଖିବାକୁ ମିଳିଛି। ରାଜ୍ୟର ଅନ୍ୟତମ ନାମକରା କଲେଜ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ନିର୍ଯାତନାରେ ଅତିଷ୍ଠ ଜଣେ ଛାତ୍ରୀ କଲେଜ କର୍ତ୍ତୃପକ୍ଷ, ପୁଲିସ, ସାଂସଦଙ୍କୁ ଗୁହାରି କରି କରି ନିରାଶ ହେବା ପରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି।

## ସଙ୍କଟାପନ୍ନ ଅବସ୍ଥାରେ ଏମ୍‌ସରେ ଭର୍ତ୍ତି

**ଅଧ୍ୟାପକଙ୍କ ବିରୋଧରେ ଆଣିଥିଲେ ଦୁର୍ବ୍ୟବହାର ଅଭିଯୋଗ**


**ଘଟଣା ବିଷୟରେ ଅବଗତ ଥିଲେ ସାଂସଦ, ଅଧ୍ୟକ୍ଷ, ଏସ୍‌ପି**

**ନିରାଶ କଲା ଆଭ୍ୟନ୍ତରୀଣ କମିଟିର ତଦନ୍ତ ରିପୋର୍ଟ**

**କାର୍ଯ୍ୟାନୁଷ୍ଠାନ ନ ହେବାରୁ ଚରମ ପଦକ୍ଷେପ ନେଲେ ଛାତ୍ରୀ**

**ରାଜ୍ୟରେ ଛାତ୍ରୀ, ମହିଳା, ନାବାଳିକା ଅସୁରକ୍ଷିତ: ବିଜେଡି**

■ **ବାଲେଶ୍ୱର, ୧୨।୭ (ସମିସ):** 'ମୋତେ ଟିକେ ଫେଭର୍ କର, ମୁଁ ତୁମର ସବୁ କଥା ବୁଝିଦେବି'। ଏଥିରେ ଅରାଜି ହେବାରୁ ମିଳିଲା ମାନସିକ ନିର୍ଯାତନା ଓ ଦୁର୍ବ୍ୟବହାର। ବିଭାଗୀୟ ମୁଖ୍ୟ ଅଧ୍ୟାପକଙ୍କ ଏପରି ଆଚରଣ ବିରୋଧରେ କଲେଜ ଅଧ୍ୟକ୍ଷ, ଜିଲ୍ଲା ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଏବଂ ସାଂସଦଙ୍କୁ ଜଣାଇ ନ୍ୟାୟ ମାଗିଲେ। କିନ୍ତୁ କେହି ଶୁଣିଲେନି। କଲେଜ ଆଭ୍ୟନ୍ତରୀଣ କମିଟି ବି ତା'ର ରିପୋର୍ଟରେ ଅଧ୍ୟାପକଙ୍କୁ କ୍ଲିନ୍‌ଚିଟ୍ ଦେଲା। ଏହାପରେ ଅଧ୍ୟକ୍ଷ ଅଭିଯୋଗର ବଳିଷ୍ଠ ପ୍ରମାଣ ମାଗିଲେ। ଶେଷରେ ନିରାଶ ହୋଇ ଜଣେ ଛାତ୍ରୀ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ଆଗରେ ନିଜ ଦେହରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇଦେଲେ। ଶନିବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ।



ପୀଡ଼ିତାଙ୍କ ପତ୍ର



ଗିରଫ ଅଧ୍ୟାପକ

ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା (ଇଣ୍ଟିଗ୍ରେଟେଡ୍ ବିଏଡ୍) ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ତଥା ଏବିଭିପି ନେତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ଆଜି ଏପରି ଚରମ ପଦକ୍ଷେପ ନେଇଛନ୍ତି। ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ▶ପୃଷ୍ଠା-୭


## ଅଧ୍ୟକ୍ଷ, ଏଚ୍‌ଓଡି ନିଲମ୍ବିତ

■ **ବାଲେଶ୍ୱର, ୧୨।୭ (ସମିସ):** ଏହି ସମ୍ବେଦନଶୀଳ ଘଟଣାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କାର୍ଯ୍ୟରେ ଅବହେଳା ତଥା ଏହି ଘଟଣାକୁ ସଠିକ୍ ଭାବେ ପରିଚାଳନା କରି ନଥିବା ହେତୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳଙ୍କ ବିନା ନିର୍ଦ୍ଦେଶରେ ସେ କୁଆଡ଼େ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ହୋଇଛି। ସେହିଭଳି ଅଭିଯୁକ୍ତ ଅଧ୍ୟାପକ ତଥା ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ (ଏଚ୍‌ଓଡି) ସମୀର କୁମାର ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

### ଅହମଦାବାଦ ବିମାନ ଦୁର୍ଘଟଣା

**ଆସିଲା ତଦନ୍ତ ରିପୋର୍ଟ**

## ବନ୍ଦ ଥିଲା ଦୁଇ ଇନ୍ଧନ ସୁଇଚ୍



**ସୁଇଚ୍ ବନ୍ଦ କଲା କିଏ?**

**ପାଇଲଟ୍ ନା ଯାନ୍ତ୍ରିକ ତ୍ରୁଟି**

■ **ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି):** ଗତମାସ ୧୨ ତାରିଖରେ ଅହମଦାବାଦରେ ହୋଇଥିବା ଭୟଙ୍କର ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାଥମିକ ରିପୋର୍ଟ ଆସିଛି। ବିମାନ ଟେକ୍-ଅଫ୍ କରିବାର ଗୋଟିଏ ସେକେଣ୍ଡ ଭିତରେ ବିମାନର ଦୁଇଟି ଯାକ ଇନ୍ଧନ ସୁଇଚ୍ ବନ୍ଦ ହୋଇଯିବାରୁ ଉଭୟ ଇଞ୍ଜିନ୍ ସଟ୍-ଡାଉନ୍ ହୋଇଯାଇଥିଲା। ଯାହାଫଳରେ ଏତେ ବଡ଼ ଦୁର୍ଘଟଣା ଘଟିଲା ବୋଲି ରିପୋର୍ଟରେ କୁହାଯାଇଛି। ତେବେ ପ୍ରଶ୍ନ ଉଠୁଛି ଇଞ୍ଜିନକୁ ଇନ୍ଧନ ବା ତେଲ ଯୋଗାଉଥିବା ଦୁଇଟି ସ୍ୱିଚ୍‌କୁ ବନ୍ଦ କଲା କିଏ? ପାଇଲଟ୍ ନା ଯାନ୍ତ୍ରିକ ତ୍ରୁଟି? ତଦନ୍ତ ରିପୋର୍ଟରେ ଏହା ସ୍ପଷ୍ଟ କରାଯାଇନଥିବା ବେଳେ ବିମାନଯାତ୍ରୀଙ୍କ ସୁରକ୍ଷାକୁ ନେଇ ବଡ଼ ଧରଣର ପ୍ରଶ୍ନଚିହ୍ନ ଲାଗିଯାଇଛି। ▶ପୃଷ୍ଠା-୭

## ବିଷାକ୍ତ ମଦ ପିଇ ୨ ମୃତ

**୬ ମାସରେ ଗଲାଣି ୬ ଜୀବନ**

■ **ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା, ୧୨।୭** (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ଗତ ଦୁଇଦିନରେ ୨ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପ୍ରଘଟ ହେବା ପରେ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଢେଙ୍କାନାଳ ସହରଠାରୁ ପ୍ରାୟ ୩୫କିମି ଦୂରରେ ଥିବା ପାହାଡ଼ ପର୍ବତଘେରା ବମ୍ପା ଗ୍ରାମରେ ବର୍ଷତମାମ ହାତୀଭୟ ଲାଗି ରହିଥିବା ବେଳେ ଦେଶୀ ମଦ ପ୍ରସ୍ତୁତି ଏବଂ ବିକ୍ରି କିଛି ଲୋକଙ୍କ ପାଇଁ କୁଟୀର ▶ପୃଷ୍ଠା-୭

# ଫେରିଲେ ନବୀନ, ଜନତା ଖୁସି

■ **ଭୁବନେଶ୍ୱର, ୧୨।୭ (ସମିସ):** ନିଜ ପ୍ରିୟ ନେତା ସୁସ୍ଥ ହୋଇ ମୁମ୍ବାଇରୁ ଫେରୁଥିବା ଖବର ପାଇ ଶନିବାର ରାଜଧାନୀ ଭୁବନେଶ୍ୱରକୁ ଆପଣଛାଏଁ ଛୁଟିଥିଲା ଜନତାଙ୍କର ସୁଅ। ଦୌଡ଼ି ଆସିଥିଲେ ସାଧାରଣ ଲୋକ, ପ୍ରଶଂସକ। ନବୀନଙ୍କ ଝଲକ ଟିକିଏ ପାଇବା ପାଇଁ ଭୁବନେଶ୍ୱର ବିମାନ ବନ୍ଦରରୁ

**ଦୁଇଗୁଣା ଉତ୍ସାହର ସହ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ଲଢ଼େଇ ହେବ: ବିଜେଡି**

ନବୀନ ନିବାସ ପର୍ଯ୍ୟନ୍ତ ପରିଲକ୍ଷିତ ହୋଇଥିଲା ଲୋକଙ୍କ ଅସମ୍ଭାଳ ଭିଡ଼। ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଏହା କୌଣସି ରାଜନୈତିକ ସଭାରେ ସମବେତ ଜନତାଙ୍କର ଉପସ୍ଥିତି ଜାହିର୍ କରୁ ନଥିଲା। ବରଂ ନିଜ ପ୍ରିୟ ନେତାଙ୍କ ଆଶୁଆରୋଗ୍ୟ

**ବିମାନବନ୍ଦରରୁ ନବୀନ ନିବାସ ଜନସମୁଦ୍ର**



ପ୍ରାର୍ଥନା କରୁଥିବା ଶୁଭେଚ୍ଛୁଙ୍କ ଭିଡ଼ର ଦୃଶ୍ୟ ବଖାଣୁଥିଲା। ଏପରି ଉଚ୍ଛ୍ୱସିତ ସ୍ୱାଗତ କରାଯିବା ବୋଧହୁଏ ଓଡ଼ିଶା ଇତିହାସରେ ପ୍ରଥମ। କ୍ଷମତାରେ ଥାଆନ୍ତୁ ଅଥବା ନଥାଆନ୍ତୁ; ନବୀନ ସବୁବେଳେ ଜନତାଙ୍କ ପ୍ରଥମ ପସନ୍ଦ ବୋଲି ସାଧାରଣ ଲୋକେ ଆଉଥରେ ପ୍ରମାଣିତ କରିଛନ୍ତି। ▶ପୃଷ୍ଠା-୭

## ଆଜିଠୁ ଅତି ପ୍ରବଳ ବର୍ଷା

**୨୩ ଜିଲ୍ଲାକୁ ପାଣିପାଗ ବିଭାଗର ସତର୍କତା**

■ **ଭୁବନେଶ୍ୱର, ୧୨।୭ (ସମିସ):** ରାଜ୍ୟରେ ଆସନ୍ତାକାଲିଠାରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିନେଇ ଅଧିକାଂଶ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବିଶେଷକରି ଦକ୍ଷିଣ-ପଶ୍ଚିମ ଉତ୍ତରପ୍ରଦେଶରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପର୍ଯ୍ୟନ୍ତ ଥିବା ଟ୍ରଫ୍‌ଲାଇନ୍ ଏବେ ଉତ୍ତର ହରିୟାଣାରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପର୍ଯ୍ୟନ୍ତ ଦକ୍ଷିଣ ଉତ୍ତରପ୍ରଦେଶ ଦେଇ ଗତି କରୁଛି। ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଏବଂ ପଡ଼ୋଶୀ ଝାଡ଼ଖଣ୍ଡ, ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଘୂର୍ଣ୍ଣିବଳୟ ପରିସର ସମୁଦ୍ର ପତ୍ତନଠାରୁ ୦.୯ କିଲୋମିଟର ଉପରେ ରହିଛି। ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଆଗାମୀ ୨୪ ଘଣ୍ଟା ଭିତରେ ମୟୂରଭଞ୍ଜ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି,ଅନୁଗୋଳ,ଦେବଗଡ଼,ବୌଦ୍ଧ, ▶ପୃଷ୍ଠା-୭

# ଗଡ଼ିଲା ବସ୍; ଡ୍ରାଇଭର ମହାସଂଘରେ ଫାଟ



**ସଂଘକୁ ଏଭଳି ସମୟ ଆଉ ମିଳିବନି: ସଭାପତି**

**ଗାଡ଼ି ଚଳାଇଲେ ସଂଘରୁ ବହିଷ୍କାର ଚେତାବନୀ**

**ମହାସଂଘ କୋଷାଧ୍ୟକ୍ଷଙ୍କୁ ଉଠାଇନେଲା ପୁଲିସ**

**ଆନ୍ଦୋଳନ ପ୍ରତ୍ୟାହାର ପାଇଁ ମନ୍ତ୍ରୀଙ୍କ ଅନୁରୋଧ**

**ସଂଘକୁ ସମର୍ଥନ ଦୋହରାଇଲେ ପିସିସି ସଭାପତି**

■ **ଭୁବନେଶ୍ୱର, ୧୨।୭ (ସମିସ):** ୭ ଦଫା ଦାବି ପୂରଣ ଜିଦରେ ଅଟଳ ଥିବା ଡ୍ରାଇଭର ସଂଘର ଆନ୍ଦୋଳନ ଶନିବାର ନୂଆ ମୋଡ଼ ନେଇଛି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବସ୍ ଚଳାଚଳ ଆରମ୍ଭ କରିଥିବା ବେଳେ ସଂଘ ମଧ୍ୟରେ ଥିବା ଫାଟ ପଦାକୁ ଆସିଛି। ଗତ ୫ ଦିନ ଧରି ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କାରଣରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଶୁକ୍ରବାର ବସି ମାଲିକ ସଂଘ ପକ୍ଷରୁ ଆନ୍ଦୋଳରୁ ସମର୍ଥନ ପ୍ରତ୍ୟାହାର ପରେ ଆନ୍ଦୋଳନ ସାମାନ୍ୟ ଦୁର୍ବଳ ହୋଇ ପଡ଼ିଥିବା କୁହାଯାଉଛି। ତେବେ ଏତେସବୁ ପରେ ମଧ୍ୟ ନିଜ ଜିଦରେ ଅଟଳ ରହିଛନ୍ତି ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି। କାନ୍ଦ କାନ୍ଦ ସ୍ୱରରେ ସେ ସାମାଜିକ ଗଣମାଧ୍ୟମରେ ଏନେଇ ଏକ ପୋଷ୍ଟ କରିବା ସହ ଆନ୍ଦୋଳନ ଜାରି ରଖିବାକୁ ନିବେଦନ କରିଛନ୍ତି। ଏପରିକି ଯେଉଁ ଡ୍ରାଇଭର ନିଷ୍ପତ୍ତିକୁ ଅମାନ୍ୟ କରି ଗାଡ଼ି ଚଳାଇବେ, ଦରକାର ପଡ଼ିଲେ ସେମାନଙ୍କୁ ସଂଘରୁ ବାହାର ▶ପୃଷ୍ଠା-୭




## ଦିଲ୍ଲୀରେ ୪ ମହଲା କୋଠା ଭୁଶୁଡ଼ି ୨ ମୃତ

ନୂଆଦିଲ୍ଲୀ, ୧୨।୭(ଏଜେନ୍ସି): ଦିଲ୍ଲୀର ୱେଲକମ୍ ଅଞ୍ଚଳରେ ଶନିବାର ଏକ ୪ ମହଲା କୋଠା ଭୁସୁଡି ପଡ଼ିଛି। ଏହି ଘଟଣାରେ ଦୁଇ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଏକ ଛୋଟପିଲା ସାମିଲ ରହିଛି। ଏହି ବିଲ୍ଡିଂରେ ୧୦ଜଣ ସଦସ୍ୟ ବିଶିଷ୍ଟ ଏକ ପରିବାର ରହୁଥିଲା। ଏହି କୋଠା ଭୁସୁଡିବା ଫଳରେ ଅବଶେଷ ସାମ୍ନା ଘରେ ପଡ଼ିବା ଫଳରେ ଜଣେ ଲୋକ ଆହତ ହୋଇଛନ୍ତି। ଶନିବାର ସକାଳ ୭ଟାରେ ସଲିମପୁରର ଇଦ୍‌ଗାହ ରୋଡ୍ ନିକଟରେ ଜନତା କଲୋନୀର ୫ ନଂ ଗଳିରେ କୋଠା ଭୁସୁଡିଥିବାର ସୂଚନା ମିଳିଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ଅତିରିକ୍ତ ଡିସିପି ସନ୍ଦୀପ ଲାମ୍ବା କହିଛନ୍ତି। ପୁଲିସ୍, ଏନ୍‌ଡିଆରଏଫ୍, ସିବିଲ ଡିଫେନ୍ସ ଓ ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ୩ ମାସ ପୂର୍ବରୁ ମୁସ୍ତାଫାବାଦ୍ ଅଞ୍ଚଳରେ ଏପ୍ରିଲ ୧୮ରେ ବିଳମ୍ବିତ ରାତିରେ ଏକ ୪ ମହଲା କୋଠା ଭୁସୁଡିଥିଲା ଓ ଏଥିରେ ୧୧ ଜଣ ଲୋକଙ୍କ ପ୍ରାଣହାନୀ ହୋଇଥିଲା।

## ୫ ଲକ୍ଷ ଆଫଗାନ୍‌ଙ୍କୁ ବାହାର କଲା ଇରାନ

ତେହେରାନ୍, ୧୨।୭(ଏଜେନ୍ସି): ମାତ୍ର ୧୬ ଦିନ ମଧ୍ୟରେ ଇରାନରୁ ୫ ଲକ୍ଷରୁ ଅଧିକ ଆଫଗାନଙ୍କୁ ବାହାର କରାଯାଇଛି। ଜୁନ୍ ୨୪ରୁ ଜୁଲାଇ ୯ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଥିଲା। ଫଳରେ ପ୍ରତ୍ୟେକ ଦିନ ହାରାହାରି ୩୦, ୦୦୦ ଆଫଗାନଙ୍କୁ ଦେଶରୁ ବାହାର କରାଯାଇଛି। ଅବୈଧ ଭାବେ ରହୁଥିବା ଆଫଗାନ ଜୁଲାଇ ୬ଟ ତାରିଖ ସୁଦ୍ଧା ଦେଶ ଛାଡିବାକୁ ୨୦୨୫ ମାର୍ଚ୍ଚରେ ଇରାନ ଘୋଷଣା କରିଥିଲା। ନହେଲେ ସେମାନଙ୍କୁ ଜବରଦସ୍ତି ବାହର କରାଯିବ ବୋଲି ଇରାନ ତରଫରୁ ଚେତାବନୀ ଦିଆଯାଇଥିଲା। ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ପରେ ଏହି ଅଭିଯାନ ଆହୁରି ଜୋରଦାର କରାଯାଇଛି। ଅନ୍ୟପଟେ ପାକିସ୍ତାନରୁ ମଧ୍ୟ ଆଫଗାନ ନାଗରିକଙ୍କୁ ବାହର କରିବା ପ୍ରକ୍ରିୟାକୁ ଆହୁରି ଜୋରଦାର କରାଯାଇଛି।

## ଇସ୍ତଫା ଦେବେ ଏଫ୍‌ବିଆଇ ନିର୍ଦ୍ଦେଶକ

ୱାସିଂଟନ, ୧୨।୭(ଏଜେନ୍ସି): ଆମେରିକାର ଗୋଇନ୍ଦା ଏଜେନ୍ସି ଏଫ୍‌ବିଆଇର ମୁଖ୍ୟ କାସ ପଟେଲ ଓ ତାଙ୍କ ଡେପୁଟି ତଥା ଉପ- ନିର୍ଦ୍ଦେଶକ ଡାନ ବୋଙ୍ଗିନୋ ପଦରୁ ଇସ୍ତାଫା ଦେଇପାରିନ୍ତି। ଏନେଇ ଦୁହେଁ ବିଚାର କରିବା ଆରମ୍ଭ କରିଛନ୍ତି। ଜେଫେରୀ ଏପ୍‌ଷ୍ଟିନ୍ ମାମଲାରେ ଜଡିତ ଫାଇଲ୍‌ର ଖୁଲାସା ଏବଂ ହ୍ୱାଇଟ ହାଉସ୍, ଏଫ୍‌ବିଆଇ ଓ ଆମେରିକାର ନ୍ୟାୟ ବିଭାଗ ମଧ୍ୟରେ ଚାଲିଥିବା ବିବାଦ କାରଣରୁ ଏହି ଦୁଇଜଣ ଇସ୍ତଫା ଦେବାର ସମ୍ଭାବନା ସୃଷ୍ଟି ହୋଇଛି ବୋଲି କୁହାଯାଇଛି। ବୋଙ୍ଗିନୋ ଏବଂ ଆଟର୍ଣ୍ଣି ଜେନେରାଲ ପାମ୍ ବୋଣ୍ଡି ମଧ୍ୟରେ ଜୋରଦାର ଯୁକ୍ତିତର୍କ ହେବାପରେ ସ୍ଥିତି ଓ ବିବାଦ ଆହୁରି ଜଟିଳ ହୋଇଛି। ବୁଧବାର ଏଫ୍‌ବିଆଇ ନିର୍ଦ୍ଦେଶକ କାଶ ପଟେଲ, ବୋଙ୍ଗିନୋ, ବୋଣ୍ଡି ଓ ଟ୍ରମ୍ପ ପ୍ରଶାସନର ଚିଫ୍ ଅଫ୍ ଷ୍ଟାଫ୍ ସୁଜି ବାଇଲ୍ସ ଏକ ବୈଠକରେ ମିଳିତ ହୋଇଥିଲେ। ଏହି ବୈଠକାରେ ମତପାର୍ଥକ୍ୟ ଓ ବିବାଦ ଖୋଲା ଖୋଲି ଭାବେ ସାମ୍ନାକୁ ଆସିଥିଲା। ଏଫ୍‌ବିଆଇ ତରଫରୁ ଏହି ମାମଲାରେ ଏକ ରିପୋର୍ଟ ଲିକ୍ କରାଯାଇଥିଲା ବୋଲି ପ୍ରଶ୍ନ କରାଯାଇଥିଲା। ଉଲ୍ଲେଖଥାଉ କି, ଏଲନ ମସ୍କ ଏପ୍‌ଷ୍ଟିନ୍ ମାମଲାରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଟାଣି ବିବାଦ ସୃଷ୍ଟି କରିଥିଲେ ଓ ଏହାପରେ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା।

## ୭୧ ବର୍ଷରେ ଚାଟାର୍ଡ ଆକାଉଣ୍ଟାଣ୍ଟ

ଜୟପୁର, ୧୨।୭(ଏଜେନ୍ସି): ରାଜସ୍ଥାନ ଜୟପୁରର ତାରାଚାନ୍ଦ ଅଗ୍ରୱାଲ ନାମକ ଜଣେ ୭୧ ବର୍ଷୀୟ ବ୍ୟକ୍ତି ଚାଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତାରାଚାନ୍ଦ ୨୦୧୪ରେ ଷ୍ଟେଟ୍ ବ୍ୟାଙ୍କ ବିକାନେର ଆଣ୍ଡ ଜୟପୁର (ଏବେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ)ର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ପଦରୁ ଅବସର ନେଇଥିଲେ। ୨୦୨୦ ନଭେମ୍ବରରେ କୋଭିଡ୍‌ରେ ପତ୍ନୀ ଦର୍ଶନାଙ୍କ ପରଲୋକ ପରେ ନିଃସଙ୍ଗତାକୁ ଦୂର କରିବାକୁ ଯାଇ ସେ ପଢ଼ାପଢ଼ି ଆରମ୍ଭ କରିଥିଲେ। ସେ ପିଏଚ୍‌ଡି କରିବାକୁ ଚିନ୍ତା କରିଥିଲେ। କିନ୍ତୁ ପିଲାମାନେ ତାଙ୍କୁ ସିଏ କରିବାକୁ ପରାମର୍ଶ ଦେଇଥିଲେ। ୨୦୨୧ରେ ସେ ସିଏ କ୍ଲିୟର କରିବାକୁ ନିଷ୍ପତ୍ତି ନେଇଥିଲେ ଓ ଶେଷରେ ସେ ୨୦୨୫ରେ ଏଥିରେ ସଫଳତା ହାସଲ କରିଛନ୍ତି। ସେ ଏଥିପାଇଁ କୌଣସି କୋଚିଂ ନେଇନଥିଲେ। ୟୁଟ୍ୟୁବରେ କିଛି ଭିଡିଓ ଦେଖି ଓ ବହି ପଢ଼ି ସେ ଏହି ସଫଳତା ପାଇଛନ୍ତି ବୋଲି କହିଛନ୍ତି।

## ବାଂଲାଦେଶ ଅର୍ଥଶାସ୍ତ୍ରୀ ଅବୁଲ ବରକତ ଗିରଫ

ଢ଼ାକା, ୧୨।୭(ଏଜେନ୍ସି): ବାଂଲାଦେଶରେ ଜଣାଶୁଣା ହିନ୍ଦୁ ସମର୍ଥକ ତଥା ଅର୍ଥଶସ୍ତ୍ରୀ ଅବୁଲ ବରକତଙ୍କୁ ଦୁର୍ନୀତି ସହିତ ଜଡିତ ଏକ ମାମଲାରେ ଗିରଫ କରାଯାଇଛି। ତାଙ୍କୁ ଶୁକ୍ରବାର ଜେଲ୍‌କୁ ପଠାଇଦିଆଯାଇଛି। ଘରେ ଚଢ଼ାଉ କରି ୨୦ ପୁଲିସ କର୍ମୀ ତାଙ୍କୁ ଗିରଫ କରିଥିଲେ। ସେ ଗତ ୪ ଦଶନ୍ଧି ହେବ ଢ଼ାକା ବିଶ୍ୱବିଦ୍ୟାଳୟରେ ଶିକ୍ଷକତା କରିଆସୁଛନ୍ତି। ସେ ମୁସଲମାନ ଚରମପନ୍ଥୀଙ୍କୁ ସବୁବେଳେ ଖୋଲାଖୋଲି ଭାବେ ବିରୋଧ କରିଆସିଛନ୍ତି। ୨୦୧୬ରେ ସେ ଦେଶ ହିନ୍ଦୁ ଶୂନ୍ୟ ହେବ ବୋଲି ଚେତାବନୀ ଦେଇଥିଲେ। ଯଦି ଏହି ଭଳି ହିନ୍ଦୁଙ୍କ ଉପରେ ଅତ୍ୟାଚାର କରାଯାଏ, ତେବେ ଦେଶର ହିନ୍ଦୁ ଜନସଂଖ୍ୟା ଶେଷ ହେବ ବୋଲି ସେ ଭବିଷ୍ୟବାଣୀ କରିଥିଲେ। ଆଗାମୀ ୩୦ ବର୍ଷରେ ହିନ୍ଦୁ ବାଂଲାଦେଶରେ ଆଉ ଦେଖିବାକୁ ମିଳିବେ ନାହିଁ ବୋଲି ସେ କହିଥିଲେ ଓ ସେତେବେଳେ ଏହାକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା।

### ଅହମଦାବାଦ ବିମାନ ଦୁର୍ଘଟଣା

# ରିପୋର୍ଟକୁ ନେଇ ପାଇଲଟ ସଂଘ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ବିଶ୍ୱକୁ ସ୍ତବ୍ଧ କରି ଦେଇଥିବା ଅହମଦାବାଦ ବିମାନ ଦୁର୍ଘଟଣା (ଜୁନ୍ ୧୨) ର ପ୍ରାରମ୍ଭିକ ତଦନ୍ତ ରିପୋର୍ଟକୁ ଶନିବାର ସାର୍ବଜନୀନ କରାଯାଇଛି। ୧୫ ପୃଷ୍ଠାର ଏହି ରିପୋର୍ଟରେ ବିମାନର ଇନ୍ଧନ ସ୍ୱିଚ୍ ବନ୍ଦ ହେବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି। ରିପୋର୍ଟରେ ପାଇଲଟଙ୍କ ତ୍ରୁଟିକୁ ଇଙ୍ଗିତ କରାଯାଇଛି। ତେବେ କକ୍‌ପିଟ୍‌ର ରେକର୍ଡିଂରୁ ଶେଷ ମୁହୂର୍ତ୍ତରେ ପାଇଲଟ୍‌ଙ୍କ ବାର୍ତ୍ତାଳାପର ତଥ୍ୟ ମଧ୍ୟ ଦିଆଯାଇଛି। ଏଥିରେ ଜଣେ ପାଇଲଟ ଅନ୍ୟ ଜଣକୁ ତୁମେ ଇନ୍ଧନ ସ୍ୱିଚ୍ ବନ୍ଦ କରିଥିଲ କି ବୋଲି ପଚାରୁଛନ୍ତି। ମାତ୍ର ଏହାର ଉତ୍ତରରେ ସେ ନାହିଁ ବୋଲି କହୁଛନ୍ତି। କିନ୍ତୁ ଏହି ଯାଞ୍ଚ ରିପୋର୍ଟ ଉପରେ ପ୍ରଶ୍ନ ଉଠାଯାଉଛି। ଅନେକ ପ୍ରଶ୍ନର ଉତ୍ତର ଏହି ରିପୋର୍ଟରେ ନାହିଁ ବୋଲି କୁହାଯାଉଛି। ଖାଲି ପାଇଲଟଙ୍କ ଉପରେ ଦୋଷ ଲଦି ତଦନ୍ତ ସାରି ଦେବାକୁ ପ୍ରୟାସ କରାଯାଉଛି। ତେଣୁ ନିରପେକ୍ଷ ଯାଞ୍ଚ ଦାବି କରାଯାଉଛି। ଏହି ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଉପରେ ଏୟାରଲାଇନ ପାଇଲଟ୍ ସଂଘ (ଏଏଲପିଏ) ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ର ତଦନ୍ତ ରିପୋର୍ଟ ଉପରେ ଚିନ୍ତା ପ୍ରକଟ କରାଯାଇଛି। ରିପୋର୍ଟ ପାଇଲଟ୍ ସଂଘ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଛି।

**ଯାଞ୍ଚର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଲା**

**ନିରପେକ୍ଷ ଓ ପ୍ରମାଣ ଆଧାରିତ ଯାଞ୍ଚ ଦାବି**

**ସାର୍ବଜନୀନ ହେବା ପୂର୍ବରୁ କେମିତି ଲିକ୍ ହେଲା ରିପୋର୍ଟ**

ସଂଘ ପକ୍ଷରୁ କୁହାଯାଇଛି ଯେ ବିମାନ ଦୁର୍ଘଟଣା ପାଇଁ ପାଇଲଟ ଦାୟୀ ବୋଲି ଯାଞ୍ଚରୁ ଲାଗୁଛି। ତଦନ୍ତର ଦିଗ ଏବଂ ରିପୋର୍ଟରେ ଅନୁଚିତ ଭାବେ ଏହି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ଏହାକୁ ସମ୍ପୂର୍ଣ୍ଣ ଭାବେ ସଂଘ ପକ୍ଷରୁ ଖାରଜ କରାଯାଉଛି। ସ୍ୱଚ୍ଛ, ନିରପେକ୍ଷ ଏବଂ ତଥ୍ୟ ଆଧାରିତ ଯାଞ୍ଚ ପାଇଁ ସଂଘ ଦାବି କରୁଛି ବୋଲି ଅଧ୍ୟକ୍ଷ ସାମ୍ ଥୋମାସ କହିଛନ୍ତି। ସେହିପରି ପାଇଲଟ୍ ସଂଘ ଏହି ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ ଥିବା କହିଛି। ଗୋପନୀୟତାର ସହ ତଦନ୍ତ ଚାଲୁଛି। ତେଣୁ ଏହା ଉପରୁ ବିଶ୍ୱସନୀୟତା ଏବଂ ଜନତାଙ୍କ ବିଶ୍ୱାସ ହ୍ରାସ ପାଇବାରେ ଲାଗିଛି। ଏହି ତଦନ୍ତ ଟିମ୍‌ରେ ଯୋଗ୍ୟ, ଅଭିଜ୍ଞ ବିଶେଷ କରି ପାଇଲଟ୍ ବୃତ୍ତିର ବିଶେଷଜ୍ଞଙ୍କ ଅଭାବ ରହିଛି। ଗୁରୁବାର 'ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପକ୍ଷରୁ ପ୍ରକାଶିତ ସ୍ତମ୍ଭକୁ ନେଇ ମଧ୍ୟ ଏଲପିଏ ଯାଞ୍ଚ ରିପୋର୍ଟକୁ ଘେରିଛି। ଏହି ରିପୋର୍ଟରେ ଇନ୍ଧନ ସ୍ୱିଚ୍ ବନ୍ଦ ଥିବା କୁହାଯାଇଥିଲା। ଏହାକୁ ନେଇ ପାଇଲଟ୍ ସଂଘ ପ୍ରଶ୍ନ ଉଠାଇଛି। ଏଭଳି ସମ୍ବେଦନଶୀଳ ମାମଲାର ତଦନ୍ତ ରିପୋର୍ଟ କେମିତି ଲିକ୍ ହୋଇଗଲା ବୋଲି ପଚାରିଛି। ବିଧିବଦ୍ଧ ଭାବେ ସରକାରୀ ପୁଷ୍ଟିକରଣ ବିନା କେମିତି ଏହି ରିପୋର୍ଟକୁ ଏଏଆଇବି ଜାରି କରିଦେଲା? ଏହି ରିପୋର୍ଟରେ କୌଣସି ଦାୟିତ୍ୱବାନ ଅଧିକାରୀଙ୍କ ସ୍ୱାକ୍ଷର କିମ୍ବା ନାମ ନାହିଁ। ଏହି ତଦନ୍ତ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପୁଣିଥରେ ସଂଘ ଅନୁରୋଧ କରିଛି। ସ୍ୱଚ୍ଛତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟବେକ୍ଷକ ଭାବେ ତଦନ୍ତ ପ୍ରକ୍ରିୟାରେ ସାମିଲ କରିବା ପାଇଁ କୁହାଯାଇଛି।






## ଦୁର୍ଘଟଣାର ମୂଳ କାରଣ ଇନ୍ଧନ ସ୍ୱିଚ୍

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ବିମାନର ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ଆକାରରେ କ୍ଷୁଦ୍ର ହୋଇଥାଏ। ମାତ୍ର ଏହା ବହୁତ ଶକ୍ତିଶାଳୀ। ଏହା ବିମାନର ଇଞ୍ଜିନକୁ ଇନ୍ଧନ ନିୟନ୍ତ୍ରଣ କରିଥାଏ। ବିମାନ କକ୍‌ପିଟ୍‌ର ଥ୍ରଷ୍ଟ ଲିଭର ନିକଟରେ ଏହି ସ୍ୱିଚ୍ ଥାଏ। ଏହା ଇଞ୍ଜିନରେ ଇନ୍ଧନ ଯୋଗାଣକୁ ନିୟନ୍ତ୍ରଣ କରିଥାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ଆରମ୍ଭ କରିବା (ରନ୍ ପୋଜିସନ) କିମ୍ବା ବନ୍ଦ କରିବା (କଟ୍ ଅଫ୍ ପୋଜିସନ) ଏହାର ପ୍ରମୁଖ କାମ। ପ୍ରତ୍ୟେକ ଇଞ୍ଜିନ ପାଇଁ ଅଲଗା ଅଲଗା ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ରହିଥାଏ। ଉଦାହରଣ ସ୍ୱରୂପ ବୋଇଂ ୭୮୭ରେ ଦୁଇଟି ଇଞ୍ଜିନ ରହିଛି। ଏଥିପାଇଁ ଦୁଇଟି ସ୍ୱିଚ୍ ଥାଏ। ଗୋଟିଏ ବାମ ଇଞ୍ଜିନ ପାଇଁ ହୋଇଥିବାବେଳେ ଅନ୍ୟଟି ଡାହାଣ ଇଞ୍ଜିନ ପାଇଁ ଉଦ୍ଦିଷ୍ଟ। ସ୍ୱିଚ୍ 'ରନ୍'ରେ ଥିଲେ ଫୁଏଲ ଭାଲ୍‌ଭ ଖୋଲିଥାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ଆରମ୍ଭ ହୋଇଥାଏ। ଏହା ଦ୍ୱାରା ଇଞ୍ଜିନ ଚାଲୁ ହୋଇଥାଏ ଏବଂ ବିମାନକୁ ଥ୍ରଷ୍ଟ (ଶକ୍ତି) ମିଳିଥାଏ। ସେହିପରି ସ୍ୱିଚ୍ 'କଟ୍‌ଅଫ୍'ରେ ରହିଲେ ଫୁଏଲ ଭାଲ୍‌ଭ ବନ୍ଦ ହୋଇଯାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ହୋଇ ନ ଥାଏ। ଫଳରେ ଇଞ୍ଜିନ ତୁରନ୍ତ ବନ୍ଦ ହୋଇଯାଏ। ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ସ୍ପ୍ରିଙ୍ଗ-ଲୋଡେଡ ହୋଇଥାଏ। ଏଥିରେ ଡିଟେଣ୍ଟ (ଏକପ୍ରକାରର ଲକ୍ ସିଷ୍ଟମ) ଥାଏ। ଏହା ସ୍ୱିଚ୍‌କୁ ନିର୍ଦ୍ଧାରିତ ସ୍ଥିତିରେ ସ୍ଥିର ରଖିଥାଏ। ସ୍ୱିଚ୍‌ର କମାଣ୍ଡ ପରିବର୍ତ୍ତନ ଲାଗି ଏହାକୁ ଧରି ଡିଟେଣ୍ଟକୁ ବାହାର କରିବାକୁ ପଡ଼ିଥାଏ। ପରେ ମୁକ୍ତ କରାଯାଇଥାଏ। ଏହା କୌଣସି ସାଧାରଣ ସ୍ୱିଚ୍ ନୁହେଁ। ଭୁଲ୍‌ରେ ଧକ୍କା ଲାଗିଲେ ବି ଏହା ଦବି ଯିବ ନାହିଁ। ବିଶେଷଜ୍ଞଙ୍କ ଅନୁଯାୟୀ ଏହି ସ୍ୱିଚ୍ ଭୁଲ୍‌ରେ କିମ୍ବା ସହଜରେ ଚାଲୁ ହୋଇପାରିବ ନାହିଁ। କୌଣସି ପାଇଲଟ ଉଡ଼ାଣ ଆରମ୍ଭ କରିବା ସମୟରେ ଏହି ସ୍ୱିଚ୍‌କୁ କେବେ ବନ୍ଦ କରିବ ନାହିଁ। କାରଣ ତୁରନ୍ତ ଏହାର ପ୍ରଭାବ ପଡ଼ିଥାଏ ବୋଲି ସେ ଜାଣିଛନ୍ତି। ଅନ୍ୟଜଣେ ବିଶେଷଜ୍ଞ କହିଛନ୍ତି ଯେ ଏହି ସ୍ୱିଚ୍ ସ୍ୱାଧୀନ ଭାବେ ତାର ଏବଂ ବିଦ୍ୟୁତ ସହ ସଂଯୋଗ ହୋଇଥାଏ। ତେଣୁ କୌଣସି ଯାନ୍ତ୍ରିକ ତ୍ରୁଟି ବିନା ଅଜାଣତରେ ଏହା ବନ୍ଦ ହେବାର ସମ୍ଭାବନା ବହୁତ କମ୍।

### କୋଲକାତାରେ ପୁଣି ଛାତ୍ରୀ ଦୁଷ୍କର୍ମ

## ଏଥର ଆଇଆଇଏମ୍ କୋଲକାତା ଗିରଫ ହେଲା ଅଭିଯୁକ୍ତ ଛାତ୍ର



କୋଲକାତା, ୧୨।୭(ଏଜେନ୍ସି): କୋଲକାତାରେ ପୁଣି ଏକ ଛାତ୍ରୀ ଦୁଷ୍କର୍ମ ମାମଲା। ଗତବର୍ଷ ଆରଜି କର ମେଡିକାଲ କଲେଜରେ ମହିଳା ଜୁନିୟର ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା। ୧୫ ଦିନ ତଳେ କୋଲକାତାର ଏକ ଆଇନ କଲେଜରେ ଜଣେ ଆଇନ ଛାତ୍ରୀଙ୍କୁ ଦୁଷ୍କର୍ମ। ପୁଣି ଗତକାଲି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମଣ୍ଟ (ଆଇଆଇଏମ୍) ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଛି। ଗୋଟିଏ ପରେ ଆଉ ଗୋଟିଏ ଏଭଳି ଘଟଣା କୋଲକାତାରେ ନାରୀ ସୁରକ୍ଷାକୁ ନେଇ ପ୍ରଶ୍ନ ଚିହ୍ନ ଲଗାଇଛି।

ଜଣେ ଛାତ୍ରୀ ଅଭିଯୋଗ କରିଛନ୍ତି ଯେ ଆଇଆଇଏମ୍ ହଷ୍ଟେଲରେ ତାଙ୍କୁ ମୃଦୁପାନୀୟ ଦେଇ ଅଚେତ କରାଇବା ପରେ ଦୁଷ୍କର୍ମ କରିଛି ଜଣେ ଛାତ୍ର। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଅଭିଯୁକ୍ତ ଦ୍ୱିତୀୟ ବର୍ଷ ଛାତ୍ରକୁ ଗିରଫ କରି ଜେଲ୍ ପଠାଇ ଦେଇଛି। ଦୁଷ୍କର୍ମର ଶିକାର ହୋଇଥିବା ଛାତ୍ରୀ କରିଥିବା ଅଭିଯୋଗ ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ଛାତ୍ରୀ ଓ ଅଭିଯୁକ୍ତ ପରସ୍ପର ସହ ପରିଚିତ ହେଇଥିଲେ। ଏକ ବ୍ୟକ୍ତିଗତ ମାମଲାରେ ପରାମର୍ଶ ନେବାପାଇଁ ଛାତ୍ରୀ ଜଣକ ଅଭିଯୁକ୍ତକୁ ଭେଟିବାକୁ ଆଇଆଇଏମ୍ ଆସିଥିଲେ। ଏହାପରେ ସେହି ଅଭିଯୁକ୍ତ ଛାତ୍ର ତାଙ୍କୁ ଛାତ୍ର ହଷ୍ଟେଲକୁ ନେଇଯାଇଥିଲା। ସେଠାରେ ତାଙ୍କୁ ପିଜା ଖାଇବାକୁ ଦେବା ସହିତ ମୃଦୁପାନୀୟ ଦେଇଥିଲା। ଖାଇବା ପରେ ସେ ଅଚେତ ହୋଇପଡ଼ିଥିଲେ। ଏହାପରେ ଛାତ୍ର ଜଣକ ତାଙ୍କୁ ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଛନ୍ତି। ଚେତା ଫେରିବା ପରେ ସେ ଦୁଷ୍କର୍ମର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଦୁଷ୍କର୍ମ କଥା କାହାକୁ ନ କହିବାକୁ ଅଭିଯୁକ୍ତ ଧମକ ଦେଇଥିଲା ବୋଲି ସେ କହିଛନ୍ତି। ଏହି କଥା ବାହାରେ ପ୍ରଘଟ କଲେ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ଅଭିଯୁକ୍ତ ଧମକ ଦେଇଥିଲା। କାଉନେସେଲିଂ ସେସନ ପାଇଁ ତାଙ୍କୁ ହଷ୍ଟେଲ ଡକାଯାଇଥିଲା ବୋଲି ପୀଡିତା ଏଫ୍‌ଆଇଆରରେ ଉଲ୍ଲେଖ କରିଛନ୍ତି।

ଏହି ଘଟଣାକୁ ନେଇ ପୁଲିସ ତନାଘନା ଆରମ୍ଭ କରିଛି। ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଛାତ୍ରୀଙ୍କ ସୁରକ୍ଷା ଲାଗି କାହିଁକି ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ ବୋଲି ବିଭିନ୍ନ ଦଳ ଓ ସଂଗଠନ ପ୍ରଶ୍ନ ଉଠାଇଛନ୍ତି। ଗତ ମାସ ୨୫ ତାରିଖରେ ଆଇନ କଲେଜ ଛାତ୍ରୀଙ୍କୁ କଲେଜ ହଷ୍ଟେଲ ପରିସରରେ ଗଣଦୁଷ୍କର୍ମ କରାଯାଇଥିଲା। ଏହାସତ୍ତ୍ୱେ ପୁଲିସ ଓ ପ୍ରଶାସନ କାହିଁକି ଚେତୁନାହିଁ? ତେବେ ଏହି ମାମଲାରେ ଆଇଆଇଏମ୍ ସଂପୂର୍ଣ୍ଣ ରୂପେ ପୁଲିସ ସହଯୋଗ କରିବା ସହିତ ସୁରକ୍ଷା ଲାଗି ସବୁ ପ୍ରକାର ବ୍ୟବସ୍ଥା କରାଯାଉଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ ଦୁଷ୍କର୍ମର ଶିକାର ହୋଇଥିବା ଛାତ୍ରୀଙ୍କ ପିତା ଏହି ଦୁଷ୍କର୍ମ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଝିଅଙ୍କୁ ଦୁଷ୍କର୍ମ ହୋଇନାହିଁ। ପୁଲିସ ଏଭଳି ଅଭିଯୋଗ କରିବା ଲାଗି ତାଙ୍କ ଝିଅ ଉପରେ ଚାପ ପକାଇଥିବା ସେ ଅଭିଯୋଗ କରିଛନ୍ତି।

## ୭ ବର୍ଷ ତଳେ ସ୍ୱିଚ୍‌କୁ ନେଇ ସତର୍କ କରିଥିଲା ଆମେରିକା

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାକୁ ନେଇ ଏଏଆଇବିର ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଜାରି କରିଛି। ଏହି ରିପୋର୍ଟରେ ବିମାନର ଇନ୍ଧନ ସ୍ୱିଚ ବନ୍ଦ ହୋଇଯିବା ଯୋଗୁଁ ଦୁର୍ଘଟଣା ଘଟିଲା ବୋଲି କୁହାଯାଇଛି। ଏହା ମଧ୍ୟରେ ଆମେରିକାର ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ୨୦୧୮ ରେ ଇନ୍ଧନ ସ୍ୱିଚ୍‌କୁ ନେଇ ଜାରି କରିଥିବା ମାର୍ଗଦର୍ଶିକା ଉପରେ ଚର୍ଚ୍ଚା ଜୋର୍ ଧରିଛି। ଏହି ମାର୍ଗଦର୍ଶିକାକୁ ଅଣଦେଖା କିମ୍ବା ଅବହେଳା କରିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଏଏଆଇବିର ଏହି ଯାଞ୍ଚ ରିପୋର୍ଟକୁ ନେଇ ପ୍ରଶ୍ନ ଉଠିଛି। ଏଥିରେ ପାଇଲଟଙ୍କ ତ୍ରୁଟି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥିବାବେଳେ ଏ ନେଇ କୌଣସି ପ୍ରମାଣ ଦିଆଯାଇ ନାହିଁ। ଏବେ ଯାଞ୍ଚରେ ଇନ୍ଧନ ସ୍ୱିଚ କେମିତି ବନ୍ଦ ହେଲା ତାହାକୁ ଧ୍ୟାନ ଦିଆଯାଉଛି। ରିପୋର୍ଟରେ କେଉଁ ଇନ୍ଧନ ସ୍ୱିଚ ଆଗ ବନ୍ଦ ହୋଇଥିଲା ତାହାର ମଧ୍ୟ ସୂଚନା ନାହିଁ। କିନ୍ତୁ ଦୁର୍ଘଟଣାସ୍ଥଳରେ ଦୁଇଟି ଯାକ ସ୍ୱିଚ ଅନ୍ ଥିବା ଦେଖା ଯାଇଥିଲା। କକ୍‌ପିଟ୍ ଭିତରେ ଏକ ସ୍କ୍ରିନ୍ ରହିଥାଏ। ଏଥିରେ କେତେବେଳେ କେଉଁ ପଦକ୍ଷେପ ନିଆଯିବ ତାହା ସୂଚିତ କରାଯାଇଥାଏ।

୨୦୧୮ ରେ ଏଫଏଏ ବୋଇଂ ଡ୍ରିମ୍‌ଲାଇନର ବିମାନର ଇନ୍ଧନ ସ୍ୱିଚ ଲକିଂ ସିଷ୍ଟମରେ ଥିବା ସମ୍ଭାବ୍ୟ ସମସ୍ୟାକୁ ନେଇ ବୁଲେଟିନ ଜାରି କରିଥିଲା। ଏଥିରେ କୁହାଯାଇଥିଲା ଯେ ଡ୍ରିମଲାଇନରର 'ଫୁଏଲ କଣ୍ଟ୍ରୋଲ ସ୍ୱିଚ୍'ର ଲକିଂ ବୈଶିଷ୍ଟ୍ୟ ନିଷ୍କ୍ରିୟ ହେବାର ଆଶଙ୍କା ରହିଛି। ବୋଇଂ ଡ୍ରିମ୍‌ଲାଇନର ୭୩୭ ମଡେଲ ବିଶିଷ୍ଟ ବିମାନର କିଛି ଅପରେଟରଙ୍କ ରିପୋର୍ଟକୁ ଆଧାର କରି ଏଫଏଏ ଏହି ମାର୍ଗଦର୍ଶିକା ଜାରି କରିଥିଲା। ଏ ନେଇ ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ଏହା କେବଳ ପରାମର୍ଶ ଥିଲା। ଏହା ବାଧ୍ୟତାମୂଳକ ନିର୍ଦ୍ଦେଶ ନ ଥିଲା। ଏଥିପାଇଁ ଫୁଏଲ କଣ୍ଟ୍ରୋଲ ସ୍ୱିଚର ଯାଞ୍ଚ କରାଯାଇ ନ ଥିଲା। ଏବେ ପ୍ରଶ୍ନ ଉଠୁଛି ଯେ ଏହି ସ୍ୱିଚ୍ ଯାଞ୍ଚ କରିଥିଲେ ବୋଧେ ଏତେ ବଡ଼ ଦୁର୍ଘଟଣା ଘଟି ନ ଥାଆନ୍ତା।

## ପଶ୍ଚିମ ୟୁକ୍ରେନରେ ରୁଷିଆର ଡ୍ରୋନ୍, ମିସାଇଲ ଆକ୍ରମଣ

କିଭ୍, ୧୨।୭(ଏଜେନ୍ସି): ୟୁକ୍ରେନ ଉପରେ ରୁଷିଆ ପୁଣିଥରେ ଆକ୍ରମଣ କରିଛି। ପଶ୍ଚିମ ୟୁକ୍ରେନ୍‌ରେ ରୁଷିଆ ଶନିବାର ଶହ ଶହ ସଂଖ୍ୟାରେ ଡ୍ରୋନ ଓ ମିସାଇଲ ଆକ୍ରମଣ କରିଛି। ଚଳିତ ମାସରେ ଏହ ରୁଷିଆର ଚତୁର୍ଥ ବଡ଼ ଧରଣର ଆକ୍ରମଣ। ଏହି ଆକ୍ରମଣରେ ଅତିକମ୍‌ରେ ଦୁଇଜଣ ଲୋକ ପ୍ରାଣ ହରାଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ରୁଷିଆ ୫୯୭ ଡ୍ରୋନ ଓ ୨୬ ମିସାଇଲ ମାଡ କରିଥିଲା ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମୀର ଜେଲେନସ୍କି କହିଛନ୍ତି। ୟୁକ୍ରେନ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ ୩୧୯ଟି ଡ୍ରୋନ ଓ ୨୫ଟି ମିସାଇଲକୁ ନଷ୍ଟ କରିବାରେ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି।

### କପିଳ ଶର୍ମାଙ୍କୁ ଆତଙ୍କୀ ପନ୍ନୁର ଧମକ

## କାନାଡାରେ କାରବାର ବନ୍ଦ କର

ଅମୃତସର, ୧୨।୭(ଏଜେନ୍ସି): ଖଲିସ୍ତାନୀ ଆତଙ୍କୀ ଗୁରପତବନ୍ତ ସିଂହ ପନ୍ନୁ କମେଡିଆନ କପିଳ ଶର୍ମାଙ୍କୁ କାନାଡାରେ କାଫେ ଖୋଲିବା କାରଣରୁ ଧମକ ଦେଇଛି। ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି ସେ ଏହି ଧମକ ଦେଇଛି। କପିଳ ନିଜକୁ ଜଣେ ହିନ୍ଦୁବାଦୀ ବୋଲି ପରିଚୟ ଦେଉଛନ୍ତି ବୋଲି ସେ କହିଛି। ତେଣୁ ତାଙ୍କ କାଫେ ଉପରେ ଗୁଳି ଚଳାଇ ଯାଇପାରିବ ଓ ଏଥିପାଇଁ ଖଲିସ୍ତାନୀ ସମର୍ଥକଙ୍କୁ ଦାୟୀ କରାଯାଇପାରିବ ବୋଲି ସେ କହିଛି। ଏ ସଂକ୍ରାନ୍ତରେ ପନ୍ନୁ ଅଜବ ଯୁକ୍ତି ଉପସ୍ଥାପନା କରିଛି। ଭାରତର ଲୋକ କାନାଡାର ସବୁ ସହରରେ ରହୁଛନ୍ତି। କପିଳ କାଫେ ଖୋଲିବା ବିଶ୍ୱସ୍ତରରେ ହିନ୍ଦୁତ୍ୱର ବିସ୍ତାର ପାଇଁ ଏକ ସୁଚିନ୍ତିତ ଯୋଜନା ତଥା ରଣନୀତର ଅଂଶବିଶେଷ ହୋଇପାରେ। କପିଲ୍ ଭଳି ବ୍ୟକ୍ତି କାନାଡାରେ ବ୍ୟବସାୟ କରିବାକୁ ଆସୁଛନ୍ତି।

## କର୍ଣ୍ଣାଟକ ଗୋକର୍ଣ୍ଣ ଗୁମ୍ଫାରୁ ରୁଷୀୟ ମହିଳା ଓ ୨ ଝିଅ ଉଦ୍ଧାର

କାରବାଡ଼, ୧୨।୭(ଏଜେନ୍ସି): ଉତ୍ତର କନଡ଼ ଜିଲ୍ଲାର କୁମତା ତାଲୁକରେ ରାମତୀର୍ଥ ପାହାଡରେ ଥିବା ଗୋକର୍ଣ୍ଣ ଗୁମ୍ଫାରୁ ଜଣେ ରୁଷୀୟ ମହିଳା ଓ ତାଙ୍କ ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରାଯାଇଛି। ଏହି ମହିଳା ହେଉଛନ୍ତି ୪୦ ବର୍ଷୀୟା ନୀନା କୁଟିନା। ଏହି ମହିଳା ଜଣକ ବିଜନେସ ଭିଜାରେ ଭାରତ ଆସଥିଲେ। ସନାତନ ଧର୍ମ ଓ ବଳିଷ୍ଠ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ପ୍ରଭାବିତ ହୋଇ ସେ ଗୋଆରୁ ଆସି ଗୋକର୍ଣ୍ଣରେ ପହଞ୍ଚିଥିଲେ। ତାଙ୍କ ସହ ଦୁଇ ଝିଅ ୬ ବର୍ଷୀୟା ପ୍ରିୟା ଓ ୪ ବର୍ଷୀୟ ଅମାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଜଙ୍ଗଲର ମଝିରେ ଏହି ୩ ଜଣ ଦୁଇ ସପ୍ତାହ ରହିଥିଲେ। ଗୁମ୍ଫା ମଧ୍ୟରେ ସେ ସାଧାରଣ ଘର ତିଆରି କରିଥିଲେ। କିଛିଦିନ ତଳେ ହୋଇଥିବା ଭୂସ୍ଖଳନ ପରେ ନିୟମିତ ପେଟ୍ରୋଲିଂ ଅବସରରେ ପୁଲିସ ଗୁମ୍ଫା ବାହାରେ କିଛି ପୋଷାକ ସୁଖା ଯାଉଥିବାର ଦେଖିଥିଲା। ଗୁମ୍ଫା ଭିତରରେ ପହଞ୍ଚିବା ପରେ ପୁଲିସ ମହିଳା ଓ ତାଙ୍କ ଦୁଇ ଝିଅଙ୍କୁ ଦେଖି ଚକିତ ହୋଇଥିଲା। ଘନ ଜଙ୍ଗଲରେ ଏମାନେ କିପର ବଞ୍ଚି ରହିଲେ ଓ କଣ ଖାଉଥିଲେ ସେ ନେଇ ପୁଲିସ କର୍ମଚାରୀ ବେଶ୍ ଚକିତ ହୋଇଥିଲେ। ତେବେ ୩ ଜଣଙ୍କ ସହ କୌଣସି ଦୁର୍ଘଟଣା ହୋଇ ନଥିବା କଥା ପୁଲିସ ସ୍ୱଷ୍ଟ କରିଛି। ମହିଳା ଜଣକ ଗୋଆରୁ ଏହି ଗୁମ୍ଫାରେ ଆସି ପହଞ୍ଚିଥିଲେ ବୋଲି ପୁଲିସ କହିଛି। ୨୦୧୭ ସୁଦ୍ଧା ମହିଳାଙ୍କ ଭିଜା ଶେଷ ହୋଇଥିଲା। କିନ୍ତୁ ସେ କେବେଠାରୁ ଭାରତରେ ରହୁଛନ୍ତି ତାହା ସ୍ୱଷ୍ଟ ହୋଇନାହିଁ। ଜଣେ ସାଧ୍ୱୀଙ୍କ ଆଶ୍ରମରେ ମହିଳାଙ୍କର ରହିବା ବ୍ୟବସ୍ଥା କରାଯାଇଛି। ଗୋକର୍ଣ୍ଣରୁ ତାଙ୍କୁ ବେଙ୍ଗାଲୁରୁ ନିଆଯିବା ଓ ପ୍ରତ୍ୟାର୍ପଣର ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଏଥିପାଇଁ ଏକ ସ୍ଥାନୀୟ ଏନ୍‌ଜିଓ ମାଧ୍ୟମରେ ରୁଷ୍ ଦୂତାବାସ ସହ ସମ୍ପର୍କ କରାଯାଇଛି। ଏ ନେଇ ସବୁ ପ୍ରକାର ଔପଚାରିକତା ଆରମ୍ଭ କରାଯାଇଛି। ଏହି ଗୁମ୍ଫା ୫୦୦ ମିଟର ଉଚ୍ଚରେ ରହିଛି। ଏହା ଭିତରେ ଏକ ଶିବଲିଙ୍ଗ ରହିଛି। ସେଠାରେ ବହୁ ସଂଖ୍ୟାରେ ବାଦୁଡି ରହିଥାନ୍ତି। ଏଠାକାର ପ୍ରାକୃତିକ ପରିବେଶ ଓ ଶାନ୍ତ ବାତାବରଣରେ ଯୋଗ ଓ ଧ୍ୟାନ କରିବା ବେଶ୍ ଭଲ ଭାବେ ହୋଇଥାଏ।









ଚିକିତ୍ସା ପରେ ମୁମ୍ବାଇରୁ ଓଡ଼ିଶା ଫେରିବା ଅବସରରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ ପାଇଁ ଭୁବନେଶ୍ୱର ବିମାନବନ୍ଦରରେ ଲୋକାରଣ୍ୟ

■ ବାଲେଶ୍ୱର ଘଟଣାକୁ କଡ଼ା ନିନ୍ଦା କଲେ ପିସିସି ସଭାପତି

## ଶିକ୍ଷାନୁଷ୍ଠାନରେ ଅଭାବନୀୟ ଘଟଣା ପାଇଁ ଉଚ୍ଚଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ

ଭୁବନେଶ୍ୱର, ୧୨।୭ (ସମିସ): ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଏକ ପ୍ରେସ୍ ବିବୃତିରେ ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶାରେ ମହିଳା ଅସୁରକ୍ଷିତ। ଏକଥା କହି ରାହୁଲ ଗାନ୍ଧୀ ଓଡ଼ିଶା ଛାଡ଼ିବାର ଗୋଟିଏ ଦିନ ହୋଇଛି, ଆଜି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଗଲା। ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ଜଣେ ଛାତ୍ରୀ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଭଳି ଚରମ ପଦକ୍ଷେପ ନେଲେ।



ଶ୍ରୀ ଦାସ କହିଛନ୍ତି, ଯୌନ ଅନୁଗ୍ରହ ଏବଂ ନିର୍ଯାତନା ବିଷୟରେ କର୍ତ୍ତୃପକ୍ଷ ଅବଗତ ଥିଲେ। କିନ୍ତୁ ଝିଅଟିକୁ ସୁରକ୍ଷା ଦେବା କିମ୍ବା ନ୍ୟାୟ ଦେବା ପାଇଁ କିଛି କରି ନ ଥିଲେ। ତେଣୁ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଓ ଅଧିକାରୀ ମଧ୍ୟ ଏ ଘଟଣା ପାଇଁ ସମାନ ଭାବେ ଦାୟୀ। ରାଜ୍ୟର କୌଣସି ସରକାରୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ମନ୍ତ୍ରୀ ନିଜ ବିଫଳତା ସ୍ୱୀକାର କରି ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଏଥିସହ ଶ୍ରୀ ଦାସ ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

**ବିଜେଡିର ଅଭିଯୋଗ**

## ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାର ଦାୟୀ

ଭୁବନେଶ୍ୱର,୧୨।୭ (ସମିସ): ଫକୀର ମୋହନ ମହାବିଦ୍ୟାଳୟର ଶନିବାର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ପରି ଅଭାବନୀୟ ଘଟଣା ଘଟିଛି। ଏପରି ସ୍ପର୍ଶକାତର ଘଟଣା ପାଇଁ କଲେଜ କର୍ତ୍ତୃପକ୍ଷ ଓ ପୁଲିସର ନିଷ୍କ୍ରିୟତା ସହ ବାଲେଶ୍ୱର ସାଂସଦଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛି ବିଜେଡି। ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛନ୍ତି। ନାରୀଟିଏ ନ୍ୟାୟ ପାଇବା ପାଇଁ କାହା ପାଖରେ ଦ୍ୱାରସ୍ଥ ହେବ ବୋଲି ବିଜେଡି ପ୍ରଶ୍ନ କରିଛି।

■ ମହାବିଦ୍ୟାଳୟରେ ଛାତ୍ରୀ ଅସୁରକ୍ଷିତ, ଅଧ୍ୟକ୍ଷଙ୍କ ଗିରଫ ଦାବିକଲା ଦଳ
■ ଛାତ୍ରୀଙ୍କୁ ଏମ୍ସରେ ଭେଟିଲେ ବିଜେଡିର ପ୍ରତିନିଧିମଣ୍ଡଳୀ
■ ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ

ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି ଯେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଗତ ଜୁଲାଇ ୧ତାରିଖରେ ଲିଖିତ ଭାବେ ଜୈନିକ ଅଧ୍ୟାପକ ତାଙ୍କଠାରୁ ଶାରୀରିକ ସୁଖ ପାଇଁ ଚାହୁଁଥିଲା ଭଳି ସଙ୍ଗୀନ ଅଭିଯୋଗ କରିଥିଲେ। ମାତ୍ର ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତର ସହ ନେଇନଥିଲେ। ଫଳରେ ଅଧ୍ୟକ୍ଷ କୌଣସି ତ୍ୱରିତ ପଦକ୍ଷେପ ନ ନେବାରୁ ଛାତ୍ରୀ ଜଣଙ୍କ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ୍ୟ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ। ଯାହାକୁ ପ୍ରତାପ ଷଡଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡମ୍ବନାର କଥା ଶ୍ରୀ ଷଡଙ୍ଗୀ ଛାତ୍ରୀଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଘଟଣାକୁ ହାଲକା ଭାବେ ନେବା ଦ୍ୱାରା ଆଜି ଛାତ୍ରୀ ଜଣଙ୍କ ଦୀର୍ଘ ୧୨ ଦିନ



ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ବାଧ ହୋଇ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଲେ। ଛାତ୍ରୀଜଣକ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ। ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ? ଛାତ୍ରୀ ଜଣଙ୍କ ଏବିଭିପିର ସଦସ୍ୟା ହୋଇଥିଲେ ମଧ୍ୟ ଆମ ପାଇଁ ନାରୀର ସୁରକ୍ଷା ଓ ସମ୍ମାନ ସର୍ବଉପରେ। ଏହି ଛାତ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜେଡି ଲଢେଇ ଜାରି ରଖିବ। ଏହି ବର୍ବରୋଚିତ ଘଟଣା ଘଟିଲା ପରେ କଲେଜ ଅଧ୍ୟକ୍ଷ ଏହା ଏକ ବଡ ଅଭିଯୋଗ ନୁହେଁ ବୋଲି ଦାୟିତ୍ୱହୀନ ମନ୍ତବ୍ୟ ପ୍ରଦାନ କଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ଅଧ୍ୟକ୍ଷ ଦୋଷୀଙ୍କୁ ସୁରକ୍ଷା ଦେବା ପାଇଁ ଆପ୍ରାଣ ଚେଷ୍ଟା କରୁଛନ୍ତି। ତେଣୁ ଅଧ୍ୟକ୍ଷଙ୍କୁ ତଦନ୍ତ ପରିସରଭୁକ୍ତ କରି ଗିରଫ କରାଯାଉ ବୋଲି ବିଜେଡି ଦାବି କରିଛି। ନିକଟରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ନୃଶଂସ ଭାବେ ଗଣଦୁଷ୍କର୍ମ ପରି ଲୋମହର୍ଷଣକାରୀ ଘଟଣା ଛାତ୍ର ସମାଜର ମନରୁ ନଲିଭିଥିଲା ବେଳେ ଫକୀର ମୋହନ କଲେଜରେ ଆଜିର ଏହି ଘଟଣା ସାଧାରଣ ଲୋକଙ୍କୁ ମର୍ମାହତ କରିଛି। ଏହି ଘଟଣାରେ ସ୍ପଷ୍ଟ ପ୍ରତୀୟମାନ ହେଉଛି, ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

ଅପରପକ୍ଷେ ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ ଭୁବନେଶ୍ୱର ସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବୁଝିବା ପାଇଁ ଦଳର ଏକ ପ୍ରତିନିଧି ମଣ୍ଡଳୀ ଏମ୍ସ ଗସ୍ତ କରି ପୀଡିତାଙ୍କ ଭାଇଙ୍କ ସହିତ ଘଟଣା ସଂପର୍କରେ ଆଲୋଚନା କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗୀନୀ ଛୁରିଆ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ମେୟର ସୁଲୋଚନା ଦାସ, ବିଧାୟକ ଗୌତମ ବୁଦ୍ଧ ଦାସ, ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର, ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓ ମୁଖପାତ୍ର ଇପ୍ସିତା ସାହୁ ପ୍ରମୁଖ ରହିଛନ୍ତି।

**ଅଳ୍ପକେ ଟଳିଲା ବଡ଼ ଅଘଟଣ**

## ଓସିଏ କନ୍‌ଫରେନ୍ସ ହଲ୍‌ରେ ଅଗ୍ନିକାଣ୍ଡ

କଟକ, ୧୨।୭ (ସମିସ): ବାରବାଟୀ ଷ୍ଟାଡିୟମ୍ ପରିସରରେ ଥିବା ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) କନ୍‌ଫରେନ୍ସ ହଲ୍‌ରେ ଆଜି ଦିନ ପ୍ରାୟ ୧ଟା୪୦ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଯଦିଓ କେହି ମୃତାହତ ହୋଇ ନାହାନ୍ତି, ଦେଢ଼ କୋଟିରୁ ଅଧିକ ଟଙ୍କାର ବିଦ୍ୟୁତ୍ ସରଞ୍ଜାମ ଓ ଇଣ୍ଟେରିୟର୍ ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଏହି କନ୍ସଫରେନ୍ସ ହଲ୍‌ରେ ରାଜ୍ୟ ଫୁଟ୍‌ବଲ୍ ରେଫରିଙ୍କ ଏକ ସଭା ଓ ପରୀକ୍ଷା ଚାଲିଥିଲା। ସୌଭାଗ୍ୟବଶତଃ ଲଞ୍ଚ ବ୍ରେକ୍‌ରେ ୪୦ ଜଣ ଫୁଟବଲ୍ ରେଫରି କନ୍‌ଫରେନ୍ସରୁ ବାହାରି ଯାଇଥିଲେ। ଠିକ୍ ଏହି ସମୟରେ ହଲ୍ ଭିତରୁ ନିଆଁ ସହ ଧୂଆଁ ବାହାରିଥିଲା। ଖବର ପାଇ ବକ୍ସିବଜାର ଅଗ୍ନିଶମ କାର୍ଯ୍ୟାଳୟରୁ ୨ଟି ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। ତେବେ ଅଳ୍ପକେ ଏକ ବଡ଼ଧରଣର ବିପଦ ଟଳିଯାଇଛି ବୋଲି ଫାୟାର୍ ଅଫିସର ସଞ୍ଜିବ କୁମାର ବେହେରା ସୂଚନା ଦେଇଛନ୍ତି।



ଅଗ୍ନିଶମ ବାହିନୀ ସୂଚନା ଅନୁଯାୟୀ, ଓସିଏ କନ୍‌ଫରେନ୍ସ ହଲ୍‌ରେ ଆଜି ରାଜ୍ୟର ଫୁଟବଲ୍ ରେଫରିମାନଙ୍କୁ ନେଇ ଏକ ସଭା ଏବଂ ପରୀକ୍ଷା କରାଯାଉଥିଲା। ଏଥିପାଇଁ ସମଗ୍ର ରାଜ୍ୟରୁ ଆସିଥିବା ୪୦ରୁ ଅଧିକ ରେଫରି ଏହି ହଲ୍‌ରେ ବସିଥିଲେ। ଟ୍ରେନର୍ ଏବଂ ଓସିଏ ଷ୍ଟାଫ୍‌ଙ୍କୁ ମିଶାଇ ପ୍ରାୟ ୬୦ଜଣ ଲୋକ ଏହି ହଲ୍‌ରେ ଉପସ୍ଥିତ ଥିଲେ। ଦିନ ପ୍ରାୟ ସାଢ଼େ ୧ଟାରେ ଲଞ୍ଚ-ବ୍ରେକ୍ ପାଇଁ କୁହାଯାଇଥିଲା। ମଧ୍ୟାହ୍ନ ଭୋଜନ ଖାଇବା ନିମନ୍ତେ ସମସ୍ତ ରେଫରି, କୋଚ୍ ଏବଂ ଓସିଏ ଷ୍ଟାଫ୍ ହଲ୍ ବାହାରକୁ ଆସିଥିଲେ। ଏହାର ୧୦ ମିନିଟ୍ ପରେ ହଲ୍ ବାହାର ଝରକା ଦେଇ ଧୂଆଁ ଓ ନିଆଁ ବାହାରିଥିଲା। ଏଥିରେ ଭୟଭୀତ ହୋଇ ଓସିଏ କର୍ତ୍ତୃପକ୍ଷ ତୁରନ୍ତ ବକ୍ସିବଜାର ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଏହାରି ଭିତରେ ଓସିଏ କର୍ମଚାରୀ ପାଖରେ ଥିବା ଫାୟାର୍ ଏକଷ୍ଟିଂଉଇସର୍ ଦ୍ୱାରା ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିଫଳ ହୋଇଥିଲେ।

■ ଦେଢ଼ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ
■ ବିଦ୍ୟୁତ୍ ସର୍ଟ-ସର୍କିଟ୍‌ରୁ ବ୍ୟାପିଥିଲା ନିଆଁ
■ ବର୍ତ୍ତିଗଲେ ୪୦ରୁ ଊର୍ଦ୍ଧ୍ୱ ଫୁଟବଲ୍ ରେଫରି

ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୨ଟି ୱାଟର୍ ଟ୍ୟାଙ୍କର୍‌ରୁ ହଲ୍ ମଧ୍ୟକୁ ପାଣି ମାଡ଼ କରିଥିଲେ। ଏଥିସହ ସ୍ମୋକ୍-ଡିଟେକ୍ଟର୍ ଓ ବ୍ରିଦିଂ ଆପାରେର୍ଟସ୍ ସାହାଯ୍ୟରେ ଅଗ୍ନିଶମ କର୍ମଚାରୀମାନେ ହଲ୍ ମଧ୍ୟକୁ ପ୍ରବେଶ କରି ନିଆଁ ଲିଭାଇବା ସହ ଧୂଆଁକୁ ଅଟକାଇ ଦେଇଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ୮ଟି ଏସି, ଷ୍ଟାବିଲାଇଜର୍, ୫ଟି ଲ୍ୟାପଟପ୍, ହଲ୍ ଭିତର ଅତ୍ୟାଧୁନିକ ଇଣ୍ଟେରିୟର୍, ଚେୟାର୍, ମାଇକ୍ ଇତ୍ୟାଦି ପୋଡ଼ି ପାଉଁଶ ହୋଇଯାଇଛି।

ଅଗ୍ନିଶମ ବାହିନୀର ପ୍ରାଥମିକ ତଦନ୍ତ ତଥା ଆକଳନ ଅନୁଯାୟୀ, ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କ୍ୟାଣ୍ଟନମେଣ୍ଟ୍ ଥାନା ପୁଲିସ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତ କରିବା ସହିତ ଅଗ୍ନିଶମ କର୍ମଚାରୀଙ୍କୁ ସହଯୋଗ କରିଥିଲା। ଅଗ୍ନିକାଣ୍ଡର କାରଣ'ବିଦ୍ୟୁତ୍ ସର୍ଟ-ସର୍କିଟ୍‌ଜନିତ ବୋଲି କୁହାଯାଉଛି। କିନ୍ତୁ ଆସନ୍ତାକାଲି ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ ଶେଷ ହେବା ପରେ ପ୍ରକୃତ କାରଣ ସାମ୍ନାକୁ ଆସିବ।

## ବଜ୍ରପାତ ନେଲା ୩ ଜୀବନ

### କେନାଲ କାମ ବେଳେ ଟଳିପଡ଼ିଲେ

ନୀଳଗିରି, ୧୨।୭ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍‌ରେ ଆଜି ବଜ୍ରପାତରେ ୩ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୨ଜଣ ମହିଳା ରହିଛନ୍ତି। ମୃତକମାନେ ହେଲେ, ନୀଳଗିରି ଉପଖଣ୍ଡ ବରହମ୍ପୁର ଥାନା ଅଧୀନ ଅଶୋକନାଳ ଗ୍ରାମର ମାମି ସିଂ(୩୦), ବଢ଼େଇପଲା ଗ୍ରାମର ଆଲାମଣି ସିଂ(୫୦) ଓ ବସ୍ତା ଥାନା ଅଧୀନ ନଳବାହାର ଅଞ୍ଚଳର ଜେସିବି ଅପରେଟର ଅଜିତ କୁମାର ହାଜିରା (୨୮)। ଏଥିସହ ଏହି ଅଘଟଣରେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଏମାନେ ସମସ୍ତେ କେନାଲ କାମରେ ନିୟୋଜିତ ଥିବା ବେଳେ ଏହି ଅଘଟଣ ଘଟିଥିଲା।

ସୂଚନାନୁଯାୟୀ, ରିଷିଆ ଡ୍ୟାମ୍ ରାଇପାଳସ୍ଥିତ ଶାଖା କେନାଲରେ ୧୦ରୁ ଅଧିକ ଶ୍ରମିକ ମରାମତି କାର୍ଯ୍ୟରେ ନିୟୋଜିତ ଥିଲେ। ବର୍ଷା ହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଚାଲି ଆସିଥିଲେ। ସେଠାରେ ଶ୍ରମିକମାନେ ମଧ୍ୟାହ୍ନଭୋଜନ କରୁଥିବା ବେଳେ ଦିନ ପ୍ରାୟ ୨ଟା ସମୟରେ ହଠାତ କ୍ୟାମ୍ପ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ମାମି, ଆଲାମଣି ଓ ଅଜିତ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ଏବଂ ଶ୍ରମିକମାନେ ସେମାନଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବରହମପୁର ଏବଂ ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପାଇଁ ଶବଗୁଡ଼ିକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଅନ୍ୟ ଦୁଇଜଣ ଆହତ ମହିଳାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

■ ବାମନଘାଟିରେ ପୁଣି ଦୁର୍ବୃତ୍ତଙ୍କ ଆତଙ୍କ

## ଲୁଟ୍ ଉଦ୍ଦେଶ୍ୟରେ ଖଣି କର୍ମଚାରୀଙ୍କୁ ଗୁଳି

ରାଇରଙ୍ଗପୁର, ୧୨।୭ (ସମିସ): ବାମନଘାଟି ଅଞ୍ଚଳରେ ପୁଣି ଦୁର୍ବୃତ୍ତମାନେ ଦିନଦ୍ୱିପ୍ରହରରେ ଆତଙ୍କ ଖେଳାଇଛନ୍ତି। ଲୁଟ୍ ଉଦ୍ଦେଶ୍ୟରେ ଜଣେ ଖଣି କର୍ମଚାରୀଙ୍କୁ ଗୁଳି କରିଛନ୍ତି। କିନ୍ତୁ ସୌଭାଗ୍ୟକୁ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଯିବାରୁ ସଂପୃକ୍ତ ବ୍ୟକ୍ତିଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ହେଲେ, ମହାଦେବ ମାର୍ଣ୍ଡି। ସେ ବାଦାମପାହାଡ଼ ଲୌହ ଖଣିରେ କାମ କରନ୍ତି। ଏ ସଂପର୍କରେ ସେ ଯୋଡ଼ାପୋଖରୀ ଫାଣ୍ଡିରେ ଅଭିଯୋଗ କରିବା ପରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ପୁଲିସ ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ। ସୂଚନାନୁସାରେ, ଶ୍ରମିକଙ୍କୁ ଟଙ୍କା ବାଣ୍ଟିବାକୁ ଆଜି ମଧ୍ୟାହ୍ନରେ ମହାଦେବ ଏକ ବଲେରୋରେ ଟଙ୍କା ନେଇ ରାଇରଙ୍ଗପୁରରୁ ବାଦାମପାହାଡ଼ ଯାଉଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ତାଙ୍କ ପିଛା କରିଥିଲେ। ଗୋପାଳପୁର ନିକଟ ନିର୍ମାଣାଧୀନ ଏକ ପେଟ୍ରୋଲ ପମ୍ପ ପାଖରେ ସେମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। କିନ୍ତୁ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଯିବାରୁ ମହାଦେବ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଏହି ଘଟଣା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ।

**ଅଳ୍ପକେ ବର୍ତ୍ତିଗଲେ**

■ ବିଜେପିର ପ୍ରତିକ୍ରିୟା ଉପରେ ଉତ୍ତର ରଖିଲା ଯୁବ କଂଗ୍ରେସ

## କଂଗ୍ରେସ ଲୋକପ୍ରିୟତା ଦେଖି ବିଜେପି ସହିପାରୁନି

ଭୁବନେଶ୍ୱର,୧୨।୭ (ସମିସ): କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶର ଜନସମୁଦ୍ରକୁ ଦେଖି ବିଜେପି ସରକାର ଭୟଭୀତ ହୋଇପଡ଼ିଛି। ତେଣୁ କଂଗ୍ରେସ ବିରୋଧରେ ରାଜ୍ୟଠାରୁ କେନ୍ଦ୍ର ପର୍ଯ୍ୟନ୍ତ ନେତାମାନେ ବିଷୋଦ୍‌ଗାର କରିବାରେ ଲାଗିଛନ୍ତି ବୋଲି ରାଷ୍ଟ୍ରୀୟ ଯୁବ କଂଗ୍ରେସର ଗଣମାଧ୍ୟମ ସଂଯୋଜକ ସୁଦୀପ ସାମଲ କହିଛନ୍ତି।

ଏକ ପ୍ରେସ୍ ବିବୃତିରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ଶ୍ରୀ ସାମଲ କହିଛନ୍ତି, ସମାବେଶରେ କେବଳ କଂଗ୍ରେସ କର୍ମୀ ନ ଥିଲେ, ଏଥିରେ ଓଡ଼ିଶାର ଅଗଣିତ ଉପେକ୍ଷିତ, ନିର୍ଯ୍ୟାତିତ ଓ ଅତ୍ୟାଚାରିତ ଜନତା ଅଂଶଗ୍ରହଣ କରିଥିଲେ। ଅନିୟନ୍ତ୍ରିତ ମହିଳା ଅତ୍ୟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅମାନୁଷିକ ଆକ୍ରମଣ, ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକମାନଙ୍କୁ ଉପେକ୍ଷା ଓ ଅତ୍ୟାଚାରର ପ୍ରତିବାଦ କରି ଓଡ଼ିଶାର କୋଣଅନୁକୋଣରୁ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ସମାବେଶକୁ ଆସିଥିଲେ। ରାହୁଲ ଗାନ୍ଧୀଙ୍କୁ ସେମାନେ ତାଙ୍କ ନେତା ବୋଲି ଭାବି ତାଙ୍କ ପାଖରେ ଅଭିଯୋଗ କରିବା ପାଇଁ ଛୁଟି ଆସିଥିଲେ। ଏହାକୁ ଦେଖି ବିଜେପି ଅସହିଷ୍ଣୁ ହୋଇପଡ଼ିଛି। ଓଡ଼ିଶାରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଶାନ୍ତିରେ ବଞ୍ଚିବା ପାଇଁ ଦିଆଯାଉ ନାହିଁ। ମହିଳାମାନଙ୍କର ଅତ୍ୟାଚାର ଦିନକୁ ଦନ ବଢ଼ି ଚାଲିଛି। ଯୁବ, ଛାତ୍ର, ମହିଳା, ଚାଷୀ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ପାଉନାହାନ୍ତି। ଏହା ଉପରେ ସରକାର ଦୃଷ୍ଟି ଦେବା ଜରୁରୀ ବୋଲି ସେ କହିଛନ୍ତି।

## ପଞ୍ଜୀକରଣ ଉଦ୍ଦିଷ୍ଟ କୌଣସି ଦସ୍ତାବିଜକୁ ସବ୍-ରେଜିଷ୍ଟ୍ରାର ମୌଖିକ ଭାବେ ଅଗ୍ରାହ୍ୟ କରିପାରିବେ ନାହିଁ: ହାଇକୋର୍ଟ

କଟକ,୧୨।୭ (ସମିସ): ସବ୍-ରେଜିଷ୍ଟ୍ରାର କୌଣସି ଦସ୍ତାବିଜ୍‌କୁ ଗ୍ରହଣ କରିବାକୁ ମୌଖିକ ଭାବେ ମନା କରିପାରିବେ ନାହିଁ। ଯେତେବେଳେ ତାହା ପଞ୍ଜୀକରଣ ପାଇଁ ଉପସ୍ଥାପନ କରାଯାଏ, ସେହି ଦସ୍ତାବିଜକୁ ପଞ୍ଜୀକରଣ କରିବେ। ଯଦି ସେହି ଦସ୍ତାବିଜ ଆଇନଗତ ଭାବେ ଉପଯୁକ୍ତ ନୁହେଁ, ତାହେଲେ ପଞ୍ଜୀକରଣ ପାଇଁ ଗ୍ରହଣ ନ କରିବାର ଲିଖିତ ଭାବେ କାରଣ ଦର୍ଶାଇବାକୁ ପଡ଼ିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଅନ୍ତର୍ଯାମୀ ନାୟକଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପଞ୍ଜୀକରଣ ଆଇନ-୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ- ୧୯୮୮ ଅନୁଯାୟୀ ଯେତେବେଳେ କୌଣସି ବିକ୍ରି ଦଲିଲ ପଞ୍ଜୀକରଣ ପାଇଁ ଉପସ୍ଥାପିତ ହୁଏ, ତାହା ଗ୍ରହଣ କରିବା ସବ୍-ରେଜିଷ୍ଟ୍ରାରଙ୍କ କର୍ତ୍ତବ୍ୟ ଏବଂ ଯଦି ଏହା ଆଇନର ବ୍ୟବସ୍ଥା ସହ ଅନୁପାଳନ କରେ ନାହିଁ, ତେବେ ସବ୍-ରେଜିଷ୍ଟ୍ରାର ଲିଖିତ କାରଣ ଦର୍ଶାଇ ପଞ୍ଜୀକରଣ ପାଇଁ ସେହି ଦଲିଲକୁ ଗ୍ରହଣ କରିବାକୁ ମନା କରିପାରନ୍ତି ବୋଲି କହିଛନ୍ତି ଅଦାଲତ। ତେଣୁ, ଉଲ୍ଲିଖିତ ଆଇନ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ-୧୯୮୮ର ଧାରା ୧୪୭କୁ ବିଚାରକୁ ନେଇ ଆବେଦନକାରୀ ବିକ୍ରୟପତ୍ର (ସେଲ୍-ଡିଡ୍) ଉପସ୍ଥାପନ କଲେ ଖଣ୍ଡପଡ଼ା ସବ-ରେଜିଷ୍ଟ୍ରାର ଏହାକୁ ଗ୍ରହଣ କରିବା ସହ ଭାରତୀୟ ପଞ୍ଜୀକରଣ ଆଇନ-୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ-୧୯୮୮ ଅନୁଯାୟୀ କାର୍ଯ୍ୟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ସବ-ରେଜିଷ୍ଟ୍ରାର୍ ପଞ୍ଜୀକରଣ ପାଇଁ ଉପସ୍ଥାପିତ ବିକ୍ରୟ ପତ୍ର ଗ୍ରହଣ କରୁନଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଚାକିରି ଦେବାକୁ ଡାକି ବଙ୍ଗୀୟ ଯୁବତୀଙ୍କୁ ବିକ୍ରି ଉଦ୍ୟମ

କୋରାପୁଟ, ୧୨।୭ (ସମିସ): ଚାକିରି କରାଇଦେବା ଆଳରେ ଜଣେ ବଙ୍ଗୀୟ ଯୁବତୀଙ୍କୁ ବିକ୍ରି ଉଦ୍ୟମ କରୁଥିବା ବେଳେ କୋରାପୁଟ ଟାଉନ୍ ଥାନା ପୁଲିସ ଏକ ଦଲାଲ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଦମ୍ପତି ହେଲେ, କୋରାପୁଟ ସହରର ଅରୁଣ କୁମାର ସାହୁ (୫୨) ଓ ପଲ୍ଲବୀ ବେହେରା (୪୫)। ପୁଲିସ୍ ସୂଚନାନୁଯାୟୀ, ଅରୁଣ ୮ ତାରିଖରେ କୋଲକାତାର ସୋମା ଘୋଷ (୩୬)ଙ୍କୁ ଫୋନ୍ କରି କୋରାପୁଟ ହସ୍ପିଟାଲରେ ଚାକିରି କରାଇ ଦେବାକୁ ଡାକିଥିଲେ। ସୋମା କୋରାପୁଟ ପହଞ୍ଚି ଦୁଇ ଦିନ ରହିଲେ। ଶୁକ୍ରବାର ରାତିରେ ଅରୁଣ ଓ ପତ୍ନୀ ପଲ୍ଲବୀ ତାଙ୍କୁ ବାଇକ୍‌ରେ ବସାଇ କେଉଁଠାକୁ ବିକ୍ରି କରିବାକୁ ନେଉଥିଲେ। ଏହି ସମୟରେ ପୁଲିସ ପାଟ୍ରୋଲିଂ ଜିପ୍ ଦେଖି ସୋମା ଚିତ୍କାର କରିଥିଲେ। ଚିତ୍କାର ଶୁଣି ପୁଲିସ ଗାଡ଼ି ଅଟକାଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ତିନିଜଣଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା। ସୋମାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ଟାଉନ ଥାନାରେ ବିଭିନ୍ନ ଦଫାରେ ଏକ ନମ୍ବର ୧୪୪/୨୫ରେ ଏକ ମାମଲା ରୁଜୁ କରି ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସବ୍‌ଇନ୍ସପେକ୍ଟର୍ ଲତିକା ବୈଦ୍ୟ ଏହି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

**ଦଲାଲ ଦମ୍ପତି ଗିରଫ**

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଝାଡ଼ାବାନ୍ତି

କଟକ,୧୨।୭ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଝାଡ଼ାବାନ୍ତି ବ୍ୟାପବାରେ ଲାଗିଛି। ବିଶ୍ୱବିଦ୍ୟାଳୟର ୨ ଛାତ୍ରାବାସର ପ୍ରାୟ ୪୦ରୁ ଅଧିକ ଅନ୍ତେବାସୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଦୂଷିତ ପାନୀୟ ଜଳ ଏବଂ ଖାଦ୍ୟ ଯୋଗୁଁ ଏଭଳି ଝାଡ଼ାବାନ୍ତି ବ୍ୟାପିଥିବା ଅନୁମାନ କରାଯାଉଛି। ଛାତ୍ରାବାସରେ ପିଇବା ପାଣିକୁ ନେଇ ସମସ୍ୟା ଦେଖାଦେଇଥିବା ବେଳେ ଅନ୍ୟ ହଷ୍ଟେଲଗୁଡ଼ିକରେ ମଧ୍ୟ ଅନ୍ତେବାସୀମାନେ ଦୂଷିତ ପାଣି ବ୍ୟବହାର କରୁଥିବା ଜଣାପଡ଼ିଛି।



ତେଣୁ ଆଗକୁ ଝାଡ଼ାବାନ୍ତି ଆହୁରି ବ୍ୟାପିବାର ଆଶଙ୍କା ଦେଖାଦେଇଛି।

ସୂଚନାନୁସାରେ, ବିଶ୍ୱବିଦ୍ୟାଳୟର ନ୍ୟୁ-ପିଜି ଛାତ୍ରାବାସ ଏବଂ ଧର୍ମପଦ ଛାତ୍ରବାସରେ ଅନ୍ତେବାସୀମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗତରାତିରେ ଅନ୍ତେବାସୀମାନେ ଖାଦ୍ୟ ଖାଇ ଶୋଇଥିଲେ। ଆଜି ସକାଳୁ କିଛି ଅନ୍ତେବାସୀଙ୍କ ଦେହ ହଠାତ୍ ଖରାପ ହୋଇଥିଲା। ସେମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ହେଲେ ମଧ୍ୟାହ୍ନଭୋଜନ ପରେ ଏହି ସଂଖ୍ୟା ବୃଦ୍ଧି ପାଇଥିଲା। ପୂର୍ବରୁ ପାଖାପାଖି ୧୦ଜଣ ଆକ୍ରାନ୍ତ ହୋଇଥିବା ବେଳେ ଅପରାହ୍ଣ ସୁଦ୍ଧା ସଂଖ୍ୟା ୪୦ରେ ପହଞ୍ଚିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ମଧ୍ୟାହ୍ନରେ ଅନ୍ତେବାସୀ ଖାଇଥିବା ଖାଦ୍ୟ ବିଷାକ୍ତ ହେବା ଦ୍ୱାରା ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। ବିଶ୍ୱବିଦ୍ୟାଳୟର ୧୩ଟି ହଷ୍ଟେଲରେ ରୋଷେଇଶାଳାରେ କୌଣସି ସ୍ୱଚ୍ଛତା ରହୁନାହିଁ। ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଅନ୍ତେବାସୀଙ୍କ ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ପୂର୍ବରୁ ଏ ସଂକ୍ରାନ୍ତରେ ଅନ୍ତେବାସୀମାନେ ବାରମ୍ବାର ହଷ୍ଟେଲ ୱେର୍ଡେନଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି।


■ ୪୦ ଅନ୍ତେବାସୀ ଅସୁସ୍ଥ
■ ୧୫ ଗୁରୁତର ଏସ୍‌ସିବିରେ ଭର୍ତ୍ତି
■ ଦୂଷିତ ପାଣି ଯୋଗୁଁ ଝାଡ଼ାବାନ୍ତି ଆଶଙ୍କା

### ଏକ୍ସପୋଜର ଭିଜିଟ୍ ଅନୁଦାନ ହଡପ

# ଛାତ୍ରଛାତ୍ରୀଙ୍କ ଟଙ୍କା ଆତ୍ମସାତ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**ନାକଟିଦେଉଳ, ୧୨।୭(ସମିସ)**

ସମ୍ବଲପୁର ଜିଲ୍ଲା ଶିକ୍ଷା ବିଭାଗ ମିଥ୍ୟା ବିଲ କରି ଛାତ୍ରଛାତ୍ରୀଙ୍କ ଟଙ୍କା ହଡପ କରିଥିବା ନେଇ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏ ନେଇ ସମ୍ବଲପୁର ଜିଲ୍ଲାପାଳଙ୍କ ଠାରେ ସୂଚନା ଅଧିକାରରେ ମିଳିଥିବା ତଥ୍ୟ ଅନୁସାରେ ଅଭିଯୋଗ ହୋଇଛି। ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶିକ୍ଷଣୀୟ ସ୍ଥାନକୁ ପରିଭ୍ରମଣ (ଏକ୍ସପୋଜର ଭିଜିଟ) କରାଇବା ପାଇଁ ଲକ୍ଷାଧିକ ଟଙ୍କା ଅନୁଦାନ ଦେଇଥାଏ। ମଗାଯାଇଥିବା ତଥ୍ୟ ଅନୁସାରେ ଏକ୍ସପୋଜର ଭିଜିଟ ପାଇଁ ନାକଟିଦେଉଳ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ନିକଟକୁ ୨ ଲକ୍ଷ ୨୨ ହଜାର ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ ଉକ୍ତ ଟଙ୍କା କାର୍ଯ୍ୟର ବିଲ୍ ଭାଉଚର୍‌ରେ ଅନେକ ଅନିୟମିତତା ହୋଇଥିବା ଜଣାପଡ଼ିଛି। ଅନିୟମିତତା ଗୁଡ଼ିକ ହେଲା ନାକଟିଦେଉଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏକ୍ସପୋଜର) ଭିଜିଟ କାର୍ଯ୍ୟରେ ୩୩୪ ଜଣ ଛାତ୍ରଛାତ୍ରୀଙ୍କୁ ୮ଟି ବସ୍‌ରେ ନେବା ଆଣିବା କରାଯାଇଛି। ଦର୍ଶାଯାଇଥିବା ବସ୍ ମଧ୍ୟରୁ ତିନିଟି ବସ୍ ଜାଲିଆତି ଅଟେ। ଓଡି୧୫-ସି-୨୧୦୫ ବସ୍ ନୁହେଁ ଏକ ବାଇକ୍ ଯାହା ସନ୍ତୋଷ ସିଂ ନାମରେ ଅଛି, ଦିତ୍ୱୀୟରେ ଓଡି୧୫-୯୩୦୪ ବସ୍ ନୁହେଁ ଏକ ବାଇକ୍ ଯାହା ସୋମବାବୁ ସାହୁ ନାମରେ ଏବଂ ତୃତୀୟରେ ଓଡି୨୧ଈ -୫୩୫୮ ବସ୍ ନୁହେଁ ଏକ ବାଇକ୍ ଯାହା ବିକ୍ରମ ପ୍ରକାଶ ସାଇଙ୍କ ନାମରେ ଅଛି। ଗୋଟିଏ ବସରେ ୪୧ଜଣ ଛାତ୍ରଛାତ୍ରୀ ହିସାବରେ ୩ଟି ବସ୍‌କୁ ମୋଟ ୧୨୩ ଜଣ ଛାତ୍ର (ଏକ୍ସପୋଜର ଭିଜିଟ) ରେ ସାମିଲ ହୋଇନାହାଁନ୍ତି। ଜଣ ଛାତ୍ର ଛାତ୍ରୀ ପିଛା ୬୬୬



ଟଙ୍କା ହିସାବରେ ୮୧ହଜାର ୯୧୮ ଟଙ୍କା ଆତ୍ମସାତ କରାଯାଇଛି। ଗାଡି ଭଡା ବାବଦକୁ ଓଡି୧୫ସି-୨୧୦୫ରେ ୧୧୬୯୦ ଟଙ୍କା ଦ୍ୱିତୀୟ ଗାଡି ଓଡି୧୫-୯୩୦୪ ରେ ୨୩୩୮୦ ଟଙ୍କା ଏବଂ ତୃତୀୟ ଗାଡି ଓଡି୨୧ବି-୫୩୫୮ରେ ୧୭୧୫୦ ଟଙ୍କା ହିସାବରେ ମୋଟ ୫୨୨୨୦ ଟଙ୍କା ଗାଡ଼ି ଭଡା ନାଁରେ ଆତ୍ମସାତ କରାଯାଇଛି।୧୨୩ ଛାତ୍ରଛାତ୍ରୀଙ୍କ ସମସ୍ତ ଖର୍ଚ୍ଚ, ୩ ଟି ଗାଡ଼ିର ଆନୁମାନିକ ଖର୍ଚ୍ଚ ହାରାହାରି ୧ଲକ୍ଷ ୩୪ହଜାର ୧୩୮ ଟଙ୍କାରୁ ତଦନ୍ତ କରାଗଲେ ଅଧିକ ହୋଇପାରେ।ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ (ଏକ୍ସପ୍ଲୋଜର ଭିଜିଟ) ଖର୍ଚ୍ଚର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜିଲ୍ଲାପାଳ ସମ୍ବଲପୁରଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।

# ହୀରାକୁଦରେ ୧୪ ଗେଟ୍ ଦେଇ ଜଳ ନିଷ୍କାସନ

**ସମ୍ବଲପୁର, ୧୨।୭(ସମିସ):** ଉପର ମୁଣ୍ଡରେ ବର୍ଷାର ପ୍ରଭାବ କମ ରହିଛି। ଯାହାରି ଫଳରେ ହୀରାକୁଦ ଜଳଭଣ୍ଡାରକୁ ବନ୍ୟା ଜଳ ପ୍ରବେଶ କମିଛି। ଯାହାକୁ ନଜରରେ ରଖି ହୀରାକୁଦ କର୍ତ୍ତୃପକ୍ଷ ଆଜି କୌଣସି ଅତିରିକ୍ତ ଗେଟ ବନ୍ଦ କିମ୍ବା ଖୋଲି ନାହାନ୍ତି। ରାତି ୯ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ବର୍ତ୍ତମାନ ୧୪ଟି



ଗେଟ ଦେଇ ଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରରୁ ବାମପଟର ୧୦ଟି ଓ ଡାହାଣ ପଟର ୪ଟି ଖୋଲା ରହିଛି। ଜଳପତ୍ତନ ୬୦୬. ୭୫ ଫୁଟ୍ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୬୨ ହଜାର ୩୧୮ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ମୋଟ୍ ୧୪ଟି ସ୍ଲୁଇସ୍ ଗେଟ୍ ଦେଇ ୨ ଲକ୍ଷ ୪୧ ହଜାର ୯୦୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଗତକାଲି ଦୁଇଟି ଗେଟ ବନ୍ଦ କରାଯାଇଥିଲା।

### ସିଧା ସଳଖ ନିର୍ବାଚନ ଲଢିବେନି ଜୁଏଲ

# ରାଜ୍ୟପାଳ ହେବେ ନ ହେଲେ ରାଜ୍ୟସଭା ଯିବେ

**ସମ୍ବଲପୁର, ୧୨।୭(ସମିସ):** ସିଧା ସଳଖ ଆଉ ନିର୍ବାଚନ ଲଢିବେ ନାହିଁ। ଯୁବ ପିଢିଙ୍କୁ ସୁଯୋଗ ଦେବେ, ଦଳ ସହିତ ରହିବେ। ଦଳ ଯଦି ଚାହିଁବ ତାହାଲେ ରାଜ୍ୟପାଳ ହେବେ ନ ହେଲେ ରାଜ୍ୟସଭାକୁ ଯିବେ ବୋଲି ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଆଜି ଏକ ବଡ଼ ଘୋଷଣା କରିଛନ୍ତି। ଆଉ ନିର୍ବାଚନ ଲଢ଼ିବେନି ବୋଲି ସେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ସମ୍ବଲପୁରରେ ଅନୁଷ୍ଠିତ ରୋଜଗାର ମେଳାରେ ଶ୍ରୀ ଓରାମ ଏପରି କହିଛନ୍ତି। ଦଳ ଛାଡିବେନି, ଦଳରେ ରହି ସବୁ କାମ କରିବି ବୋଲି କହିଛନ୍ତି। ଦଳୀୟ ସଂଗଠନ ପାଇଁ ଆଗକୁ କାମ କରିବି। ମୋ ଜୀବନରେ ପଶ୍ଚାତାପ ବୋଲି କିଛି ଆସିବ ନାହିଁ, ମୁଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟ, ଦିଆଯାଇଥିବା ଦାୟିତ୍ୱ ଠିକ୍‌ରେ ନିର୍ବାହ କରିଛି। ସୂଚନା ଯୋଗ୍ୟ ଯେ କେନ୍ଦ୍ରରେ ଓଡ଼ିଶାରୁ ଜୁଏଲ ଓରାମଙ୍କୁ ୫ ବର୍ଷ ପରେ ପୁଣି ସୁଯୋଗ ମିଳିଥିଲା। ସେ ତାଙ୍କର ପୁରୁଣା ମନ୍ତ୍ରଣାଳୟ ଆଦିବାସୀ ବ୍ୟାପାର ପାଇଛନ୍ତି। ଲୋକ ସଭା ଆସନରୁ କ୍ରମାଗତ ବିଜୟୀ ହୋଇଆସୁଥିବା ଜୁଏଲଙ୍କୁ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ମନ୍ତ୍ରୀ ପଦ ମିଳି ନ ଥିଲା। ସେହି ସମୟରେ ଅର୍ଜୁନ ମୁଣ୍ଡାଙ୍କୁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ଭାବେ ଶପଥ ନେଇଥିବା ଜୁଏଲ ୧୯୯୮ରେ ପ୍ରଥମ କରି ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ସରକାର ଦ୍ୱାରା ନୂଆକରି ଗଢ଼ା ଯାଇଥିବା ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟରେ ତାଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ୨୦୦୪ରେ ସେ ତୃତୀୟ ଥର ଲାଗି ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ସେ ହାରିଯାଇଥିଲେ। ୨୦୧୪, ୨୦୧୯ ଏବଂ ୨୦୨୪ରେ ସେ ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରୁ ନିର୍ବାଚିତ ହୋଇଛନ୍ତି। ୨୦୧୪ରେ ମୋଦି ସରକାରଙ୍କ ପ୍ରଥମ ପାଳିରେ ଜୁଏଲ ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ସେ ପ୍ରତ୍ୟକ୍ଷରେ ନିର୍ବାଚନ ଲଢି ୮ ଥର ସାଂସଦ ତଥା ୨ ଥର ବିଧାୟକ ହୋଇ ସାରିଛନ୍ତି। ତେଣୁ ଆଉ ଲଢିବେନି ବୋଲି କହିଛନ୍ତି।

# ନିଯୁକ୍ତି ମେଳାରେ ୪୫ ଜଣଙ୍କୁ ନିଯୁକ୍ତପତ୍ର ବଣ୍ଟନ



**ସମ୍ବଲପୁର, ୧୨।୭(ସମିସ):** ଦେଶର ୪୭ଟି ସ୍ଥାନରେ ଆଜି ରୋଜଗାର ମେଳା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଷୋଡ଼ଶ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ



ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୋଜଗାର ମେଳାରେ ଉଦ୍‌ବୋଧନ ଦେଇ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନବନିଯୁକ୍ତ ଯୁବକଯୁବତୀଙ୍କୁ ୫୧, ୦୦୦ରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ସେ ବିଭିନ୍ନ ବିଭାଗରେ ସେବା ଆରମ୍ଭ କରିବା ପାଇଁ ଯୁବ ବ୍ୟକ୍ତିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ, ବିଭିନ୍ନ ଭୂମିକା ସତ୍ତ୍ୱେ, ସେମାନଙ୍କର ସାଧାରଣ ଲକ୍ଷ୍ୟ ହେଉଛି 'ନାଗରିକ ପ୍ରଥମ' ନୀତି ଦ୍ୱାରା ପରିଚାଳିତ ଜାତୀୟ ସେବା। ପ୍ରଧାନମନ୍ତ୍ରୀ ଭାରତର ଜନସଂଖ୍ୟାଗତ ଏବଂ ଗଣତାନ୍ତ୍ରିକ ଭିତ୍ତିଭୂମିର ଅତୁଳନୀୟ ଶକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ବିଶାଳ ଯୁବ ଶକ୍ତି ହେଉଛି ଭାରତର ସର୍ବଶ୍ରେଷ୍ଠ ପୁଞ୍ଜି, ଏବଂ ସରକାର ଏହି ପୁଞ୍ଜିକୁ ରାଷ୍ଟ୍ରର ଦୀର୍ଘକାଳୀନ ସମୃଦ୍ଧି ପାଇଁ ସୁବିନିଯୋଗ କରିବାପାଇଁ ନିରନ୍ତର ପ୍ରୟାଶରତ। ବିଶ୍ୱର ସର୍ବବୃହତ ଲୋକୋମୋଟିଭ୍ ଉତ୍ପାଦକ ଭାବରେ ଭାରତର ଉଦୟ ଏବଂ ଲୋକୋମୋଟିଭ୍, ରେଳ କୋଚ୍ ଏବଂ ମେଟ୍ରୋ କୋଚ୍ କ୍ଷେତ୍ରରେ ଦେଶର ଦୃଢ଼ ରପ୍ତାନି ପ୍ରଦର୍ଶନକୁ ସେ ପ୍ରଶଂସା କରିଥିଲେ। ଯୁବପିଢ଼ିଙ୍କୁ ସେମାନଙ୍କ ସଶକ୍ତିକରଣ ଏବଂ ରାଷ୍ଟ୍ର ନିର୍ମାଣରେ ଅଂଶଗ୍ରହଣ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରିବାରେ ରୋଜଗାର ମେଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସାରା ଦେଶରେ ରୋଜଗାର ମେଳା ମାଧ୍ୟମରେ ଏପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ସମ୍ବଲପୁରରେ ମନ୍ତ୍ରୀଙ୍କ ସହିତ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ସି ଚୌଧରୀଙ୍କ ସହିତ ଡାକ, ସିଏପିଏଫ, ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଅଧିକାରୀମାନେ ଯୋଗ ଦେଇଥିଲେ। ରେଳବାଇରେ ୩୫ ଜଣଙ୍କୁ ଏବଂ ଡାକରେ ୧୦ଜଣଙ୍କୁ ମୋଟ ୪୫ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି।

# କାଦୁଅରେ ପଚ୍ ପଚ୍ ଜୁନାନି ପ୍ରଧାନମନ୍ତ୍ରୀ ରାସ୍ତା



**ଜମନକିରା, ୧୨।୭(ସମିସ):** ଜମନକିରା ବ୍ଲକ ଟିକିଲିପଡ଼ା ପଞ୍ଚାୟତର ଜୁନାନି ପ୍ରଧାନମନ୍ତ୍ରୀ ରାସ୍ତା କର୍ଦ୍ଦମାକ୍ତ ହୋଇ ପଡ଼ିଛି। ଫଳରେ ଉକ୍ତ ରାସ୍ତାରେ ଚାଲି ଚାଲି ଯିବାକୁ ଲୋକେ ଭୟ କରୁଛନ୍ତି।ପୂର୍ବରୁ ଉକ୍ତ ରାସ୍ତା ବହୁତ୍ କାଦୁଅ ହେଉଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କ ହାତରେ ଚପଲ ଧରି ସ୍କୁଲ ଯାଉଥିବା ବେଳେ ଗାଁରୁ ରୋଗୀ ନେବାକୁ ହେଲେ ୧୦୮ ଗାଡ଼ି ଗାଁକୁ ଆସିପାରୁ ନ ଥିଲା। ଯାହା ଫଳରେ ଖଟିଆରେ ରୋଗୀ ବୁହା ହୋଇ ରେଙ୍ଗାଲବେଡାକୁ ଅଣା ଯାଉଥିଲା। ଚଳିତ ବର୍ଷର ଜୁନାନିକଲାପାଟ ରାସ୍ତାକୁ ପ୍ରଧାନମନ୍ତ୍ରୀ ରାସ୍ତାରେ ସାମିଲ ହୋଇ କାମ ଚାଲିଥିବା ବେଳେ ଠିକାଦାର ରାସ୍ତା ଖୋଳି କାମ ଠିକ ଭାବେ ହୋଇନଥିବାରୁ ରାସ୍ତା କାଦୁଅ ପଚ୍ ପଚ୍ ହୋଇ ବେହାଲ ହୋଇପଡ଼ିଛି। ଫଳରେ ଉକ୍ତ ରାସ୍ତାରେ ଚାଲି ଚାଲି ଯିବାକୁ ଲୋକେ ଯିବାକୁ ଭୟ କରୁଛନ୍ତି। କାରଣ ଅସାବଧାନତାରେ ଗଲେ କାଦୁଅରେ ପଡ଼ିବାକୁ ହେବ। ବିଭାଗ ଏ ଦିଗରେ ଦୃଷ୍ଟି ଆକର୍ଷଣ କରି ବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କୋଇଲା ଗୁଣବତ୍ତା ନେଇ ଏମ୍‌ସିଏଲ୍‌ରେ ବୈଠକ

**ସମ୍ବଲପୁର, ୧୨।୭(ସମିସ):** କୋଇଲା ଗୁଣବତ୍ତା ମାନକୁ ସୁଦୃଢ଼ କରିବା, ଭୂମିସ୍ତରରେ ନମୁନାକରଣର ସଠିକତା ବୃଦ୍ଧି କରିବା ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ମୁଖ୍ୟାଳୟରେ



ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁଗଳ କୁମାର ବୋରା, ନିର୍ଦ୍ଦେଶକ (ବୈଷୟିକ/ଅପରେସନ) ବୈଠକର ଅଧକ୍ଷତା କରିଥିଲେ। ନମୁନା ପ୍ରକ୍ରିୟାରେ ଯତ୍ନବାନ ହେବା, ଗୁଣବତ୍ତାସ୍ଥିରତା ଏବଂ ନିର୍ଭରଯୋଗ୍ୟତା ବଜାୟ ରଖିବା ପାଇଁ ସଠିକ ଯାଞ୍ଚ କରିବା ଉପରେ ପରାମର୍ଶ ଦେଇଥିଲେ। ବୈଠକରେ ଏମସିଏଲର ବରିଷ୍ଠ ଅଧିକାରୀ ଏବଂ ଆଞ୍ଚଳିକ ଗୁଣବତ୍ତା ପରିଚାଳକମାନେ ଉପସ୍ଥିତ ଥିଲେ। ପ୍ୟାନେଲଯୁକ୍ତ ତୃତୀୟ-ପକ୍ଷ ନମୁନା ଏଜେନ୍ସିଗୁଡ଼ିକ(ପିଏଫସି), କ୍ୱାଲିଟି କାଉନସିଲ୍ ଅଫ୍ ଇଣ୍ଡିଆ, କ୍ୟୁଏସଏସ ପ୍ରାଇଭେଟ୍ ଲିମିଟେଡ୍, କେସିଏସ ଇନସ୍ପେକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍, କୋଟେକ୍ନା ପ୍ରାଇଭେଟ୍ ଲିମିଟେଡ୍, ଏବଂ ଇନ୍ସପେକ୍ଟୋରେଟ୍ ଗ୍ରିଫିଥ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଇତ୍ୟାଦି ଏବଂ ଏମସିଏଲର ବରିଷ୍ଠ ଅଧିକାରୀ ଏବଂ କ୍ଷେତ୍ର ଗୁଣବତ୍ତା ପରିଚାଳକମାନେ ଉପସ୍ଥିତ ଥିଲେ।

# ସମ୍ବଲପୁରୀ ଦିନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ ଓ ବିଧାୟକଙ୍କୁ ନିଉତା

**ସମ୍ବଲପୁର, ୧୨।୭(ସମିସ):** ପଶ୍ଚିମାଞ୍ଚଳ ଏକତା ମଞ୍ଚ ସମ୍ବଲପୁର ତରଫରୁ ସମ୍ବଲପୁର ଜେଲ ଛକ ନିକଟସ୍ଥ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରା ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ଶନିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇଛି।ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଭୁବନେଶ୍ୱର ସ୍ଥିତ ସେମାନଙ୍କର ବାସଭବନରେ ନିମନ୍ତ୍ରଣ କରାଯାଇଛି। ମଞ୍ଚର ଆବାହକ ଭାବନୀ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଓ ସଙ୍ଗଠନ ସଂଯୋଜକ ସୁବୋଧ ଦୋରା ସମସ୍ତଙ୍କୁ ସାକ୍ଷାତ କରି ସମ୍ବଲପୁରୀ ଉତ୍ତରୀୟ, ନିଉତା ପତର ଓ ସରସତିଆ ଦେଇ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନରେ ସମିଲ ହେବାକୁ ଅନୁରୋଧ କରିଥିଲେ। ସମସ୍ତେ ମଞ୍ଚର ସଦସ୍ୟଙ୍କୁ ସମ୍ବଲପୁରୀ ଦିନର ସଫଳତା ନେଇ ଶୁଭକାମନା ଜଣାଇଥିଲେ। ଏହା ସହିତ ସଂସ୍କୃତି ମନ୍ତ୍ରୀ ଓ ସମ୍ବଲପୁର ବିଧାୟକ



ତଥା ପଶ୍ଚିମାଞ୍ଚଳ ଏକତା ମଞ୍ଚର ବରିଷ୍ଠ ଉପଦେଷ୍ଟା ଜୟନାରାୟଣ ମିଶ୍ର ସମ୍ବଲପୁରୀ ଦିନକୁ ଉତ୍ସାହ ଉଦ୍ଦୀପନା ସହିତ ପାଳନ କରିବା ସହିତ ସମ୍ବଲପୁରୀ ଦିନ ପାଳନ କରି ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ସମ୍ବଲପୁରୀ ପ୍ରତି ଦେଇଥିବା ତ୍ୟାଗ ଓ ବଳିଦାନକୁ ମନେପକେଇବା ପାଇଁ ଭିଡିଓ ବାର୍ତ୍ତା ମାଧ୍ୟମରେ ଆହ୍ୱାନ ଦେଇଛନ୍ତି।

### ବୈଦିକର ସମ୍ବର୍ଦ୍ଧନା ଉତ୍ସବ ଉଡାନ -୨୦୨୫

# କୃତୀ ଛାତ୍ରୀଙ୍କୁ ଦିଆଗଲା ସ୍କୁଟି




**ସମ୍ବଲପୁର, ୧୨।୭(ସମିସ):** ଶାସନ ପାବପାଲି ସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ଶନିବାର ନବାଗତ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଓ ଗତବର୍ଷ ବାର୍ଷିକ ପରୀକ୍ଷାରେ ଦ୍ୱାଦଶ ଶ୍ରେଣୀରେ କୃତକାର୍ଯ୍ୟ ହୋଇ ଶତକଡା ୯୫% ରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ବୁର୍ଲା ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ ହୋଇଥିବା ଉଡାଣ-୨୦୨୫ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ସମାରୋହରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଉପ କୁଳସଚିବ ପ୍ରଫେସର ସୁଶାନ୍ତ କୁମାର ଦାସ ଅତିଥି ଓ ସମ୍ବଲପୁରରେ ଥିବା ଟ୍ରେନି ଆଇଏସ ସୁଶ୍ରୀ ସୁଭଦ୍ରା ପଣ୍ଡା ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କ ଅଭିଭାବକମାନେ ମଧ୍ୟ ଯୋଗଦେଇ ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ଗତବର୍ଷ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସମଗ୍ର ଓଡ଼ିଶାରେ ଶତକଡା ୯୯% ମାର୍କ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସ୍ମୃତିରାଣୀ ପ୍ରଧାନ ଓ ସାକ୍ଷୀ ପୋଦ୍ଦାରକୁ ସ୍କୁଲ ପକ୍ଷରୁ ଗୋଟିଏ ଗୋଟିଏ ସ୍କୁଟି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ପକ୍ଷରୁ ଦିଆଯାଇଥିବା ଏ ଅଭିନବ ସମ୍ବର୍ଦ୍ଧନା ପାଇଁ ସ୍ମୃତିରାଣୀ ପ୍ରଧାନ ଓ ସାକ୍ଷୀ ପୋଦ୍ଦାରଙ୍କ ମାତାପିତା ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲଙ୍କୁ ଅଭିନନ୍ଦନ ଜଣାଇବା ସହ ଖୁସିବ୍ୟକ୍ତ କରିଛନ୍ତି। ଆଜିର ଏହି ସମ୍ବର୍ଦ୍ଧନା ଉତ୍ସବରେ ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ, ଅଧକ୍ଷ ଗୀତା ଡି ରାଜନ, ଉପ ଅଧକ୍ଷ ମୋନେନ ଈଶ୍ୱରୀଙ୍କ ସହ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କିରଣବାଲା ସୁର
ହଂସପାଳ, ଭୁବନେଶ୍ୱର
ଆବିର୍ଭାବ - ୦୭/୦୪/୧୯୭୪
ତିରୋଧାନ - ୦୩/୦୭/୨୦୨୫
ଆଜକୁ ଏଗାର ଦିନ ହେବ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ, ଆପଣଙ୍କ ଭଲପାଇବା ସବୁଦିନ ସବୁ ସମୟରେ ମନେ ରହିବ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଅମର ଆତ୍ମାର ସଦଗତି ହେଉ
ଶୋକସନ୍ତପ୍ତ: ପୁଅ - ଦେବାଶିଷ, ଝିଅ - ବୀଣାପାଣି, ଗୀତାଞ୍ଜଳି, ବନ୍ଧୁ-ବାନ୍ଧବ ଓ ପରିବାର ବର୍ଗ

### ନିୟନ୍ତ୍ରଣ ବାହାରେ ପରିବା ଦର, ଚିନ୍ତାରେ ଖାଉଟି

# କେଜିରେ ନାହିଁ ପା'ରେ ବିକ୍ରି

**ସମ୍ବଲପୁର, ୧୨।୭(ସମିସ)**

ଉପର ମୁହାଁ ପରିବା ଦରକୁ ନେଇ ଖାଉଟି ଚିନ୍ତାରେ। ଏବେ ପରିବା କେଜି ପିଛା ଦର ନ ପଚାରି ପା'(୨୫୦ଗ୍ରାମ) ପଚାରି କିଣାଯାଉଛି। କହିବାକୁ ଗଲେ ବ୍ୟବସାୟୀ ମଧ୍ୟ କେଜିର ଦର ନ କରି ପା' ଦର ଗ୍ରାହକଙ୍କୁ କହୁଛନ୍ତି।ସହର ସହିତ ଗ୍ରାମାଞ୍ଚଳ ସପ୍ତାହିକ ବଜାରରେ ମଧ୍ୟ ପରିବା କିଣିବା ସାଧାରଣ ପରିବାରଙ୍କୁ ବାଧୁଛି। ପ୍ରାୟ ସବୁ ପରିବାର ଦର ୮୦ ଟଙ୍କା ଉପରେ। ସହରବାସୀ ବର୍ଷା ଓ ପାନୀୟଜଳ ସମସ୍ୟା ସମାଧାନ ନ ହେବା ପୂର୍ବରୁ ପରିବା ଦରକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ବଜାରରେ ସମସ୍ତ ପରିବା ଦର କେଜି ପ୍ରତି ୮୦ ଟଙ୍କା ପାର୍ କରିଛି। କଞ୍ଚାମରିଚ କେଜି ୧୬୦ ଟଙ୍କାକୁ ଛୁଇଁଛି। ୪୦୦ରୁ ୫୦୦ ଟଙ୍କାର ପରିବା ଗୋଟିଏ ଛୋଟିଆ ବ୍ୟାଗ୍ ମଧ୍ୟ ପୁରୁନି। ଦର ଏଭଳି ଅହେତୁକ ବୃଦ୍ଧି ପାଇଥିବାରୁ ବର୍ତ୍ତମାନ



ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ପରିବା କିଣିବା କଷ୍ଟକର ହୋଇପଡ଼ିଛି। ସହରରେ ପରିବା ବଜାରରେ ବାଇଗଣ, ପୋଟଳ, ଟମାଟର୍, ଭେଣ୍ଡି, ଝୁଡଙ୍ଗ, କଲରା ଭଳି ପନିପରିବାର ଦର କେଜି ପ୍ରତି ୮୦ରୁ ୧୦୦ ଟଙ୍କା ଥିଲା। ପିଆଜ କେଜି ପ୍ରତି ୨୦ରୁ ୨୫ ଟଙ୍କା ରହିଛି। କୁନ୍ଦୁରୁର ଦର ୧୦୦ ଟଙ୍କା ରହିଛି। ଅନ୍ୟ କିଛି ପରିବାର ଦର ୧୦୦ ଟଙ୍କାରୁ ଅଧିକ ଅଛି। ଏଭଳି ସ୍ଥିତିରେ ପରିବା କିଣିବା ସମସ୍ତଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ପୂର୍ବରୁ କେଜି କେଜି ପନିପରିବା କୁଣୁଥିବା ବ୍ୟକ୍ତି ବର୍ତ୍ତମାନ ଅଧକେଜି, ପାଏ ଆକାରରେ ପରିବା କିଣୁଛନ୍ତି।

ଖାଉଟି ଅଧିକ ଦରରେ କିଣୁଛନ୍ତି ସତ ହେଲେ ଏହାର ଲାଭ ଚାଷୀ ଉଠାଇ ପାରୁ ନାହାନ୍ତି। ବଜାର ଗୁଡିକରେ ବ୍ୟବସାୟୀମାନେ ଏହାର ଲାଭ ପାଉଛନ୍ତି। ଚାଷୀ ଯେତେ ପରିଶ୍ରମ ଫଳ ପାଇବା କଥା ପାଉ ନାହାନ୍ତି ଓଲଟା ଚାଷୀ ଅଧିକ ଦର ନେଉଛି ବୋଲି କେତେକ ସ୍ଥାନରେ ବଦନାମ ହେବାକୁ ପଡୁଛି। ପ୍ରାୟତଃ ସହରରେ ପରିବା ଦର ଟିକେ ଅଧିକ ରହିଥିଲେ ହେଁ ଗ୍ରାମାଞ୍ଚଳରେ ଦର କମ ରୁହେ। ହେଲେ ଏବେ ପରିବା ଦର କୁଚିଣ୍ଡା, ରେଢାଖୋଲ, ପଡ଼ିଆବାହାଲ, ରେଙ୍ଗାଲି, ମାନେଶ୍ୱର, ଯୁଯୋମୁରା, ନାକଟିଦେଉଳ, ଜମନକିରା, ଧମା, ଚାରମାଲ, ବାମରା ଭଳି ସ୍ଥାନ ଗୁଡିକରେ ଦର ଉଚ୍ଚ ରହିଛି। ବଜାରରେ ଆଳୁ ପିଆଜ, ଡାଲି, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ଖାଉଟିଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହେଲାଣି। ପରିବାର ଦର ଅତ୍ୟଧିକ ମହଙ୍ଗା ହୋଇଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ସେଭଳି କୌଣସି ବ୍ୟବସ୍ଥା ନାହିଁ।

### ଏଫଏମ୍ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବି କଲା ପ୍ରୋଗ୍ରେସିଭ ସମ୍ବଲପୁର

**ସମ୍ବଲପୁର, ୧୨।୭(ସମିସ):** ବାଲେଶ୍ୱର ଫକିର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଯୌନ ନିର୍ଯାତନା ଅଭିଯୋଗ ଏବଂ କାର୍ଯ୍ୟାନୁଷ୍ଠାନ ଅବହେଳାରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଆତ୍ମହତ୍ୟା ପଛରେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସ୍ୱରକୁ ଦବାଇବାର ପ୍ରୟାସର ପରିଣାମ ବୋଲି ପ୍ରୋଗ୍ରେସିଭ ଜିଏମ୍‌ୟୁ ପକ୍ଷରୁ ଅଭିଯୋଗ କରାଯାଇଛି। ୨ ଜୁଲାଇରୁ ଅଭିଯୋଗ ପରେ ମଧ୍ୟ ୧୨ ଜୁଲାଇ ପର୍ଯ୍ୟନ୍ତ ଘଟଣାକୁ ଚପାଇବାରେ ବିଶ୍ୱବିଦ୍ୟାଳୟ ବ୍ୟସ୍ତ ରହିଥିଲା। ପୂର୍ବରୁ ପଦକ୍ଷେପ ନିଆ ଯାଇଥିଲେ ଆଜି ଏହି ଘଟଣାର ଘଟି ନ ଥାନ୍ତା। ବିଜେପି ଶାସିତ ରାଜ୍ୟରେ ଯେଉଁଠି ନାରୀମାନେ ଶିକ୍ଷା ସ୍ଥାନରେ ସୁରକ୍ଷିତ ନୁହଁନ୍ତି ଏବଂ ଯେଉଁଠାରେ ଶିକ୍ଷକମାନେ ଗୁରୁ ନୁହେଁ ଦୁଷ୍କର୍ମିରୂପେ ଅବତୀର୍ଣ୍ଣ ହେଉଛନ୍ତି, ସେଠି ତ ମାନବିକତାର କୌଣସି ଅର୍ଥ ରହିଯାଇ ନାହିଁ। ଏହା କେବଳ ଏକ ଅପରାଧିକ ମାମଲା ନୁହେଁ, ଏହା ହେଉଛି ସମାଜ ଓ ରାଜନୀତିର ଶବଦାହ, ଆମ୍ବେଦକରଙ୍କ ଦେଶରେ ଯେଉଁଠାରେ ଝିଅମାନେ ଆତ୍ମଦାହ କରୁଛନ୍ତି, ସେଠି ଅମୃତକାଳ କେଉଁଠି ବୋଲି ପ୍ରୋଗ୍ରେସିଭ ଏମ୍‌ୟୁ ପକ୍ଷରୁ ସୁମିତ ପଟେଲ, ଦେବ ଜ୍ୟୋତି ପଟ୍ଟନାୟକ, ତୁମନ୍ ପ୍ରଧାନ, ଶୁଭମ୍ ସାହୁ, ଜସ୍ମିନ୍ ପ୍ରଧାନ, ଆର୍ଯ୍ୟାନ୍ ବହିଦାର, ଆଇନ୍ କଲେଜ୍‌ରୁ ନିପନ ମିଶ୍ର ଓ ଅସିତ ସାହୁ, ମହିଳା ମହାବିଦ୍ୟାଳୟରୁ ସୁଧମୟୀ ବାଗ, ତନୁଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ସେମାନେ ଦାବି କରିଛନ୍ତି।ଏହି ମାମଲା ଉପରେ ନ୍ୟାୟିକ ତଦନ୍ତ ହେଉ। ଦୋଷୀ ଅଧ୍ୟାପକମାନଙ୍କୁ ଶାସ୍ତି ଦିଆଯାଉ। ପୀଡିତ ପରିବାରକୁ ସମ୍ପୂର୍ଣ୍ଣ ସାର୍ଥକ ମାନସିକ, ଆର୍ଥିକ ଓ ଆଇନ ସହଯୋଗ ଦିଆଯାଉ।

## ବିପଦସଙ୍କୁଳ ଡଇଁଚା ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୃହ

# ଭୁଶୁଡ଼ିଲା କାନ୍ଥ, ବର୍ତ୍ତିଗଲେ ଛାତ୍ରଛାତ୍ରୀ





**ନାକଟିଦେଉଳ, ୧୨।୭(ସମିସ)**

ଗତ କିଛିଦିନ ହେଲା ଲଗାଣ ବର୍ଷାରେ ନାକଟିଦେଉଳ ବ୍ଲକ ଡଇଁଚା ସରକାରୀ ପ୍ରାଥମିକ ବିଦ୍ୟାଳୟର କାନ୍ଥ ଶନିବାର ସକାଳୁ ଭୁଶୁଡି ପଡ଼ିଛି। ସୂଚନାରୁ ପ୍ରକାଶ ଯେ, ନାକଟିଦେଉଳ ବ୍ଲକ ଡଇଁଚା ଗ୍ରାମରେ ୧୦୦ବର୍ଷର ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ଚଳିତ ବର୍ଷ ଜୁନ ମାସରୁ ଲଗାଣ ବର୍ଷା ଯୋଗୁଁ ବିଦ୍ୟାଳୟର କାନ୍ଥ ଭୁଶୁଡି ପଡ଼ିଛି। ସୌଭାଗ୍ୟକୁ ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀଙ୍କ କ୍ଷତି ହୋଇନାହିଁ। ବିଦ୍ୟାଳୟ ପରିସରରେ ଏକ ଅଙ୍ଗନବାଡି କେନ୍ଦ୍ର ମଧ୍ୟ ରହିଛି। ସେଇ ବାଟ ଦେଇ ଅଙ୍ଗନବାଡିର ଶିଶୁମାନେ ଯିବା ଆସିବା କରିଥାନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ୭୯ଜଣ ପଢୁଛନ୍ତି। ଶିଶୁବାଟିକା ଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢୁଛନ୍ତି। ବିଦ୍ୟାଳୟରେ ଥିବା ଶ୍ରେଣୀ କୋଠରୀ ଠାରୁ ଆରମ୍ଭ କରି ଅଫିସ ପର୍ଯ୍ୟନ୍ତ କୋଠାରୁ ପାଣି ଝରୁଛି। ଅଫିସ କୋଠାର ଛାତରୁ ପାଣି ଝରୁ ଥିବାରୁ ପ୍ରଧାନଶିକ୍ଷକ ଅଫିସ କାର୍ଯ୍ୟ ସମ୍ପାଦନ କରି ପାରୁ ନାହାନ୍ତି। ଅଫିସ ଆଲମିରାକୁ ପଲିଥିନ ଦ୍ୱାରା ଘୋଡାଇ ରଖିଛନ୍ତି। ଅଫିସ କୋଠାର ଛାତରୁ ସିମେଣ୍ଟ ଖଣ୍ଡ ପଡୁଥିବାରୁ ଶିକ୍ଷକ ଅଫିସ ଭିତରେ ନିଜକୁ ସୁରକ୍ଷା ମଣୁ ନାହାନ୍ତି। ବିଦ୍ୟାଳୟର ଛାତ ଝରୁଥିବାରୁ ଗୋଟିଏ କୋଠରୀରେ ଛାତ୍ରଛାତ୍ରୀ ବସି ପାଠ ପଢୁଛନ୍ତି। ବର୍ତ୍ତମାନ ଗୋଟିଏ କୋଠରୀରେ ୭୯ ଜଣ ଛାତ୍ର ଛାତ୍ରୀ ବସି ପାଠ ପଢ଼ିବାରେ ଶିକ୍ଷକମାନେ ପଢ଼ାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ଲିଖିତ ଭାବେ ଜଣାଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଛନ୍ତି। ସରକାର ଏହି ବିଦ୍ୟାଳୟ ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମଦ ଜବତ, ୩ ଗିରଫ



**ଝାରସୁଗୁଡା, ୧୨।୭(ସମିସ):** ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ଅଞ୍ଚଳରୁ ପୁଲିସ ୯୦ ଲିଟର ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ରେମତା ଗ୍ରାମର ଚତୁରଭୁଜ ସା ଏବଂ ବସନ୍ତ ମିଶ୍ର ଏବଂ ରେଙ୍ଗାଲି ଥାନା ଅଞ୍ଚଳର ନଳିନୀ ବାରିକ ବୋଲ ରେଙ୍ଗାଲି ପୁଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ନଳିନୀ ବାରିକ ନିଜ ଘରେ ମଦ ବିକ୍ରି କରୁଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିବାସହ ୩୬ ଲିଟର ମଦ ଜବତ କରିଛି। କେଶ ନମ୍ବର ୧୫୨/୨୦୨୫ ରୁଜୁ କରି ନଳିନୀଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ମଦ ଚାଲାଣ କରୁଥିବା ବେଳେ ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ କଣ୍ଡେଇକେଲା ରାସ୍ତାରୁ ରେମତା ଗ୍ରାମର ଚତୁରଭୁଜ ସା ଏବଂ ବସନ୍ତ ମିଶ୍ରକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ବିକ୍ରି ଉଦେଶ୍ୟରେ ୫୪ ଲିଟର ମଦ ନେଇ ବାଇକ୍ ଯୋଗେ ଆସୁଥିବା ବେଳେ କଣ୍ଡେଇକେଲା ରାସ୍ତାରେ ପୁଲିସ ସେମାନଙ୍କୁ ଗିରଫ କରିଛି। କେଶ ନମ୍ବର ୧୫୩/୨୫ ମାମଲା ରୁଜୁ କରି ତଦନ୍ତ କରିବା ସହ ୫୪ ଲିଟର ମଦ, ମଦଚାଲାଣ ପାଇଁ ବ୍ୟବହୃତ ବାଇକ୍ ଜବତ କରିଛି। ଅଭିଯୁକ୍ତ ଚତୁର୍ଭୁଜ ଏବଂ ବସନ୍ତକୁ କୋର୍ଟ ଚାଲାଣ କରିଛି।

## ଅମ୍ବାଭୋନା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

**ଅମ୍ବାଭୋନା, ୧୨।୭(ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁଧାମୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବରଗଡ଼ ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ ଯୋଗଦାନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଭଟଲି ସହ ବନ ସଂରକ୍ଷକ ସୁବୋଧ କୁମାର ସାହୁ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲମୋହନ ସିଂହ, ଇକୋକ୍ଲବ୍ ମାଷ୍ଟରଟ୍ରେନର ସଞ୍ଜୟ ଖମାରୀ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈଷ୍ଣବ ଭୋଇ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ଲୋ ମାର୍ଚ୍ଚ କରି ମଞ୍ଚ ଉପରକୁ ପାଛୋଟି ଆଣିଥିଲେ। ବରଗଡ଼ ବିଭାଗୀୟବନଖଣ୍ଡଅଧିକାରୀ ଶ୍ରୀ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ନିୟମିତ ଗଛ ଲଗାଇବା ତଥା ଜଙ୍ଗଲ ସୁରକ୍ଷାର ମହତ୍ ଲକ୍ଷ୍ୟରେ ସାମିଲ୍ ହେବାକୁ ଆହ୍ୱାନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା 'ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା' ପ୍ରସଙ୍ଗଭିତ୍ତିକ ଏକ ନିଆରା ନାଟକ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଆଦିତ୍ୟ ଭୂଏ ଓ ଦେବପ୍ରିୟା ତାଣ୍ଡି ସଭା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ବିଦ୍ୟାଳୟର ହେଙ୍ଗିଙ୍ଗ ଗାର୍ଡେନ୍ ଉଦ୍‌ଘାଟିତ ହୋଇଥିଲା। ଶିକ୍ଷକ ମହେଶ୍ୱର ପଧାନ ଗଛ ଲଗାଇବା ପାଇଁ ଆହ୍ୱାନମୂଳକ କବିତା ପାଠ କରିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଗଙ୍ଗାରାମ ମିର୍ଦ୍ଧା, ବିକାଶ ପ୍ରଧାନ, ସୁଶୀଳ କୁମାର ନାଏକ, କୀର୍ତ୍ତିଚନ୍ଦ୍ର ସରାଫ, ସୌନ୍ଦର୍ଯ୍ୟା ଗଡ଼ତିଆ, ନିକେଶ ସାହୁ, ମୁକେଶ କୁମାର ସାହୁ, ଅବିନାଶ ପ୍ରଧାନ, ସ୍ୱାଧୀନ କୁମାର ସାହୁ, ପୂଜା ଖମାରୀ ସହଯୋଗ କରିଥିଲେ।




## ବରଗଡ଼ କ୍ରିଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍‌ରେ ଇନ୍‌ଭେଷ୍ଟିଚର ସମାରୋହ

**ବରଗଡ଼, ୧୨।୭(ସମିସ):** ବରଗଡ଼ କ୍ରିଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍‌ରେ ଇନ୍‌ଭେଷ୍ଟିଚର ସେରେମନି ପାଳିତ ହେଲା। ଉକ୍ତ ଦିବସରେ ମୁଖ୍ୟ ଅତିଥି ଭାବେ କ୍ରିଷ୍ଣା ବିକାଶ ଗ୍ରୁପର ମେନେଜିଂ ଡାଇରେକ୍ଟର ଡି.ବିବେକ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମରେନ୍ଦ୍ର ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ସ୍ୱାଗତଭାଷଣ ତଥା ଦଳର ମୁଖ୍ୟ କ୍ଷମତା ନୁହେଁ ଏହା ଦାୟିତ୍ୱ ବୋଲି ବୁଝାଇଥିଲେ। ସାଂଧ୍ୟା ପଣ୍ଡା ଓ ଶିକ୍ଷୟିତ୍ରୀ ସିମରନ ସଂଯୋଜନା କରିଥିଲେ। ଉକ୍ତ ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କ ସାଂଗଠନିକ ଉନ୍ନତି ଦୃଷ୍ଟିରୁ ୪ଟି ହାଉସ୍‌ରେ ବିଭକ୍ତ କରାଗଲା ନାଇଟହକ୍, ଫ୍ଲାମିଂଗୋସ୍, ଏଷ୍ଟ୍ରାଟ୍ରସ୍, ଓ ଫାଲ୍‌କନ୍‌ସ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାଇ ସରୁପ ଦାଶ ହେଡ୍ ବଏ, ସାନବି ପିପ୍ଲାନି ହେଡ ଗାର୍ଲ, ଅନ୍‌ମେସ କୁମାର ଡେପୁଟି ହେଡ ବଏ ଏବଂ ସ୍ୱାତିଶ୍ରୀ ଶତପଥୀ ଡେପୁଟି ହେଡଗାର୍ଲ ଭାବେ ମନୋନୀତ ହେଇଥିଲେ। ଚାରିଟି ହାଉସ୍ ମଧ୍ୟରେ ନାଇଟ୍ ହକ୍‌ରୁ ହାଉସ କ୍ୟାପଟେନ ଅଙ୍କିତ ମେହେର ଓ ଭାଇସ୍ କ୍ୟାପଟେନ ଅରନବ ନାୟକଙ୍କୁ, ଫ୍ଲାମିଂଗୋସ୍ ହାଉସରୁ କ୍ୟାପଟେନ ଆଶୁତୋଷ ଝା ଓ ଭାଇସ୍ କ୍ୟାପଟେନ ସାହିଲ ଲେଙ୍କାଙ୍କୁ, ଏଷ୍ଟ୍ରାଟ୍ରସ୍ ହାଉସରୁ କ୍ୟାପଟେନ ଟାପୋ ଜ୍ୟୋତି ମିଶ୍ର ଓ ଭାଇସ୍ କ୍ୟାପଟେନ ଆରାଧ୍ୟା ଗୁପ୍ତା, ଫାଲ୍‌କନ୍‌ସ ହାଉସରୁ କ୍ୟାପଟେନ ରୀତିକା ଅଧିକାରୀ ଓ ଭାଇସ୍ କ୍ୟାପଟେନ ଅମିୟ ମହାପାତ୍ରଙ୍କୁ ଚୟନ କରାଗଲା। ଇକୋ କ୍ଲବ୍‌ରେ ତନୁସ ଅଗ୍ରୱାଲ, ଇଂଲିଶରେ ଆକାଂକ୍ଷା ସାହୁ, ସ୍ୱାସ୍ଥ୍ୟ ବିଭାଗରେ ରୋନକ ଲାଠ, ଆର୍ଟରେ ଅନ୍ୱେଷା ଜିନ୍ଦଲ, ଗଣିତରେ ଅନିରୁଦ୍ଧ ଅଗ୍ରୱାଲ, ବିଜ୍ଞାନରେ ସୌମ୍ୟା ମହାନ୍ତି, ସାଧାରଣଜ୍ଞାନରେ ରୋନକ ଦାସ ପଟ୍ଟନାୟକ, ସାଂସ୍କୃତିକରେ ସ୍ୱସ୍ତିକ ଅଗ୍ରୱାଲ ଓ ଅର୍ପିତା ଜାଲ, ଲିଟ୍ରେସି ଓ ମାଗାଜିନରେ ଆକାଂକ୍ଷା ଚକ୍ରବର୍ତ୍ତି, ଖେଳ ବିଭାଗରେ ସ୍ନିଗ୍ଧା ମିଶ୍ର ଓ ରୋନିତ ତାଣ୍ଡି, ଶୃଙ୍ଖଳାରେ ଅଭିନାଶ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଗଲା।



## ବିପିଏମ୍ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି



**ଝାରସୁଗୁଡା, ୧୨।୭(ସମିସ):** ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଭଗବାନ ପ୍ରଧାନ ମେମୋରିଆଲ ହାଇସ୍କୁଲ (ବିପିଏମ)ର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏନେଇ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରମାନେ ବୈଠକ କରିଥିଲେ। ଆସନ୍ତା୧୪ ତାରିଖ ୫୦ ବର୍ଷରେ ପଦାର୍ପଣ କରିବ ବିପିଏମ ହାଇସ୍କୁଲ। ଏଥିପାଇଁ ବିଦ୍ୟାଳୟରେ ଏକ ଦୀପ ପ୍ରଜ୍ୱଳନ କରାଯାଇ ପୂଜାର୍ଚ୍ଚନା କରାଯିବ।ଏହିସମୟରେ ବିଦ୍ୟାଳୟର ସମସ୍ତ ପୂର୍ବତନ ଛାତ୍ରଛାତ୍ରୀ, ଅଞ୍ଚଳବାସୀ, ଏବେକାର ଶିକ୍ଷକଶିକ୍ଷୟିତ୍ରି ଉପସ୍ଥିତ ରହିବେ। ଏହାସହ ଆଗାମୀ ଡିସେମ୍ବର ମାସରେ ଧୂମଧାମରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ହେବ। ଏଥିପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ ଯୋଗଦେବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।ଆସନ୍ତା ୧୪ ତାରିଖ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ କୋର କମିଟି ମଧ୍ୟ ଗଠନ କରାଯିବ।

## ବେଲପାହାଡ଼ରେ ବିପର୍ଯ୍ୟୟ ମୁକାବିଲା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୧୨।୭(ସମିସ):** ଝାରସୁଗୁଡା ଜିଲ୍ଲା ବେଲପାହାଡ କଲ୍ୟାଣ ମଣ୍ଡପରେ ବିପର୍ଯ୍ୟୟ ମୁକାବିଲା ସମୁଦାୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫେମେକ୍ସ ଓ ଜାତୀୟ ଆପତ୍ତି ପ୍ରତିକ୍ରିୟା ବଳ ସହଯୋଗରେ ବେଲପାହାଡ଼ ପୌରାପରିଷଦ କଲ୍ୟାଣ ମଣ୍ଡପରେ ଶନିବାର ପୂର୍ବାହ୍ନ ୧୧ ଟା ରୁ ଅପରାହ୍ନ ପ୍ରାୟ ୧ ଟା ଯାଏଁ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିପତ୍ତି ସମୟରେ ସୁରକ୍ଷା ଓ ପ୍ରତିକ୍ରିୟା ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବା କାର୍ଯ୍ୟକ୍ରମର ଉଦେଶ୍ୟ। କାର୍ଯ୍ୟକ୍ରମରେ ଏଡିଆରଏଫ ଟିମ୍ ଦ୍ୱାରା ବିଭିନ୍ନ ବିପଦ ଯଥା ବନ୍ୟା, ଭୂମିକମ୍ପ, ଅଗ୍ନିକାଣ୍ଡ ଓ ଅନ୍ୟାନ୍ୟ ଆପତ୍ତିକାଳୀନ ପରିସ୍ଥିତିରେ ପ୍ରସ୍ତୁତି, ନିଜେ ଓ ଅନ୍ୟମାନେ କିପରି ସୁରକ୍ଷିତ ରହିପାରିବେ ସେନେଇ ଲୋକଙ୍କୁ ଅବଗତ କରାଯାଇଛି। ବିପତ୍ତିର ମୁକାବିଲା ପାଇଁ ପ୍ରତ୍ୟେକ ଜନ ସାଧାରଣ ପ୍ରସ୍ତୁତ ରହିଲେ ପ୍ରଶିକ୍ଷିତ ହେଲେ ନିଜକୁ ଏବଂ ଅନ୍ୟମାନଙ୍କୁ ସୁରକ୍ଷିତ ରଖାଯାଇ ପାରିବ। ଏହାର କୌଶଳ ଶିଖିବାର ସମସ୍ତଙ୍କୁ ଆବଶ୍ୟକତା ରହିଛି ବୋଲି ଏନଡିଆରଏଫ୍ ପକ୍ଷରୁ କୁହାଯିବା ବିପତ୍ତି ମୁକାବିଲା ପାଇଁ ଆବଶ୍ୟକ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଛି। କାର୍ଯ୍ୟକ୍ରମରେ ବେଲପାହାଡ଼ ପୌର ପରିଷଦ ଅଧିକାରୀ, ସ୍ଥାନୀୟ ବିଦ୍ୟାଳୟ ଶିକ୍ଷକ, ଶିକ୍ଷାର୍ଥୀ ଓ ସାଧାରଣ ନାଗରିକ ବହୁ ସଂଖ୍ୟକରେ ଉପସ୍ଥିତ ଥିଲେ।



## କେଆର୍‌ପି. ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

**ଦହିତା, ୧୨।୭(ସମିସ):** ପଦ୍ମପୁର ଉପଖଣ୍ଡ ବାଜେନମୁଣ୍ଡା ଗ୍ରାମର କେଆର୍‌ପି. ଉଚ୍ଚ ବିଦ୍ୟାଳୟ, ବାଜେନମୁଣ୍ଡା ପରିସରରେ ବନମହୋତ୍ସବ ପାଳନ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଜାପତି ବାରିକ ସଭାପତିତ୍ୱ କରି ବନମହୋତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବୁଦ୍ଧଦେବ ବତଗୁଛିଆ ସଭା ପରିଚାଳନା କରିଥିଲେ। ପ୍ରଶନ୍ନ କୁମାର ମେହେର, ଚନ୍ଦ୍ରଶେଖର ବାରିକ, ନବୀନ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଜ୍ଞାନଚାନ୍ଦ ଲୋହାର, ପ୍ରେମାନନ୍ଦ ବାରିକ ଉପସ୍ଥିତ ଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ବର୍ଷା ମେହେର, ଭାରତୀ କୁମ୍ଭାର ଓ ସୀମା ସୁନା ଚାରାରୋପଣ ବିଷୟରେ ମତ ପ୍ରକାଶ କରିଥିଲେ। ମୁକେଶ ବଗର୍ତ୍ତୀ ଧନ୍ୟବାଦ୍ ଅର୍ପଣ କରିଥିଲେ।ବିଦ୍ୟାଳୟ ପରିସରରେ ୧୦୦ଟି ଚାରାରୋପଣ କରାଯାଇଥିଲା। ପ୍ରକୃତି ପ୍ରେମୀ ହିନ୍ଦୀ ଶିକ୍ଷକ ପ୍ରଶନ୍ନ କୁମାର ମେହେର ଚାରା ଯୋଗାଣ କରିଥିଲେ।



## ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ



**ଝାରସୁଗୁଡ଼ା, ୧୨।୭(ସମିସ):** ଝାରସୁଗୁଡା ସହରସ୍ଥିତ ସଂସ୍କାର ପବ୍ଲିକ ସ୍କୁଲରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ, ଝାରସୁଗୁଡ଼ା ଓ ଉତ୍କଳ ସାହିତ୍ୟ ସମାଜ, ଝାରସୁଗୁଡ଼ାର ମିଳିତ ଆନୁକୂଲ୍ୟରେ ଉତ୍କଳ ସାହିତ୍ୟ ସମାଜର ଆବାହିକା ଅଧ୍ୟାପିକା ମନ୍ଦାକିନୀ ଶତପଥୀଙ୍କ ସଭାପତିତ୍ୱରେ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଉକ୍ତ ଉତ୍ସବରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡ଼ାର ପ୍ରାକ୍ତନ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥି, ମହିଳା ମହାବିଦ୍ୟାଳୟ, ଝାରସୁଗୁଡ଼ାର ପ୍ରାକ୍ତନ ଅଧ୍ୟକ୍ଷ ଡ.ସରୋଜ କୁଅଁର ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଗୁରୁ ଭଗବାନ ସାହୁଙ୍କ ତ୍ୟାଗପୂତ ଜୀବନାଦର୍ଶ ଉପରେ ଆଲୋକପାତ କରି ଆଗାମୀ ପିଢିଙ୍କୁ ଅବଗତ କରିବା ପାଇଁ ପ୍ରତ୍ୟେକ ସଚେତନ ସଂସ୍କୃତି ପ୍ରେମୀ ପ୍ରୟାସ କରିବା ଉଚିତ ବୋଲି ମତପ୍ରକାଶ କରିଥିଲେ। ପଶ୍ଚିମାଞ୍ଚଳ ଏକତାମଞ୍ଚର ସଭାପତି ରାଜେଶ ପାଢ଼ୀ ପ୍ରାକ ସୂଚନା ପ୍ରଦାନ କରିଥିବା ବେଳେ ଉତ୍କଳ ସାହିତ୍ୟ ସମାଜର ସଦସ୍ୟା ଅଞ୍ଜଳି ପଟ୍ଟନାୟକ ସଭା ପରିଚାଳନା କରିଥିଲେ ଓ ପୁଷ୍ପାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆରତୀ ପଣ୍ଡା, ମଞ୍ଜୁଳା ବେହେରା, ସସ୍ମିତା ପଣ୍ଡା, ଉମେଶ ବେହେରା, ସତ୍ୟ ପଣ୍ଡା, ଆଲୋକ ପାଣିଗ୍ରାହି, ଅମିତା ମହାପାତ୍ର, ଅନୁପମା ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଜନସଂଖ୍ୟା ଦିବସ

**ବରଗଡ଼, ୧୨।୭(ସମିସ):** ବିକାଶ ହାୟର ଏଜୁକେସ୍ନାଲ ଇଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ନର୍ସିଂ କଲେଜ୍ ଦ୍ୱାରା ବିଶ୍ୱ ଜନ ସଂଖ୍ୟା ଦିବ ଦିବସ ପାଳିତ ହୋଇଯାଇଛି। ଉକ୍ତ ସମାରୋହ କନ୍‌ଭେନ୍‌ସନ୍ ହଲରେ ଆୟୋଜିତ ହୋଇଥିଲା। ସମାରୋହର ଉଦ୍ଦେଶ୍ୟ ଥିଲା ଯୁବକମାନଙ୍କ ମଧ୍ୟରେ ଜନ ସଂଖ୍ୟା ବୃଦ୍ଧି ଉପରେ ସଚେତନ ବାର୍ତ୍ତା ପ୍ରଦାନ କରିବା। ଏହି ସମାରୋହରେ ବିକାଶ ନର୍ସିଂ କଲେଜର ଛାତ୍ରଛାତ୍ରୀମାନେ ତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଏବଂ ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ର ମୁଖ୍ୟ ବିଚାରପତି ଭାବରେ ଯୋଗଦେଇଥିଲେ। ବିକାଶ ନର୍ସିଂ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।ଦିପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ସଫଳତାର ସହିତ ସମାପ୍ତ ହୋଇଥିଲା। କଲେଜର ଅଧ୍ୟାପିକା ଗ୍ଲାଡିସ ଦାସ, ଲକ୍ସ୍ମି ମସୀ ଦାସ, ରୀତିକା ମଣ୍ଡଳ ଏବଂ ସିଟି ପଧାନ ସହାୟତା କରିଥିଲେ।



# ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ଲୋକାର୍ପିତ

**ବରଗଡ଼, ୧୨।୭(ସମିସ)**




ଶୁକ୍ରବାର ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ନବକଳେବର ଅଫିସ ଗୃହ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ପୌରପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପଶ୍ଚିମଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ସଭାପତି ଟହଲୁ ସାହୁ, ବରଗଡ଼ ସଂଘ ସଭାପତି ପ୍ରମୋଦ ଝାଙ୍କର, ସମ୍ପାଦକ ଗୋବିନ୍ଦ ଦାଶ, ଉପସଭାପତି ନିର୍ମଳ କିଶୋର କର ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ବିଧାୟକ ଶ୍ରୀ ଷଡ଼ଙ୍ଗୀ ବରିଷ୍ଠମାନଙ୍କ ସେବା ମୋର ପ୍ରଥମ କର୍ତ୍ତବ୍ୟ ଓ ବିକାଶମୂଳକ ପରାମର୍ଶ ସବୁବେଳେ ମୋର କାମ୍ୟ, ଏଇଟା ଭଡ଼ାଘର ତଥାପି ବର୍ତ୍ତମାନର ଏହି ଅଫିସ ଘରେ କିଛି ଅସୁବିଧା ମୋର ଦୃଷ୍ଟିଗୋଚର ହୋଇଛି ତାହା ତୁରନ୍ତ ଅଗ୍ରାଧିକାର ଭିତ୍ତିରେ ଆସନ୍ତାକାଲିଠାରୁ ସମସ୍ତ ଅସୁବିଧା ଦୂର କରିବା ପାଇଁ ମୁଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ଭାରତୀ ନଗରଠାରେ ପ୍ରଦତ୍ତ ଜମି ଉପରେ ଖୁବଶୀଘ୍ର ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପାଇଁ ଏକ ସ୍ଥାୟୀ ଭବ୍ୟ କୋଠା ନିର୍ମାଣ କରାଯିବ ଏଥିପାଇଁ ଆସନ୍ତା ମାସରେ ଭୂମିପୂଜନ କରାଯିବ ବୋଲି ପୌରାଧକ୍ଷା କଳ୍ପନା ମାଝୀ ପ୍ରତିଶ୍ରୁତି ଦେଇଥିଲେ। ସଦାବେଳେ ବରିଷ୍ଠ ମାନଙ୍କ ସହିତ ମୋର ସୁ ସମ୍ପର୍କ ରହିଛି ଓ ମୁଁ ସେମାନଙ୍କ ପାଇଁ କିଛି କରିବାକୁ ପ୍ରସ୍ତୁତ ବୋଲି ଶ୍ରୀମତୀ ମାଝୀ କହିଥିଲେ। ମୁଁ ସର୍ବ କନିଷ୍ଠ ଆଉ ବରିଷ୍ଠମାନଙ୍କ ପାଇଁ କିଛି କରିବାର ଅପୂର୍ବ ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟମନେ କରୁଛି ବୋଲି ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅରୁଣ ପାଣ୍ଡେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବରିଷ୍ଠମାନଙ୍କୁ ଆୟୁଷ୍ମାନ ଓ ପେନ୍‌ସନ୍ ଯୋଜନା ଲାଗୁ କରାଯିବା ସହିତ ସମସ୍ତ ଜିଲ୍ଲା ଓ ବ୍ଲକରେ ବରିଷ୍ଠମାନଙ୍କ ଅଫିସ ପାଇଁ ଜମି ଓ ଗୃହ ପ୍ରଦାନକୁ ଅଗ୍ରାଧିକାର ଦେବାକୁ ବିଧାୟକଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ସଂଘକୁ ଗଢି ତୋଳିବାରେ ଅବଦାନ ଥିବା ୧୦ ଜଣ ବରିଷ୍ଠ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ପ୍ରମୋଦ ଝାଙ୍କର ସ୍ୱାଗତଭାଷଣ, ସମ୍ପାଦକ ଗୋବିନ୍ଦ ଦାଶ ଅତିଥି ପରିଚୟ ପ୍ରଦାନ ଏବଂ ସଂଗଠନ ସମ୍ପାଦକ କେଦାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ବରଗଡ଼ର ୧୨ ଟି ବ୍ଲକ ତଥା ବରଗଡ଼ ସଂଘରୁ ୨୦୦ରୁ ଅଧିକ ସଦସ୍ୟ/ ସଦସ୍ୟା ଯୋଗ ଦେଇଥିଲେ। ଉପସଭାପତି ନିର୍ମଳ କିଶୋର କର ଧନ୍ୟବାଦ ଅର୍ପଣ କରିଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com

# ଘର ବାହୁଡ଼ା



ପଦ୍ମାଳୟା ସାମଲ



ରାତିରେ ନିଦ ଆସୁନଥିଲା ପ୍ରତୀକକୁ । ପ୍ରତି ଘଣ୍ଟାଏ ଅନ୍ତରରେ ଉଠି ବାଥରୁମ୍‌ରୁ ଆସି ବୋତଲ ଖୋଲି ପାଣି ପିଉଥିଲା । ରାତି ପାହିଲେ ତାକୁ ଘର ଛାଡ଼ିବାକୁ ହେବ । ସୁଦୂର ମୁମ୍ବାଇ ସହର ଯାଇ ଭାବା ଅଟୋମିକ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଜୁନିଅର୍ ସାଇଣ୍ଟିଷ୍ଟ ଭାବରେ ଜଏନ୍ କରିବାକୁ ପଡ଼ିବ । ସକାଳ ସାତଟା ତିରିଶରେ ଭୁବନେଶ୍ୱରରୁ ଫ୍ଲାଇଟ୍ ଛାଡ଼ିବ । ଘଣ୍ଟାଏ ପୂର୍ବରୁ ତାକୁ ଏୟାରପୋର୍ଟରେ ପହଞ୍ଚିବାକୁ ହେବ । ଏସବୁ ଭିତରେ ମାଆଙ୍କ କଥା ଭାବି ଉଦାସ ଲାଗୁଥିଲା ।

ଗତକାଲି ପର୍ଯ୍ୟନ୍ତ ବାବାଙ୍କୁ ବୁଝେଇ ଚାଲିଥିଲା ପ୍ରତୀକ । ହେଲେ ବାବାଙ୍କର ଏକା ଜିଦ୍ ଓଡ଼ିଶା ସରକାରଙ୍କ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବିରେ ଜଏନ୍ କରିବା ଅପେକ୍ଷା ଭାବା ଅଟୋମିକ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ସାଇଣ୍ଟିଷ୍ଟ ଭାବରେ ଯୋଗଦେବା ଠିକ୍ ହେବ । ଚାକିରିର ସୁବିଧାସୁଯୋଗ ଏବଂ ପଦୋନ୍ନତି ଦୃଷ୍ଟିରୁ ଏ ଚାକିରିଟି ବହୁତ ଭଲ । ଜୀବନବାବୁ ପୁଅକୁ ବୁଝେଇ ଚାଲିଥିଲେ - ନିଜର ଭବିଷ୍ୟତକୁ ଆଗ ଦେଖିବାକୁ ପଡ଼େ । ମାଆର ଗୋଡ଼ ଭଲ ହୋଇଗଲାଣି । ଦୁଇଦିନ ହେଲା ସେ ଭଲରେ ଚଲାବୁଲା କରିପାରୁଛି । ଏ ବୟସରେ ଫ୍ରାକ୍‌ଚର୍ ହେଲେ ଭଲ ହେବାକୁ ସମୟ ଲାଗେ । ଡାକ୍ତର କହିଛନ୍ତି "ତୋ ମାଆ ଆଉ ତିନିମାସରେ ପୂରା ଦୌଡ଼ିବ । ସେଥିପାଇଁ ଚିନ୍ତା କରନା ।" ଦେଢ଼ମାସ ହେଲା ମାଆର ପାଖେ ପାଖେ ରହି ସେବା କରିଛୁ । ମୋର ଚାକିରି କାର୍ଯ୍ୟକାଳ ଆଉ ମାତ୍ର ଦୁଇ ବର୍ଷ । ଯା' ଭିତରେ ତତେ ସେଠାରେ ରହି ନିଜ ଗୋଡ଼ରେ ନିଜେ ଠିଆହେବାକୁ ପଡ଼ିବ । ବାବାଙ୍କ କଥା ଶୁଣି ନିଜକୁ ଯଥାସମ୍ଭବ ସମ୍ଭାଳି ନେଇ ଶାନ୍ତ ରହିବାକୁ ଚେଷ୍ଟା କରୁଥିଲା ପ୍ରତୀକ । ହେଲେ ସେ ଚାକିରିରେ ଜଏନ୍ କରିବାର ଅନାଗ୍ରହ ତା' ମୁହଁରୁ ସ୍ପଷ୍ଟ ବାରିହୋଇ ପଡୁଥାଏ ।

ପରଦିନ ସକାଳେ ନିର୍ଦ୍ଧାରିତ ସମୟରେ ଟ୍ୟାକ୍ସି ଆସି ପହଞ୍ଚିଲା ଗେଟ୍ ପାଖରେ । ହାତରେ ଟ୍ରଲି ବ୍ୟାଗ୍ ଧରି ବିଦାୟ ନେବାକୁ ବାହାରିଲା ପ୍ରତୀକ । ସୁରେଖା ଚୁପଚାପ୍ କାନିରେ ଲୁହ ପୋଛି ପୁଅକୁ ବିଦାୟ ଦେଲେ । କ'ଣ କହିବାକୁ ଚାହୁଁଥିଲେ, ହେଲେ କହିପାରିଲେ ନାହିଁ । ଜୀବନବାବୁ ପିଠି ଥାପୁଡ଼େଇ ପୁଅକୁ ବିଦାୟ ଦେଲେ । ବାପା ମାଆଙ୍କ ପାଦ ଛୁଇଁ ନମସ୍କାର ହେଲାବେଳକୁ ଅନ୍ତର ଭିତରୁ ବାହାରି ଆସୁଥିବା କୋହକୁ ଯଥାସମ୍ଭବ ଚପେଇ ଦେବାକୁ ଚେଷ୍ଟା କରୁଥାଏ ପ୍ରତୀକ । ଏକମୁହାଁ ହୋଇ ଘରୁ ବାହାରି ଟ୍ୟାକ୍ସିରେ ବସି ପଡ଼ିଲା ସେ ।

ଟ୍ୟାକ୍ସି ଭିତରେ ବସି ଅସହ୍ୟ ପୀଡ଼ାରେ ଛଟପଟ ହେଲା ପ୍ରତୀକ । ଘରୁ ବାହାରି ଆସିବାବେଳେ ମାଆର ଶୁଖିଲା ମୁହଁଟା ତା' ଆଖି ସାମ୍ନାରେ ଦିଶି ଯାଉଥାଏ । ଏୟାରପୋର୍ଟ ଆଉ ମାତ୍ର କେଇ ମିନିଟ୍‌ର ରାସ୍ତା । ଏଣେ ଉଡ଼ାଣର ଅନ୍ତିମ ଡାକରା, ତେଣେ ମାଆ ମନର ଡାକରା । କିଛି କ୍ଷଣ ପାଇଁ ଗମ୍ଭୀର ହୋଇଗଲା । ତା' ପରେ ଦୃଢ଼ ନିଷ୍ପତ୍ତି ନେଲା ଘରକୁ ଫେରିଆସି ଏଇଠି ଚାକିରିରେ ଜଏନ୍ କରିବ । ଡ୍ରାଇଭରକୁ କହିଲା, "ଘରକୁ ଫେରିଯିବା, ଏଇଠୁ ଗାଡ଼ି ବୁଲାଅ ।" ଆଁ କରି ଡ୍ରାଇଭର ଚାହିଁଲା ପ୍ରତୀକର ମୁହଁକୁ । କିନ୍ତୁ ପର ମୁହୂର୍ତ୍ତରେ ଗାଡ଼ି ବୁଲେଇ ଫେରିଆସିଲା ପ୍ରତୀକର ଘର ଅଭିମୁଖେ ।

ଝରକା ଫାଙ୍କରୁ ଗେଟ୍ ସାମ୍ନାରେ ଟ୍ୟାକ୍ସିରୁ ପ୍ରତୀକ ଓହ୍ଲେଇବାର ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହେଲେ ଜୀବନ ବାବୁ । ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ଘର ଭିତରକୁ ଆସି ପ୍ରତୀକ ଦେଖିଲା ମାଆଙ୍କ ଆଖିରେ ଲୁହର ବନ୍ୟା ଏବଂ ବାବା ବୁଝେଇ ଚାଲିଥିଲେ ତାଙ୍କୁ । ଜୀବନ ବାବୁଙ୍କ ଉଦ୍ଦେଶ୍ୟରେ ପ୍ରତୀକ କହିଲା, "ବାବା! ତୁମ ଦୁଇଜଣଙ୍କୁ ଏଇଠି ଏଇ ଅବସ୍ଥାରେ ଛାଡ଼ି ମୁଁ ଆଦୌ ଅଚିନ୍ତାରେ ରହିପାରିବି ନାହିଁ । ଯେଉଁ ବୟସରେ ତୁମ ପାଖେ ପାଖେ ରହି କିଞ୍ଚିତ୍ ସହଯୋଗ କରିପାରିବି, ସେ ବୟସରେ ତୁମଠାରୁ ଦୂରରେ ରହି ମୁଁ କ'ଣ ଶାନ୍ତିରେ ରହିପାରିବି? ବୁଝୁଛି, ଜୀବନରେ ଅର୍ଥର ମୂଲ୍ୟ ବହୁତ କିନ୍ତୁ ଅର୍ଥ ରୋଜଗାର ଜୀବନର ଲକ୍ଷ୍ୟ ନୁହେଁ । ପରିବାରର ଖୁସି ଓ ଶାନ୍ତି ମୋ ପାଇଁ ଅଧିକ ଗୁରୁତ୍ୱ ରଖେ । ମୁଁ ଏଇଠି ତୁମ ପାଖରେ ରହି ଓଡ଼ିଶା ସରକାରଙ୍କ ଅଧୀନରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବିରେ ଯୋଗ ଦେବି । ଏହା ମୋର ଶେଷ ନିଷ୍ପତ୍ତି ।"

ପୁଅକୁ ପାଖରେ ପାଇ ସୁରେଖାଙ୍କ ଦେହରେ ଜୀବନ ପଶିଲା ଯେମିତିକି ସେ ତା'ର ଫେରିବା ବାଟକୁ ଅନାଇ ରହିଥିଲେ । ଏକ ସ୍ନେହପ୍ରବଣ ଆବେଗରେ କୁଣ୍ଢାଇ ପକେଇ ତାକୁ ବୋକ ପରେ ବୋକ ଦେଇଚାଲିଲେ ।


ଅତି ପାଖରୁ ଏ ଦୃଶ୍ୟ ଦେଖି ନିଃଶବ୍ଦରେ ଜୀବନ ବାବୁଙ୍କର ଦୁଇଆଖି ସମ୍ପୂର୍ଣ୍ଣ ଓଦା ହୋଇଯାଇଥିଲା । ପୁଅର ପରିପକ୍ୱ ନିଷ୍ପତ୍ତିକୁ ନିରବରେ ମାନି ନେଉଥିଲେ । ■

ଭୁବନେଶ୍ୱର
ମୋ : ୭୦୦୮୩୪୮୧୭୨

## ପୁସ୍ତକ ପରିଚୟ

### ମୋ ଜୀବନ ଓ ଜଞ୍ଜାଳ କାହାଣୀ

ନନ୍ଦ କିଶୋର ଦାସ





ତୀର ତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
ଦ୍ୱିତୀୟ ସଂସ୍କରଣ: ୨୦୨୫
ମୂଲ୍ୟ: ୩୦୦ ଟଙ୍କା

ଇଂରେଜ ସରକାର କବଳରୁ ଭାରତକୁ ମୁକ୍ତ କରିବାରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଅବିସ୍ମରଣୀୟ । ସେମାନଙ୍କ ତ୍ୟାଗପୂତ ସଂଘର୍ଷମୟ ଜୀବନ ଆଜି ମଧ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ସେଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ରାଜନେତା ହେଉଛନ୍ତି ନନ୍ଦ କିଶୋର ଦାସ । ନିକଟରେ ସଂଗ୍ରାମୀ ନନ୍ଦ କିଶୋର ଦାସଙ୍କ ଆତ୍ମଜୀବନୀ 'ମୋ ଜୀବନ ଓ ଜଞ୍ଜାଳ କାହାଣୀ'ର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି । ଏହି ପୁସ୍ତକରେ ଲେଖକ ନିଜ ଜନ୍ମ, ବାଲ୍ୟକାଳ, ଶିକ୍ଷା, ଗାର୍ହସ୍ଥ୍ୟ ଜୀବନ, ସତ୍ୟବାଦୀ ସ୍କୁଲରେ ଶିକ୍ଷକତା, ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ, ରାଜନୈତିକ ଜୀବନ, ସମାଜସେବା ଆଦି ସଂପର୍କରେ ବର୍ଣ୍ଣନା କରିଛନ୍ତି । ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଅନ୍ନପୂର୍ଣ୍ଣାଦେବୀ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପର୍ଯ୍ୟନ୍ତ ବହୁ ସଂଗ୍ରାମୀଙ୍କ ସହିତ ତାଙ୍କର ଆନ୍ତରିକ ସଂପର୍କ ଥିଲା । ସମାଜ ସେବା ଓ ବିଭିନ୍ନ ରଚନାତ୍ମକ କାର୍ଯ୍ୟରେ ସେ ଆପଣା ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ସନ୍ଥ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ପ୍ରକୃତରେ ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ରାଜନେତା ଥିଲେ । ଭାରତ ସ୍ୱାଧୀନତା ଲାଭ ପରେ ଓଡ଼ିଶା ବିଧାନସଭାର ସେ ପ୍ରଥମ ବାଚସ୍ପତି ଥିଲେ । ଏହି ସଂଗ୍ରାମୀଙ୍କ ସଂଘର୍ଷମୟ ଜୀବନ ଓ ଦେଶପ୍ରେମ ଆଜିର ଯୁବପିଢ଼ିଙ୍କୁ ନିଶ୍ଚୟ ପ୍ରେରଣା ଦେବ । 'ମୋ ଜୀବନ ଓ ଜଞ୍ଜାଳ କାହାଣୀ' ପୁସ୍ତକଟି ଓଡ଼ିଆ ଆତ୍ମଜୀବନୀ ସାହିତ୍ୟକୁ ରଦ୍ଧିମନ୍ତ କରିବ ; ଏଥିରେ ସନ୍ଦେହ ନାହିଁ । ■

### କେୟାର ଅଫ୍ ରଘୁ ବନଛୋର

ଅକ୍ଷୟ କୁମାର ଜେନା




କୃଷ୍ଣା
ଜାରକା, ଧର୍ମଶାଳା
ଯାଜପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ସୃଜନଶୀଳ ମଣିଷଙ୍କ ଚିନ୍ତା, ଚେତନା, ଅନୁଭବ, ଅଭିଜ୍ଞତାରୁ ସୃଷ୍ଟି ହୁଏ ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ସାହିତ୍ୟ । ସେଭଳି ଜଣେ ସାହିତ୍ୟ ସ୍ରଷ୍ଟା ହେଉଛନ୍ତି ଗାଳ୍ପିକ ଅକ୍ଷୟ କୁମାର ଜେନା । ଯିଏ ନିଜ ଅନୁଭବ, ଅନୁଭୂତି ଓ ଅଭିଜ୍ଞତାକୁ ନେଇ ଲେଖିଛନ୍ତି ଅନେକ ମନଛୁଆଁ ଗପ । ଗାଳ୍ପିକ ଜେନାଙ୍କ ରଚିତ 'କେୟାର୍ ଅଫ୍ ରଘୁ ବନଛୋର' ପୁସ୍ତକରେ ୨୭ଟି ଗପ ସଂକଳିତ ହୋଇଛି । ଏହି ପୁସ୍ତକର 'ପ୍ରତିଧ୍ୱନି', 'ନମିତା ସସ୍‌ପେଣ୍ଡ ହେଲା', 'ଶେଷ ସ୍ୱାଧୀନତା ସଂଗ୍ରାମୀ', 'ହାତ ପାହାନ୍ତାରେ ଜହ୍ନ', 'କେୟାର୍ ଅଫ୍ ରଘୁ ବନଛୋର', 'କୋଭିଡ୍ ଓ ଜହ୍ନରାତି', 'ସବୁବେଳେ ହସୁ ଥିବା ଝିଅଟା', 'ଅନ୍ୟ ଜଣେ ଡାକ୍‌ମୁନସୀ', 'ଏକାନ୍ତ ବ୍ୟକ୍ତିଗତ କଥା', 'ଡାକବାଲାର ଶେଷ ଚିଠି', 'ବାଲ୍ୟବନ୍ଧୁ', 'କାଳିଆ ପାଇଁ ଗୋଟିଏ ଲାଇକ୍' ଆଦି ଗପଗୁଡ଼ିକରେ ସାମାଜିକ ସମସ୍ୟା, ମାନବୀୟ ଭାବାବେଗ , ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ବାତ୍ୟା ଯାହା ଘଟି ନଥିଲା' ଗପରେ ବାତ୍ୟା ସମୟରେ ଦେଖାଦେଉଥିବା ବାସ୍ତବ ଘଟଣା ସଂପର୍କରେ ଅତି ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ସେଭଳି ଅନେକ ସମୟରେ କିଭଳି ସଚ୍ଚୋଟ ଓ ନିଷ୍ଠାପର ସରକାରୀ କର୍ମଚାରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ, ତାହାର ବାସ୍ତବ ଚିତ୍ର ପ୍ରସ୍ଫୁଟିତ ହୋଇଛି 'ନମିତା ସସ୍‌ପେଣ୍ଡ ହେଲା' ଗପରେ । ସରଳ ଭାଷା, ସାମାଜିକ କାହାଣୀକୁ ନେଇ ଆଧାରିତ ଗପଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରଯାଏ । ■

## ବିସ୍ଫୋରଣ

ସୁଚେତା ମିଶ୍ର




ନିସ୍ତବ୍‌ଧତା ଭିତରେ ଲୁଚିଯାଏ କରାଳ ଶବ୍ଦ
ଆତସବାଜିର ମନୋହର ଦୃଶ୍ୟ ବୋଲି ଭ୍ରମିତ କରେ କେଇ ମୁହୂର୍ତ୍ତ
ପର୍ଦା ଝୁଲି ରହେ
ଆଉ ଆମେ ଜାଣିପାରୁନି ଯେ
ସେ ଅନ୍ଧାର ନୁହେଁ
ବହଳ ଧୂଆଁ
ପୋଡ଼ା ମାଂସର
କଳବଳ ଦୀର୍ଘଶ୍ୱାସର
ସୁଦୂରପ୍ରସାରୀ ଆକାଂକ୍ଷା
ପାଉଁଶ ହେଇଯିବାର ।

ମା' ବାପା ଆସନ୍ତି
ପିଲାଙ୍କୁ ଖୋଜିବାକୁ
ପିଲେ ଆସନ୍ତି ବାପା ମା'ଙ୍କୁ
ଘରକୁ ନେଇଯିବାକୁ
ସ୍ତ୍ରୀ ଆସେ ତା' କପାଳର
ସୂର୍ଯ୍ୟୋଦୟର ଅସ୍ତ ଦେଖିବାକୁ
ସ୍ୱାମୀ ଆସେ ପତ୍ନୀ ହାତର ଟୁକୁଡ଼ା ଶଙ୍ଖା ଗୋଟେଇବାକୁ ।

ଗୋଟେ ରକ୍ତକ୍ଷରା କାନ୍ଦବି ଆସେ
ନିଜର ହାତ ପାଦ
ଛିନ୍‌ଛତ୍ର ହୃଦୟ ଆଉ
ଲହୁଲୁହାଣ ସ୍ପନ୍ଦନକୁ ଗୋଟାଏ
ସବୁ ବୁଝି ବୁଝି ନ ପାରିବାର
ହଳେ ଆଖି ପିନ୍ଧେ
ଆଉ ଚୁପଚାପ୍ ଚାଲିଯାଏ
ସେଇ ଅଭ୍ୟସ୍ତ ଦୁନିଆ ଭିତରକୁ
ଯେଉଁଠି କାରଣ ଖୋଜାଯିବାର
ମିଛ ଖେଳ ଚାଲିଥାଏ
ରୋମାଞ୍ଚକାରୀ ଦୁର୍ଘଟଣାର । ■

ଲିଡ୍ ବ୍ୟାଙ୍କ ଲେନ୍
ପୋଲିସ ଲାଇନ୍
ପୁରୀ- ୭୫୨୦୦୧
ମୋ: ୯୯୩୭୧୫୯୮୯୧



## ରାତି ନିଇତି ଆସେ



ପ୍ରହ୍ଲାଦ ଶତପଥି



ରାତିକୁ ଯଦି ପଢ଼ି ହୁଅନ୍ତା,
କଥା ସେଇଠି ସରିଯାଇ ଥାଆନ୍ତା
ପଢ଼ି ପାରୁନା ବୋଲି କହୁ ରାତିର ରଙ୍ଗ କଳା
ତୂଳୀ ନେଇ ଆଙ୍କୁ, କବିତା ଲେଖୁ ।

ରାତି ନିଇତି ଆସେ ଚିତ୍ରଟିଏ ହେଇ
କେବେ କିଏ ଆଙ୍କିଥିଲା ରାତିକୁ କେଜାଣି
ରାତି ନୀରବ, ନିରସ୍ତ୍ର ଥିଲା
ଯଦିଓ ଯୁଦ୍ଧ ସବୁଠି ସବୁବେଳେ ଥିଲା
ସକାଳଟିଏ ଫୁଟେଇବାକୁ ଯୁଦ୍ଧ
ସିନ୍ଦୂରା ଫାଟିବା ପାଇଁ ଯୁଦ୍ଧ
ଜଳ ପାଇଁ ଯୁଦ୍ଧ, ଯୁଦ୍ଧ ମାଟି ପାଇଁ ।

ରାତି ପ୍ରତିଟି ଗଛର ଶିରା ପ୍ରଶିରାରେ
ଚେରରେ, ପତ୍ରରେ
ରାତି ସତେ ଯେମିତି ବକଳ,
କାଢ଼ି ନେଲେ ସକାଳ ।

ଏଇ ରାତିକୁ ମୋତେ ଜୀଇଁବାକୁ ଦିଅ
ମୁଁ ଏବେ ରାତିକୁ ଢାଙ୍କି ଶୋଇ ପଡ଼ିବି
ସ୍ୱପ୍ନକୁ ବଢ଼େଇ ଦେବି ଆଖି ଦିଓଟି
ପାପୁଲି ଆଉଁଷିବେ ଫୁଲର ପାଖୁଡ଼ାକୁ
ପାଦରେ ସାରିଦେବି ରାତିର ସବୁତକ ରାସ୍ତା ।

ରାତି ଲୁଚେଇ ରଖିଥାଏ ଗୋପନୀୟତା
ଇତିହାସର, ଗୋଟାଏ ସଭ୍ୟତାର
ମୋତେ ପଢ଼ିବାକୁ ଦିଅ ରାତିକୁ, ତା'ର ଅଜସ୍ର ରହସ୍ୟକୁ
କ୍ଷତକୁ, ରକ୍ତକୁ
ମୋତେ ପଢ଼ିବାକୁ ଦିଅ ବିଜୟ ଭିତରେ ଛପିଥିବା ପରାଜୟକୁ ।

ଯାଏଁ ଦସ୍ତକ ଦେଇ ଆସେ ବାଟକୁ, କବାଟକୁ
କେହି ତ ହେଲେ ଖୋଲିବ ମୋ ପାଇଁ
ମୋର ଇପ୍‌ସିତ ସକାଳ
ସୂର୍ଯ୍ୟକୁ ଲୁଚେଇ ହୁଏନା
ଲୁଚେଇ ହୁଏନା ଫୁଲର ସୌରଭ
ଅନ୍ଧାର ଢାଙ୍କି ପାରେନା ଆଲୁଅକୁ
ଆଲୁଅର ଆଖି ନେଇ ମୋତେ ପଢ଼ିବାକୁ ଦିଅ
ଅନ୍ଧାରର ସବୁତକ ଅକ୍ଷର । ■

ଟିକ୍ରାପରା
ପୋ/ଜି: ବଲାଙ୍ଗିର
ପିନ୍: ୭୬୭୦୦୧
ମୋ: ୯୪୩୭୧୫୦୯୫୧

# ଗୋସ୍ୱାମୀ ତୁଳସୀ ଦାସ ଓ ଶ୍ରୀଜଗନ୍ନାଥ

ଡକ୍ଟର ଅଭିମନ୍ୟୁ ବରାଳ



"ଆନନ୍ଦ କାନନେ ହ୍ୱସ୍ମି ଜଙ୍ଗମ ସ୍ତୁଳସୀ ତରୁଃ ।
କବିତା ମଞ୍ଜରୀ ଭାତି ରାମ ଭ୍ରମର ଭୂଷିତା ॥"

ଉତ୍ତର ପ୍ରଦେଶର ପ୍ରୟାଗରାଜ ସନ୍ନିକଟ ବାନ୍ଦା ଜିଲ୍ଲାରେ ରାଜପୁର ନାମକ ଏକ ଅଖ୍ୟାତ ପଲ୍ଲୀରେ ଆତ୍ମାରାମ ଦୁବେ ନାମକ ଜଣେ ପ୍ରତିଷ୍ଠିତ ନୈଷ୍ଠିକ ବ୍ରାହ୍ମଣ ରହୁଥିଲେ । ତାଙ୍କ ଧର୍ମପତ୍ନୀଙ୍କ ନାମ ଥିଲା ହୁଳସୀ । ସମ୍ବତ୍ ୧୫୫୪ ର ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ସୌଭାଗ୍ୟବାନ ଦମ୍ପତି ହୁଳସୀ ଏବଂ ଆତ୍ମାରାମଙ୍କ କୋଳ ମଣ୍ଡନ କରିଥିଲେ ତୁଳସୀ ଦାସ । ଜନ୍ମ ସମୟରେ ଶିଶୁ ତୁଳସୀ କାନ୍ଦିଲେ ନାହିଁ । କିନ୍ତୁ ତାଙ୍କ ମୁଖରୁ 'ରାମ' ଶବ୍ଦ ଉଚ୍ଚାରିତ ହେଲା, ତେଣୁ ତାଙ୍କୁ 'ରାମ ବୋଲା' ବୋଲି କହୁଥିଲେ । ତାଙ୍କ ମୁଖରେ ବତ୍ରିଶି ଯାକ ଦାନ୍ତ ଜନ୍ମ ସମୟକୁ ଉଠି ଥିଲା । ଏତାଦୃଶ ଅଦ୍ଭୁତ ଶିଶୁ ପୁତ୍ରକୁ ଦେଖି ପିତା ଆତ୍ମାରାମ ଓ ମାତା ହୁଳସୀ ବହୁତ ଚିନ୍ତିତ ହୋଇ ପଡ଼ିଲେ । ବାଳକର କିଛି ଅନିଷ୍ଟ ହେବା ଆଶଙ୍କାରେ ମାତା ହୁଳସୀ ନିଜ ଦାସୀ ଚୁନିଆଁ ସହିତ ନବଜାତକକୁ ନିଜ ଶ୍ୱଶୁର ଘରକୁ ପଠାଇ ଦେଲେ ଏବଂ ତତ୍‌ପରେ ହୁଳସୀ ଏହି ସଂସାର ତ୍ୟାଗ କରି ଚାଲିଗଲେ ।

ଦାସୀ ଚୁନିଆଁ ବହୁତ ସ୍ନେହରେ ତୁଳସୀ ଦାସଙ୍କୁ ଲାଳନପାଳନ କଲେ । କିନ୍ତୁ ସାଢ଼େ ପାଞ୍ଚ ବର୍ଷରେ ଚୁନିଆଁର ମଧ୍ୟ ଦେହାନ୍ତ ହୋଇଗଲା । ବାଳକ ତୁଳସୀ ଦାସ ଅନାଥ ହୋଇଗଲେ । ତୁଳସୀ ବାରଦ୍ୱାର ବୁଲି ଜୀବିକାର୍ଜନ କଲେ । ଏକଦା ମାତା ପାର୍ବତୀ ଏକଥା ଦେଖି ମନରେ ତାଙ୍କର ଦୟା ହେଲା । ସେ ପ୍ରତ୍ୟହ ବ୍ରାହ୍ମଣୀ ବେଶ ଧାରଣ କରି ତୁଳସୀଙ୍କ ପାଖକୁ ଆସି ସ୍ୱହସ୍ତରେ ଖାଦ୍ୟ ଭୋଜନ କରାଇଲେ । ମାତା ପାର୍ବତୀଙ୍କ କୃପାରୁ ତୁଳସୀ ଶୁକ୍ଳପକ୍ଷ ଶଶି ଭଳି ବଢ଼ିବାକୁ ଲାଗିଲେ ।

ଶଙ୍କର ଭଗବାନଙ୍କ ପ୍ରେରଣାରେ ନରହର୍ୟାନନ୍ଦଜୀ ତୁଳସୀଙ୍କୁ ଅଯୋଧ୍ୟା ନେଇଗଲେ । ତାଙ୍କ ନାମ ସେ 'ରାମବୋଲା' ରଖିଲେ । ସେଠାରେ ୧୫୬୧ ସମ୍ବତ୍ ମାଘଶୁକ୍ଳ ପଞ୍ଚମୀ ଶୁକ୍ରବାର ଦିନ ତାଙ୍କର ଉପନୟନ କରାଗଲା । ନରହରି ସ୍ୱାମୀ ନାନା ସଂସ୍କାର କରି ତୁଳସୀଙ୍କୁ ଗାୟତ୍ରୀ ମନ୍ତ୍ର ସାଧନ କରାଇଲେ । ଗୁରୁଦେବ ନରହରିଜୀ ତାଙ୍କୁ ରାମମନ୍ତ୍ର ଦାନ ପୂର୍ବକ ସେହିଠାରେ ବିଦ୍ୟାଧ୍ୟୟନ କରାଇଲେ । ବେଦ ବେଦାନ୍ତାଦି ଅଧ୍ୟୟନ ପରେ ଗୁରୁଦେବଙ୍କ ଅନୁମତିକ୍ରମେ ସେ ସ୍ୱଜନ୍ମ ସ୍ଥାନକୁ ଫେରି ଆସିଲେ ।

ପରମ ରାମଭକ୍ତ ତଥା ରାମତାରକା ମନ୍ତ୍ର ସିଦ୍ଧଯୋଗୀ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରକୁ ଆସିଲେ । ପୁରୀରେ ପହଞ୍ଚି ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ । କିନ୍ତୁ ନୀଳାମ୍ବୁଜ ଶ୍ୟାମଳ ଶ୍ରୀରାମଙ୍କର କଳାକଞ୍ଜଦଳା କମନୀୟ ମୂର୍ତ୍ତି ନ ଦେଖି ଜଗନ୍ନାଥଙ୍କ ଚକା ନୟନକୁ ତଥା କର ଚରଣହୀନ ଅଦ୍ଭୁତ ବିଗ୍ରହକୁ ଦେଖି ତୁଳସୀ ବିଷାଦିତ ହେଲେ । ବ୍ରହ୍ମର ଯେ କର-ଚରଣ-ନାସା- କର୍ଣ୍ଣ ନାହିଁ, ଏ ଯେ ଦାରୁବ୍ରହ୍ମ ତୁଳସୀ ହେଜି ପାରିଲେ ନାହିଁ । ବଡ଼ ମନସ୍ତାପରେ ଗୋସ୍ୱାମୀ ଫେରିଗଲେ ଶ୍ରୀକ୍ଷେତ୍ରରୁ ।

ପୁରୀଠାରୁ ଅଳ୍ପ ପଥ ଅତିକ୍ରମ କରିବା ପରେ ସନ୍ଧ୍ୟା ହୋଇ ଆସିଲା । ଜଗନ୍ନାଥ ସଡ଼କ ପାଖରେ ମାଳତୀପାଟପୁର ଗ୍ରାମ ନିକଟରେ ସେ ରାତ୍ରିଯାପନ କଲେ । ଗଜପତିଙ୍କୁ ସ୍ୱପ୍ନାଦେଶ କଲେ ଜଗନ୍ନାଥ । "ତାଙ୍କର ଜଣେ ପରମ ଭକ୍ତ ତାଙ୍କୁ ଦର୍ଶନ କରି ନ ପାରି ଫେରି ଯାଉଛନ୍ତି । ତୁମେ ତାଙ୍କୁ ଏଠାକୁ ସସମ୍ମାନେ ନେଇଆସ । ସେ ତାଙ୍କ ଇଷ୍ଟ ଦେବଙ୍କୁ ଦର୍ଶନ କରିବେ ।" ସଙ୍ଗେ ସଙ୍ଗେ ଗଜପତି ପାରିଷଦ ବର୍ଗଙ୍କ ସହିତ ପୁରୀର ଅନତି ଦୂରରେ ମାଳତୀପାଟପୁରରେ ଆସି ପହଞ୍ଚିଲେ । ସେଠାରେ ରାସ୍ତାକଡ଼ରେ ତୁଳସୀ ଶୟନ କରିଥିଲେ । ତାଙ୍କ ନିଦ୍ରାଭଙ୍ଗ କରି ଜଗନ୍ନାଥ ମହାପ୍ରଭୁଙ୍କ ଆଦେଶ ଜଣାଇ ତୁଳସୀ ଦାସଙ୍କୁ ଶ୍ରୀକ୍ଷେତ୍ରକୁ ଫେରାଇ ନେଲେ । ତାଙ୍କୁ ଶ୍ରୀମନ୍ଦିରକୁ ନେଇ ଗଲେ ଓ ସେଠାରେ ରତ୍ନ ସିଂହାସନରେ ଶ୍ରୀରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କୁ ଦର୍ଶନ କଲେ । ଶ୍ରୀଜଗନ୍ନାଥ ରାମ ଭାବରେ, ସୁଭଦ୍ରା ସୀତା ଭାବରେ, ବଳଭଦ୍ର ଲକ୍ଷ୍ମଣ ଭାବରେ ଓ ଚକ୍ରରାଜ ସୁଦର୍ଶନ ହନୁମାନ ଭାବରେ ଶୋଭା ପାଉଥିଲେ । ବିସ୍ମିତ ହେଲେ ତୁଳସୀ । ବାସ୍ତବରେ ଯେ ଜଗନ୍ନାଥ ଜଗତର ନାଥ ଏବଂ ସେ ଯେ ସମସ୍ତ ଅବତାରର ହେତୁ ତାହା ତାଙ୍କର ହୃଦ୍‌ବୋଧ ହେଲା । ତୁଳସୀ ପ୍ରଣିପାତ ପୂର୍ବକ ଗାଇ ଉଠିଲେ:-

"ଯେହି ରାମ ସେହି ଜଗଦିଶା । ଇନହିକୋ ଅନ୍ତନ ପାବତ ଶେଷା ॥
ଅନୁଜ ଭାଏ ଲଛମନ ଅନୁହାରି । ଭଦ୍ରା ସୋ ସୀୟା ରାଜକୁମାରୀ ॥
ବନ୍ଦଉଁ ଖଦସ ବ୍ରହ୍ମ ଅବିନାଶୀ । ଜୟ ହନୁମାନ ରାମ ପଦବାସୀ ॥

ଅର୍ଥାତ୍ – ଗୋସ୍ୱାମୀ ତୁଳସୀ ଦାସ ମୁକ୍ତ କଣ୍ଠରେ ଘୋଷଣା କଲେ ଯେ – ଯେ ରାମ ସେ ହିଁ ଜଗନ୍ନାଥ । 'ସ୍କନ୍ଦ ପୁରାଣ' କହିଛନ୍ତି – "ଆରାଧେୟଂ –ଜଗନ୍ନାଥଂ, ରକ୍ଷାକୁ କୁଳ ଦୈବତଂ... ।" ଏବେ ମଧ୍ୟ ଉପରୋକ୍ତ ଚୌପାଇଗୁଡ଼ିକ ତୁଳସୀ ଦାସଙ୍କ ପ୍ରତିଷ୍ଠିତ ବଡ଼ଛତା ମଠର ସାଧୁମାନେ ଗାନ କରି ଶ୍ରୀଜଗନ୍ନାଥଙ୍କ ବଡ଼ସିଂହାର ବେଳେ ମନ୍ଦିର ପରିକ୍ରମା କରିବାର ପରମ୍ପରା ଅବ୍ୟାହତ ରହିଛି । ଅନନ୍ତର ତୁଳସୀ ଶ୍ରୀଜଗନ୍ନାଥଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ପ୍ରତ୍ୟାବର୍ତ୍ତନ କଲେ । ପୁରୀ ନିକଟରେ ଯେଉଁ ସ୍ଥାନରେ ତୁଳସୀ ରାତ୍ରୀଯାପନ କରିଥିଲେ, ତାହା ଏବେ 'ତୁଳସୀ ଚଉରା' ନାମରେ ଖ୍ୟାତ । ସେଠାରେ ତୁଳସୀ ଦାସଙ୍କ ସ୍ମୃତି ସ୍ୱରୂପ ମଠ ଏବଂ ଶ୍ରୀରାମ ମନ୍ଦିର ରହିଛି । ପ୍ରତ୍ୟହ ଅନେକ ଦର୍ଶନାର୍ଥୀ ସେଠାକୁ ଆସୁଛନ୍ତି । ତୁଳସୀ ଶ୍ରୀରାମ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଏକତ୍ୱ ପ୍ରତିପାଦନ କରିଛନ୍ତି ।

ଗୋସ୍ୱାମୀ ତୁଳସୀ ଦାସଙ୍କୁ କଳି ଯୁଗର ବାଲ୍ମୀକି ବୋଲି କୁହାଯାଏ । ତାଙ୍କ ପ୍ରଣୀତ 'ଶ୍ରୀରାମ ଚରିତ ମାନସ' ଏକ ବିଶ୍ୱ ବିଖ୍ୟାତ ଗ୍ରନ୍ଥ । ଏହା ଏକ ରାମାୟଣ ଗ୍ରନ୍ଥ ହେଲେ ମଧ୍ୟ ଏଥିରେ ତୁଳସୀ ଦାସଙ୍କ ମୌଳିକ ଚିନ୍ତା ଚେତନା ବେଶ୍ ସୁସ୍ପଷ୍ଟ । ଶଙ୍କର ଭଗବାନଙ୍କ ଆଦେଶକ୍ରମେ ତୁଳସୀ ଅଯୋଧ୍ୟା ଆସି ସେଠାରେ ପ୍ରାକୃତ ଭାଷା, ଅବଧି ଭାଷାରେ (ଅଯୋଧ୍ୟା ଅଞ୍ଚଳର ଭାଷା) ରାମାୟଣ ରଚନା କଲେ । ଶଙ୍କରଙ୍କ ମାନସ ପଟରୁ ଆସିଥିବାରୁ ଏହାର ନାମ 'ମାନସ ରାମାୟଣ' ବା 'ଶ୍ରୀରାମ ଚରିତ ମାନସ' । 'ଶ୍ରୀରାମ ଚରିତ ମାନସ'ର ଆଧ୍ୟାତ୍ମିକ ମୂଲ୍ୟ ଓ ସାହିତ୍ୟିକ ମୂଲ୍ୟ ବେଶ୍ ବିଚାର୍ଯ୍ୟ । ଏହା ଏକ ଆଧ୍ୟାତ୍ମିକ ଗ୍ରନ୍ଥ ଏଥିରେ ସନ୍ଦେହ ନାହିଁ । ବାଲ୍ମୀକି ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ଚିତ୍ରଣ କରିଛନ୍ତି, କିନ୍ତୁ ତୁଳସୀ ଶ୍ରୀରାମଙ୍କୁ ପରଂବ୍ରହ୍ମ, ପୂର୍ଣ୍ଣବ୍ରହ୍ମ, ପୂର୍ଣ୍ଣବାହୁ, ସନାତନ ଭାବରେ ଗ୍ରହଣ କରିଛନ୍ତି । 'ଶ୍ରୀରାମ ଚରିତ ମାନସ'ର ପ୍ରତ୍ୟେକ ଦୋହା, ଚୌପାଇ, ଛନ୍ଦ, ସୋରଠା ଶାବରୀ ମନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ପ୍ରତ୍ୟେକ ଚୌପାଇ ବା ଦୋହାର 'ର' ଏବଂ 'ମ' ବର୍ଣ୍ଣ ନିଶ୍ଚୟ ଥିବ । କୌଣସି କାର୍ଯ୍ୟ ସିଦ୍ଧି ହେବା ପାଇଁ ଏହାକୁ ଅନୁଷ୍ଠାନ କରାଯାଇପାରେ ।

'ଶ୍ରୀରାମ ଚରିତ ମାନସ'ର ସାହିତ୍ୟିକ ମୂଲ୍ୟ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଏହା ତୁଳସୀ ଦାସଙ୍କ ଅଗାଧ ଜ୍ଞାନର ପରିଚୟ ପ୍ରଦାନ କରେ । ସେ ଚାହିଁଥିଲେ ସଂସ୍କୃତ ଭାଷାରେ ରଚନା କରିପାରିଥାନ୍ତେ । କିନ୍ତୁ ଶିବଙ୍କ ଆଦେଶରେ ପ୍ରଚଳିତ ଲୋକଭାଷାରେ ଏହାକୁ ରଚନା କରିବା ଦ୍ୱାରା ଏହା ସର୍ବଜନାଦୃତ ହୋଇପାରିଛି । ସୁନ୍ଦର ଶବ୍ଦ ସଂଯୋଜନା ସହିତ ଉପମାଦିର ପ୍ରୟୋଗ କରି ତୁଳସୀ ସ୍ୱୀୟ ସାହିତ୍ୟିକ ବ୍ୟୁତ୍ପତ୍ତିର ପରିଚୟନ ପ୍ରଦାନ କରିଛନ୍ତି । ଶ୍ରୀରାମଙ୍କ ଶୋଭା ବର୍ଣ୍ଣନା ପ୍ରସଙ୍ଗରେ ଗୋସ୍ୱାମୀ କହିଛନ୍ତି – "କାମ କୋଟି ଛବି ଶ୍ୟାମ ଶରୀରା ନୀଲକଞ୍ଜ ବାରିଦ ଗମ୍ଭୀରା । ଅରୁଣ ଚରଣ ପଙ୍କଜ ନଖ ଜ୍ୟୋତି, କମଲ ଦଲନି ଶୋଭେ ଜନୁଭାଁତି ।"

'ଶ୍ରୀରାମ ଚରିତ ମାନସ' ବ୍ୟତୀତ ତୁଳସୀ ଦାସଙ୍କ ରଚିତ 'ଦୋହାବଳୀ', 'କବିତାବଳୀ', 'ବିନୟ ପତ୍ରିକା', 'ଶ୍ରୀହନୁମାନ ଚାଳିସା', 'ଶ୍ରୀହନୁମାନ ବାହୁକ', 'ବରଜଙ୍ଗ ବାଣ' ପ୍ରଭୃତି ଗୋଟିଏ ଗୋଟିଏ ଉପାଦେୟ ଗ୍ରନ୍ଥ । ଏହି ଗ୍ରନ୍ଥଗୁଡ଼ିକ ଭାରତବର୍ଷର ଜନସାଧାରଣଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି । ■

ବର୍ଷଣା ବିହାର, ମନ୍ଦିର ମାର୍ଗ
ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପୁଲିସର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

■ ଏମ୍ସ ପରିଦର୍ଶନ କଲେ ମୁଖ୍ୟ ଶାସନ ସଚିବ, ଡିଜିପି
■ ରାଜଧାନୀରେ ୫୦ ପ୍ଲାଟୁନ ଫୋର୍ସ, ୮ ଡିସିପି ନିୟୋଜିତ

ଭୁବନେଶ୍ୱର,୧୨।୭(ସମିସ): ଆସନ୍ତା ୧୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡିଶା ଆସୁଛନ୍ତି। ଏଥିପାଇଁ ଓଡ଼ିଶା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ କାର୍ଯ୍ୟକ୍ରମ ହେବାକୁ ଥିବା ଏମ୍ସ ପରିସର ଯାଞ୍ଚ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ଏମ୍ସ ପରିଦର୍ଶନ କରିବା ସହ ସେଠାକାର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ସମୀକ୍ଷା କରିଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଏହି ଅବସରରେ ଟ୍ୱିନ୍ ସିଟି ପୁଲିସ କମିଶନର, ଅତିରିକ୍ତ ପୁଲିସ କମିଶନର, ଭୁବନେଶ୍ୱର ଡିସିପିଙ୍କ ସମେତ ଏମ୍ସର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ପାଇଁ ପ୍ରସ୍ତୁତ ରହିଛି ପୁଲିସ ପ୍ରଶାସନ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ୫୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ୮ ଜଣ ଡିସିପି ର୍‌ୟାଙ୍କ ଅଫିସର, ୧୧ ଜଣ ଅତିରିକ୍ତ ଡିସିପି, ୩୧ ଜଣ ଏସିପି ରାଙ୍କ ଅଫିସର, ୪୪ ଇନ୍ସପେକ୍ଟର, ୧୮୦ ଜଣ ସବ୍‌ଇନ୍ସପେକ୍ଟରଙ୍କୁ ସୁରକ୍ଷା ତଦାରଖ ଦାୟିତ୍ୱ ଦିଆଯାଇଛି। ସେହିପରି ଏମ୍ସ ଭୁବନେଶ୍ୱର, ରାଜଭବନ ଓ ବିଭିନ୍ନ ଟ୍ରାଫିକ ପୋଷ୍ଟ ଓ ନାକା ଅଞ୍ଚଳରେ ପୁଲିସ ଫୋର୍ସ ନିୟୋଜିତ ରହିବେ।

କାର୍ଯ୍ୟକ୍ରମ ଅନୁସାରେ, ରାଷ୍ଟ୍ରପତି ୧୪ ତାରିଖ ଅପରାହ୍ଣରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ୧୪ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ। ୧୫ ତାରିଖ ପୂର୍ବାହ୍ଣରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହିଦିନ କଟକରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ "କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରି ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

## ଆରମ୍ଭ ହେଲା ପାଠପଢ଼ା
# ସ୍ନାତକରେ ୫୦% ଓ ସ୍ନାତକୋତ୍ତରରେ ୪୦% ସିଟ୍ ଫାଙ୍କା

ଭୁବନେଶ୍ୱର,୧୨।୭(ସମିସ): ସ୍ନାତକ ଓ ସ୍ନାତକୋତ୍ତର ପାଠପଢ଼ା ଗୁରୁବାରଠାରୁ ଆରମ୍ଭ ହୋଇଛି। ହେଲେ ନାମଲେଖା ପ୍ରକ୍ରିୟା ସରିପାରିନି। ପ୍ରଥମ ପର୍ଯ୍ୟାୟର ୩ଟି ରାଉଣ୍ଡ ନାମଲେଖା ପରେ ମଧ୍ୟ ସ୍ନାତକୋତ୍ତରରେ ପ୍ରାୟ ୧୨ହଜାର ୭ଶହ ଏବଂ ସ୍ନାତକରେ ପ୍ରାୟ ୫୦ ପ୍ରତିଶତ ସିଟ୍ ଫାଙ୍କା ପଡ଼ିଛି। ଫଳରେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଆଶାଜନକ ହୋଇପାରିନି।

ସ୍ନାତକ ପଢ଼ିବାକୁ ମୋଟ୍ ୨ଲକ୍ଷ ୭୪ହଜାର ୧୭୩ ସିଟ୍ ଥିବା ବେଳେ ଏହାଠାରୁ ପ୍ରାୟ ୧୬ହଜାର କମ୍ ପିଲା ଆବେଦନ କରିଛନ୍ତି। ତନ୍ମଧ୍ୟରୁ ଦ୍ୱିତୀୟ ରାଉଣ୍ଡ ନାମଲେଖା ଶେଷସୁଦ୍ଧା ମାତ୍ର ୧ଲକ୍ଷ ୯ହଜାର ୪ଶହ ଜଣ ନାମ ଲେଖାଇଥିଲେ। ତୃତୀୟ ରାଉଣ୍ଡ ନାମଲେଖା ପାଇଁ ଆଉ ୪୯,୮୧୮ ପିଲା ଚୟନ ହୋଇଥିଲେ ମଧ୍ୟ ନାମଲେଖା ୫୦% ଛୁଇଁ ପାରିନି। ଆଶାଜନକ ନାମଲେଖା ହେଉନଥିବାରୁ ସ୍ପଟ୍ ନାମଲେଖା ପାଇଁ ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ କରି ସମସ୍ତଙ୍କୁ ସୁଯୋଗ ଦିଆଯାଇଛି। ସେହିପରି ସ୍ନାତକୋତ୍ତର ବା ପିଜି ନାମଲେଖା ପାଇଁ ସମୁଦାୟ ୩୧,୧୫୪ଟି ସିଟ୍ ରହିଥିବା ବେଳେ ୪୧,୨୮୮ଜଣ ଚଏସ୍ ଲକ୍ କରି ନାମଲେଖା ପ୍ରକ୍ରିୟାରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ତୃତୀୟ ରାଉଣ୍ଡ ନାମଲେଖା ଶେଷ ସୁଦ୍ଧା ୧୮,୪୦୦ ଜଣ ନାମ ଲେଖାଇଥିବା ବେଳେ ପ୍ରାୟ ୪୦% ଅର୍ଥାତ୍ ୧୨,୭୨୮ ସିଟ୍ ଫାଙ୍କା ପଡ଼ିଛି। ଠିକ୍ ସମୟରେ ପାଠପଢ଼ା ଆରମ୍ଭ କରି ଶୈକ୍ଷିକ ବର୍ଷ ସଜାଡ଼ିବାକୁ ସରକାର ଆଗୁଆ ନାମଲେଖା ପାଇଁ ପଦକ୍ଷେପ ନେଇଥିଲେ। ଏପରିକି, +୨ ଓ +୩ ରେଜଲ୍ଟ ବାହାରିବା ପୂର୍ବରୁ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ପାଇଁ ଆବେଦନ ଆହ୍ୱାନ କରିଥିଲେ। ହେଲେ ସଚେତନତା ଅଭାବରୁ ବହୁ ଛାତ୍ରଛାତ୍ରୀ ସେମାନଙ୍କ ମାର୍କ ଅପଡେଟ୍ କରିନାହାନ୍ତି। ଏଣୁ ସେମାନଙ୍କୁ ସ୍ପଟ୍ ନାମଲେଖା ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପୁଣି ସୁଯୋଗ ଦେଇଛି। ହେଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିନ ଥିବାରୁ ନାମଲେଖା ଓ ପାଠପଢ଼ା ବାଧାପ୍ରାପ୍ତ ହୋଇଛି।

# ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରୁ ୨ ନାବାଳିକା ଉଦ୍ଧାର

ଜଟଣୀ,୧୨।୭(ସମିସ): ଜଟଣୀସ୍ଥିତ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରୁ ଦୁଇ ଜଣ ନାବାଳିକାଙ୍କୁ ଆର୍‌ପିଏଫ୍ ପୁଲିସ ଉଦ୍ଧାର କରିଛି। ଉଦ୍ଧାର ନାବାଳିକାଙ୍କ ବୟସ ୧୪ ଓ ୧୭ବର୍ଷ। ସେମାନଙ୍କ ଘର ତାମିଲନାଡୁର ମାଲାଲପାଟୁ ଅଞ୍ଚଳରେ। ସେମାନେ ଟ୍ରେନ୍ ଯୋଗେ ଏଠାକୁ ପଳାଇ ଆସିଛନ୍ତି।

ସୂଚନାଯୋଗ୍ୟ ଯେ ତାମ୍ବ୍ରମ୍-ତିନସୁକିଆ ଏକ୍ସପ୍ରେସ୍ ଟ୍ରେନ୍‌ରେ ଉଭୟ ତାମିଲନାଡୁରୁ ପଳାଇ ଆସିଥିଲେ। ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ର ୪ ନମ୍ବର ପ୍ଲାଟ୍‌ଫର୍ମରେ ଲାଗିଥିବା ଟ୍ରେନ୍‌ରେ ଉଭୟେ ବସିଥିବା ବେଳେ ପୁଲିସ ସେମାନଙ୍କୁ ପଚରାଉଚରା କରିଥିଲା। ଉଭୟଙ୍କ କଥାବାର୍ତ୍ତାରେ ତାଳମେଳ ଖାଇ ନ ଥିଲା। ପରେ ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ସେମାନେ ନାବାଳିକା ବୋଲି ପୁଲିସ ଜାଣିବାକୁ ପାଇଥିଲା। ପରେ ସେମାନଙ୍କ ପରିବାରଲୋକଙ୍କୁ ଯୋଗାଯୋଗ କରିବା ସହ ସାମାଜିକ ଅନୁଷ୍ଠାନରେ ଉଭୟଙ୍କୁ ଛଡ଼ାଯାଇଥିବା ସୂଚନା ମିଳିଛି।

## ଭୁବନେଶ୍ୱର ପାର୍ସଲ ବୋମା ବିସ୍ଫୋରଣ ଘଟଣା
# ଅକ୍ଷମ ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କୁ କ୍ଷତିପୂରଣ ଦିଅ: ହାଇକୋର୍ଟ

### କେନ୍ଦ୍ର ସରକାରଙ୍କ ଆବେଦନ ଖାରଜ

କଟକ, ୧୨।୭ (ସମିସ): ପାର୍ସଲ ବୋମା ବିସ୍ଫୋରଣରେ ୭୫ ପ୍ରତିଶତ ଅକ୍ଷମ ଜଣେ ଅବସରପ୍ରାପ୍ତ ଡାକ ସହାୟକଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ନିର୍ଦ୍ଦେଶ ବିରୋଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରୁଜୁ ମାମଲାକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ମାମଲାର ପ୍ରତିପକ୍ଷ ପୂର୍ବତନ ଡାକ କର୍ମଚାରୀ ପ୍ରଣବାନନ୍ଦ ଦାସ ସରକାରୀ ଡ୍ୟୁଟି କରୁଥିବା ସମୟରେ ଏକ ପାର୍ସଲ ବୋମା ବିସ୍ଫୋରଣ ଯୋଗୁଁ ଅଙ୍ଗପ୍ରତ୍ୟଙ୍ଗ ହରାଇଥିଲେ। ତାଙ୍କର ଦୀର୍ଘକାଳୀନ ଚିକିତ୍ସା ଏବଂ ସ୍ୱଳ୍ପ ପରିମାଣର କ୍ଷତିପୂରଣ ଦାବିକୁ ବିଚାର କରି ସରକାରୀ କର୍ତ୍ତୃପକ୍ଷ ଆଉ ବିଳମ୍ବ ନକରି ୧ ଲକ୍ଷ ୮୩ହଜାର ୮୨୩ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ରୁଜୁ ଆବେଦନକୁ ଖାରଜ କରି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତିପକ୍ଷଙ୍କ ଦ୍ୱାରା ଦାବି କରାଯାଇଥିବା ଏକକାଳୀନ କ୍ଷତିପୂରଣ ରାଶି ଅତ୍ୟଧିକ ନୁହେଁ, ତେଣୁ ଅଦାଲତଙ୍କ ହସ୍ତକ୍ଷେପ ଆବଶ୍ୟକ ନୁହେଁ ବୋଲି କହିଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ, ପ୍ରଣବାନନ୍ଦ ଦାସ ଭୁବନେଶ୍ୱରର ସୂର୍ଯ୍ୟନଗର ନନ୍-ଡେଲିଭରି ଟାଇପ୍ ସବ୍-ଅଫିସ୍‌ରେ ପୋଷ୍ଟାଲ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୦୦୨ ଜାନୁଆରି ୩ ତାରିଖ ଦିନ ଡ୍ୟୁଟିରେ ଥିବା ସମୟରେ ଏକ ପାର୍ସଲ ବୋମା ବିସ୍ଫୋରଣରେ ସେ ଗୋଟିଏ ହାତ ଏବଂ ଗୋଟିଏ ଗୋଡ଼ ହରାଇଥିଲେ। ଏହି ଘଟଣା ଯୋଗୁଁ ସେ ପ୍ରାୟ ଦୁଇ ବର୍ଷ ପାଞ୍ଚ ମାସ ପାଇଁ ଚାକିରିରୁ ଅନୁପସ୍ଥିତ ଥିଲେ। ଡ୍ୟୁଟିରେ ପୁନର୍ବାର ଯୋଗଦାନ କରିବା ପରେ ସମଗ୍ର ସମୟ ପାଇଁ ଛୁଟି ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଅବସର ଗ୍ରହଣ କରିଥିଲେ ସୁଦ୍ଧା ତାଙ୍କୁ ଅକ୍ଷମତା ପେନସନ୍ କିମ୍ବା ଏକକାଳୀନ କ୍ଷତିପୂରଣ ରାଶି ନ ମିଳିବାରୁ ସେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ପରେ ଡାକ ବିଭାଗ ବରିଷ୍ଠ ଅଧୀକ୍ଷକ (ଏସଏସପିଓ) ଗତ ୨୦୧୫ ଜାନୁଆରି ୩୦ରେ ଏକକାଳୀନ କ୍ଷତିପୂରଣ ରାଶି ୧ଲକ୍ଷ ୮୩ହଜାର ଟଙ୍କା ପ୍ରଦାନ ପାଇଁ ବରିଷ୍ଠ ବିତ୍ତ ଅଧିକାରୀଙ୍କୁ ଚିଠି କରିଥିଲେ। ବିଳମ୍ବ କାରଣରୁ ଏହାକୁ ଅଗ୍ରାହ୍ୟ କରାଯାଇଥିଲା। ତେବେ ପୁନର୍ବାର ଟ୍ରିବ୍ୟୁନାଲଙ୍କ ପକ୍ଷରୁ ଏସଏସପିଓଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଚାଲେଞ୍ଜ କରି କେନ୍ଦ୍ର ସରକାର ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିଜକୁ ଜାଳିଦେଲେ...

ବାଲେଶ୍ୱର ମେଡିକାଲ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ, ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବାଲେଶ୍ୱର ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଆଜି ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ଏହି ଘଟଣାରେ ଅଭିଯୁକ୍ତ ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ (ଏଚ୍‌ଓଡି) ସମୀର କୁମାର ସାହୁଙ୍କୁ ସହଦେବଖୁଣ୍ଟା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାକୁ ନେଇ କଲେଜ ପରିସରରେ ଅଶାନ୍ତି ଲାଗି ରହିଥିବାରୁ ବ୍ୟାପକ ପୁଲିସ୍ ମୁତୟନ କରାଯାଇଛି। ଏସ୍‌ପି ରାଜପ୍ରସାଦ ଘଟଣାର ଅନୁଧ୍ୟାନ କରିବା ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ସୂଚନାନୁଯାୟୀ, ଗତ ଜୁନ୍ ୧ତାରିଖରେ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ପ୍ରମୁଖ ସମୀର କୁମାର ସାହୁଙ୍କ ନାଁରେ ଦୁର୍ବ୍ୟବହାର ଓ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ ସୌମ୍ୟାଶ୍ରୀ। ଅଭିଯୋଗ ଅନୁସାରେ, ୬ମାସ ତଳେ ଅଧ୍ୟାପକଜଣଙ୍କ ଛାତ୍ରୀଙ୍କଠାରୁ ଶାରୀରିକ ପ୍ରାପ୍ୟ ଆଶା କରିଥିଲେ। ମାତ୍ର ସେ ଅସ୍ୱୀକାର କରିବାରୁ ଅଧ୍ୟାପକ ଶ୍ରୀ ସାହୁ ତାଙ୍କୁ ପ୍ରଥମେ କ୍ଲାସ୍‌ରେ ଅନୁପସ୍ଥିତିକୁ କେନ୍ଦ୍ର କରି ଫେଲ୍ କରିଦେବାର ଧମକ ଦେଇଥିଲେ ଏବଂ ତାଙ୍କର ବ୍ୟକ୍ତିଗତ ଜୀବନର କିଛି ଘଟଣାବଳୀକୁ ତାଙ୍କ ପିତାମାତାଙ୍କୁ ଫୋନ୍ କରି ଜଣାଇଥିଲେ। ଛାତ୍ରୀଜଣଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣରେ ଜଣେ ତାଲିମପ୍ରାପ୍ତ ଟ୍ରେନର୍। ସରକାରୀ ପ୍ରଶିକ୍ଷଣ ଶିବିର କାରଣରୁ ବହୁ ସମୟରେ କଲେଜରେ ଅନୁପସ୍ଥିତ ରୁହନ୍ତି। ଏହି ସୁଯୋଗର ଫାଇଦା ନେଇ ବାରମ୍ବାର ଛାତ୍ରୀଜଣଙ୍କୁ ଅଧ୍ୟାପକ ଶ୍ରୀ ସାହୁ ଅପମାନିତ କରିବା ସହ ଦୀର୍ଘ ମାସ ଧରି ନିର୍ଯାତନା ଦେଇଆସୁଥିଲେ। ଏ ସଂପର୍କରେ ସୌମ୍ୟାଶ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କଠାରେ ଅଭିଯୋଗ କରିଥିଲେ।

ଏପରିକି, ସଂପୃକ୍ତ ଅଧ୍ୟାପକଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ସେ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ ମଧ୍ୟ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଥିଲେ। କଲେଜ କର୍ତ୍ତୃପକ୍ଷ ଏ ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁଙ୍କ ଉପସ୍ଥିତିରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହାର ଦିନକ ପରେ ହିଁ ଅଧ୍ୟାପକଜଣଙ୍କ ନିଜ ସହକର୍ମୀ ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରବର୍ତ୍ତାଇ ମାନସିକ ଚାପ ପକାଉଛନ୍ତି ବୋଲି ପୁଣି ସୌମ୍ୟାଶ୍ରୀ ଅଭିଯୋଗ କରିଥିଲେ।

ଏହି ଘଟଣାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇ କଲେଜ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ତଦନ୍ତ ପାଇଁ ଦାବି କରାଯାଇଥିଲା। ଏ ପର୍ଯ୍ୟନ୍ତ ତଦନ୍ତ କ'ଣ ହେଲା ଏବଂ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ଦାବି କରି ଆଜି ମଧ୍ୟାହ୍ନରେ ଛାତ୍ରଛାତ୍ରୀମାନେ କଲେଜ ପରିସରରେ ଧାରଣା ଦେଇଥିଲେ। ଏହି ସମୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଘୋଷ ସମ୍ପୃକ୍ତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଡାକି ଏକୁଟିଆ କିଛି ସମୟ ଆଲୋଚନା କରିଥିଲେ। କିନ୍ତୁ, ସେଠାରୁ ଫେରିବା ପରେ ସେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ପରେ ଛାତ୍ରଛାତ୍ରୀ ଉକ୍ତ ଅଧ୍ୟାପକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ପରେ ସହଦେବଖୁଣ୍ଟା ପୁଲିସ କଲେଜ ପରିସରରୁ ଅଧ୍ୟାପକ ଶ୍ରୀ ସାହୁଙ୍କୁ ଉଠାଇ ନେଇଥିଲା।

କଲେଜ ଅଧ୍ୟକ୍ଷ ଶ୍ରୀ ଘୋଷ କହିଛନ୍ତି ଯେ ଉକ୍ତ ଛାତ୍ରୀଙ୍କ ଅଭିଯୋଗକ୍ରମେ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ସେଥିରେ କିଛି ଶିକ୍ଷକ ଓ ଛାତ୍ରମାନେ ମଧ୍ୟ ରହିଥିଲେ। ଏପରିକି, କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୧୫ ଦିନ ସମୟ ମଧ୍ୟ ମଗାଯାଇଥିଲା। ହେଲେ ଛାତ୍ରମାନେ ୭ ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ତଦନ୍ତ ରିପୋର୍ଟରେ ଶାରୀରିକ ପ୍ରାପ୍ୟ ବାବଦରେ କୌଣସି ତଥ୍ୟ ଜଣାପଡ଼ିନାହିଁ।

## ବନ୍ଦ ଥିଲା...

ଦୁର୍ଘଟଣାଗ୍ରସ୍ତ ବିମାନର ମୁଖ୍ୟ ପାଇଲଟ୍ ସୁମିତ ସମବରୱାଲ ଥିଲେ ଏବଂ ତାଙ୍କର ୮୬୦୦ ଘଣ୍ଟାର ଉଡ଼ାଣର ଅନୁଭୂତି ଥିଲା। ସେହିଭଳି କୋପାଇଲଟ୍ କ୍ଲାଇଭ୍ କୁନ୍ଦରଙ୍କର ୧୧୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ଥିଲା। ଏତେ ଅଭିଜ୍ଞ ପାଇଲଟ୍ କେବେହେଲେ ଏଭଳି ଭୁଲ କରିନଥିବେ ବୋଲି କୁହାଯାଉଛି। ତେବେ ଏହାକୁ ନେଇ ପାଇଲଟ ଓ ବିଶେଷଜ୍ଞ ଦୁଇ ପ୍ରକାର ମତାମତ ଦେଇଛନ୍ତି। କେତେକ କହୁଛନ୍ତି ଯେ ଇନ୍ଧନ ସ୍ୱିଚ୍ ।।ରେ ଏପରି ଲକ୍ ସିଷ୍ଟମ କରାଯାଇଛି ଯେ ଏହାକୁ କେବଳ ପାଇଲଟ୍ ଅପରେଟ୍ କରିପାରିବେ। ଅଜାଣତରେ ହାତ ଲାଗିଲେ ମଧ୍ୟ କିଛି ହେବନାହିଁ। ତେଣୁ କେହି ଜଣେ ଜାଣିଶୁଣି ଏପରି ଅନ୍ତର୍ଘାତି କାମ କରିଥାଇପାରେ ବୋଲି ସେମାନେ ମତ ଦେଇଛନ୍ତି। କାରଣ ଦୁର୍ଘଟଣା ବେଳେ କକ୍‌ପିଟ୍‌ରେ ଦୁଇ ପାଇଲଟଙ୍କ ମଧ୍ୟରେ ରେକର୍ଡ ହୋଇଥିବା କଥାବାର୍ତ୍ତାରୁ ଏଭଳି ଆଭାସ ମିଳିଛି। ଜଣେ ପାଇଲଟ ପଚାରୁଛନ୍ତି, 'ଇନ୍ଧନ ସୁଇଚ୍ କାହିଁକି ବନ୍ଦ କଲ?' ଅନ୍ୟ ଜଣେ ଉତ୍ତର ଦେଉଛନ୍ତି, 'ମୁଁ ବନ୍ଦ କରିନାହିଁ।' ଅନ୍ୟ କିଛି ପାଇଲଟଙ୍କର ମତାମତ ହେଲା ଯେ କୌଣସି ପାଗଳ ପାଇଲଟ୍ ମଧ୍ୟ କେବେହେଲେ ଏଭଳି ଭୁଲ୍ କରିବ ନାହିଁ। ଏହା ପଛରେ ଯାନ୍ତ୍ରିକ ତ୍ରୁଟି ଥାଇପାରେ। କାରଣ ୭ ବର୍ଷ ତଳେ ଆମେରିକାର ଏକ ବିମାନ ସଂସ୍ଥା ଇନ୍ଧନ ସ୍ୱିଚ୍‌କୁ ନେଇ ଏଭଳି ସତର୍କ କରାଇଥିଲା। ଯାହାକୁ କି ବିମାନ ଚଳାଚଳ ସଂସ୍ଥା ଗୁରୁତ୍ୱ ଦେଇ ନାହାନ୍ତି। ତେବେ ଚୂଡ଼ାନ୍ତ ରିପୋର୍ଟ ନଆସିବା ପର୍ଯ୍ୟନ୍ତ କିଛି କୁହାଯାଇପାରିବ ନାହିଁ। ଅନ୍ୟ କିଛି ବିଶେଷଜ୍ଞଙ୍କର ମତ ହେଲା ଯେ ଏହା ଏକ ବିରଳ ତ୍ରୁଟି। ବିଦ୍ୟୁତ ସରବରାହରେ ବ୍ୟାଘାତ ହେଲେ ଏଭଳି ଯାନ୍ତ୍ରିକ ତ୍ରୁଟିର ସମ୍ଭାବନା ମଧ୍ୟ ରହିଛି।

ଏହି ବିମାନ ଦୁର୍ଘଟଣାର ତଦନ୍ତ କରିଥିବା ଭାରତୀୟ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ (ଏଏଆଇବି) ଗତକାଲି ବିଳମ୍ବିତ ରାତିରେ ୧୫ ପୃଷ୍ଠା ବିଶିଷ୍ଟ ଏହାର ପ୍ରାଥମିକ ରିପୋର୍ଟ ଜାରି କରିଛି। ଦୁର୍ଘଟଣା ସମୟରେ ଘଟିଯାଇଥିବା କିଛି ଘଟଣା ଓ ଏହି ସମୟରେ କକ୍‌ପିଟ୍‌ରେ ଦୁଇ ପାଇଲଟଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାକୁ ଭିତ୍ତି କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ବିମାନ ଉଡ଼ିବାର କିଛି ସେକେଣ୍ଡ ମଧ୍ୟରେ ଇଞ୍ଜିନ-୧ ଏବଂ ଇଞ୍ଜିନ୍-୨ର ଦୁଇଟି ଯାକ ଇନ୍ଧନ ସ୍ୱିଚ୍ ବନ୍ଦ ହୋଇଯାଇଥିଲା। ଯାହାଫଳରେ ଦୁଇଟି ଯାକ ଇଞ୍ଜିନ ସଟ୍-ଡାଉନ୍ ବା କାମ କରିବା ବନ୍ଦ କରିଦେଇଥିଲା। ବିମାନ ଆଉ ଉପରକୁ ଉଠିନପାରି ତଳକୁ ଖସିପଡ଼ିଥିଲା। ଏହି ସମୟରେ ଜଣେ ପାଇଲଟ୍ ଅନ୍ୟ ଜଣଙ୍କୁ ପଚାରୁଛନ୍ତି, 'ଇନ୍ଧନ ସ୍ୱିଚ୍ କାହିଁକି ବନ୍ଦ କଲ?' ଏହାର ଉତ୍ତର ଦେଇ ଅନ୍ୟ ଜଣେ ପାଇଲଟ୍ କହୁଛନ୍ତି, 'ମୁଁ କରିନାହି:।' ଏହାର କିଛି ସେକେଣ୍ଡ ମଧ୍ୟରେ ଦୁଇଟି ଯାକ ସ୍ୱିଚ୍ ପୁଣି ଚାଲୁ ହେବା ଆରମ୍ଭ କରିଥିଲା। କିନ୍ତୁ ସେତେବେଳେ ବହୁତ ବିଳମ୍ବ ହୋଇଯାଇଥିଲା। ଇଞ୍ଜିନ୍-୨ କାମ କରିବାକୁ ଆରମ୍ଭ କରୁଥିବା ବେଳେ ଇଞ୍ଜିନ-୧ କାମ କରିନଥିଲା। ବିମାନର ବେଗ ବି କମିଯାଇଥିଲା। ବିମାନ ଖୁବ୍ କମ୍ ଉଚ୍ଚତାରେ ଉଡ଼ୁଥିବାରୁ ଆଉ ଉପରକୁ ଉଠିବା ଲାଗି ବଳ ପାଇନଥିଲା। ବିମାନକୁ ଦୁର୍ଘଟଣାରୁ ରକ୍ଷା କରିବା ଲାଗି ରାମ ଏୟାର ଟର୍ବାଇନ (ରାଟ୍)କୁ ନିୟୋଜିତ କରିଥିଲେ ପାଇଲଟ୍। କିନ୍ତୁ କିଛି କାମ ଦେଲାନାହିଁ। ବିମାନ ଉଡ଼ିବାର ୯୦ ସେକେଣ୍ଡ ମଧ୍ୟରେ ଖସିପଡ଼ିଥିଲା। ଏୟାର ଇଣ୍ଡିଆର ଏହି ବିମାନଟି ଅହମଦାବାଦ ବିଜେ ମେଡିକାଲ କଲେଜ ହଷ୍ଟେଲ ଉପରେ ପଡ଼ିଯାଇଥିଲା। ଏଥିରେ ୨୬୦ ଜଣ ପ୍ରାଣ ହରାଇଥିଲେ। ବିମାନରେ ଥିବା ବିମାନ କର୍ମଚାରୀ ଓ ଯାତ୍ରୀଙ୍କୁ ମିଶାଇ ୨୪୧ ଜଣ ପ୍ରାଣ ହରାଇଥିବା ବେଳେ ତଳେ ଥିବା ୧୯ ଜଣ ପ୍ରାଣ ହରାଇଥିଲେ। ତେବେ ଜଣେ ବିମାନ ଯାତ୍ରୀ ବର୍ତ୍ତିଯାଇଥିଲେ। ପକ୍ଷୀମାଡ଼ ଯୋଗୁଁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବାର କୌଣସି ପ୍ରମାଣ ମିଳିନାହିଁ ବୋଲି ରିପୋର୍ଟରେ କୁହାଯାଇଛି।

ସୂଚନାଯେଗ୍ୟ ଯେ ଜୁନ ୧୨ ତାରିଖ ଅପରାହ୍ଣରେ ଏୟାର ଇଣ୍ଡିଆର ଏଆଇ ୧୭୧ ବୋଇଂ ୭୮୭-୮ ଡ୍ରିମଲାଇନର ଅହମଦାବାଦରୁ ଲଣ୍ଡନ ଯାଉଥିଲା। ଏଥିରେ ୨୩୦ ଜଣ ଯାତ୍ରୀ ଥିବା ବେଳେ ଦୁଇ ଜଣ ପାଇଲଟ ଏବଂ ୧୦ ଜଣ କ୍ୟାବିନ୍ କର୍ମଚାରୀ ଥିଲେ। ଭାରତରେ ଏୟାର ଇଣ୍ଡିଆ ଇତିହାସରେ ଏହାଥିଲା ସବୁଠାରୁ ଭୟଙ୍କର ଦୁର୍ଘଟଣା। ଏହି ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କ ମୃତ୍ୟୁ ଘଟିଥିଲା।

## ବିଷାକ୍ତ ମଦ...

ଶିଳ୍ପରେ ପରିଣତ ହୋଇଛି। ଗତକାଲି ମଦ ପିଇ ମିଲୁ ସାମଲ(୫୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରଫୁଲ୍ଲ ସାମଲ (୫୮) ଗୁରୁତର ହୋଇଥିଲେ। ପ୍ରଫୁଲ୍ଲଙ୍କୁ ପ୍ରଥମେ ବଳରାମପୁର, ପରେ ଇନ୍ଦିପୁର ଏବଂ ଶେଷରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ସେହିପରି ବିଷାକ୍ତ ମଦ ପିଇ ଗ୍ରାମର ସୁଶାନ୍ତ ମାଝୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି।

ଖାଲି ସେତିକି ନୁହେଁ, ବିଷାକ୍ତ ମଦ ଯୋଗୁଁ ମାସେ ତଳେ ଗ୍ରାମର ସୁରେଶ ପାତ୍ର (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ପୂର୍ବରୁ ମିଟୁ ସାହୁ, ଦୟା ସେଠୀ, ଗୌରାଙ୍ଗ ବେହେରା ମଧ୍ୟ ପ୍ରାଣ ହରାଇଛନ୍ତି। ଗତ ୬ ମାସ ମଧ୍ୟରେ ଏମାନଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ରାସୋଳ ଥାନା ଏବଂ ହିନ୍ଦୋଳ ଗ୍ରାମଠାରୁ ଦୂରରେ ରହିଥିବାରୁ ଅବକାରୀ ବିଭାଗ ଏବଂ ପୁଲିସ ଗ୍ରାମରେ ଚଢ଼ଉ କରୁନଥିବାରୁ ଦେଶୀ ମଦ ରାନ୍ଧିବା କେତେକଙ୍କ ପାଇଁ କୁଟୀର ଶିଳ୍ପରେ ପରିଣତ ହୋଇଛି। ଏହି ମଦ ପିଇ ଗରିବ ଲୋକମାନେ ସର୍ବସ୍ୱାନ୍ତ ହେଉଛନ୍ତି। ଏ ଦିଗରେ ତଦନ୍ତ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

## ଫେରିଲେ ନବୀନ...

ଶନିବାର ଦିନ ୧୨ଟା ୩୦ ମିନିଟରେ ନବୀନ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଥିଲେ ହେଁ ଏହାର ପ୍ରାୟ ଘଣ୍ଟାଏ ବିଳମ୍ବରେ ନବୀନ ପହଞ୍ଚିଥିଲେ। ମାତ୍ର ଲୋକଙ୍କ ମଧ୍ୟରେ ଉତ୍ସାହ କମିବା ପରିବର୍ତ୍ତେ ଦ୍ୱିଗୁଣିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ରାଜ୍ୟର କୋଣ ଅନୁକୋଣରୁ ନବୀନଙ୍କୁ ଭଲ ପାଉଥିବା ଲୋକେ ବିନା କାହାର ନିମନ୍ତ୍ରଣ, ପରାମର୍ଶରେ ଭୁବନେଶ୍ୱର ଛୁଟି ଆସିଥିବା ବେଳେ ନବୀନଙ୍କ ଝଲକ ଟିକିଏ ପାଇବା ପାଇଁ ବ୍ୟାକୁଳ ହୋଇ ଉଠିଥିଲେ। ନବୀନଙ୍କ ଦେଖିବା ମାତ୍ରେ ତାଙ୍କର ବହୁ ସମର୍ଥକ ଭଗବାନଙ୍କୁ କୃତଜ୍ଞତା ଜ୍ଞାପନ କରୁଥିବାର ଦେଖିବାକୁ ମିଳିଥିଲା। ଅଜାଣରେ ଦୁଇଆଖିରୁ ଆନନ୍ଦାଶ୍ରୁ ଝରି ପଡୁଥିଲା। ମହିଳାମାନେ ହୁଳହୁଳି ଦେଇ ନବୀନଙ୍କୁ ସ୍ୱାଗତ କରୁଥିବା ବେଳେ ନବୀନଙ୍କ ଜିନ୍ଦାବାଦ ଧ୍ୱନିରେ ପୂରା ଅଞ୍ଚଳକୁ ପ୍ରକମ୍ପିତ କରିଥିଲେ ସମର୍ଥକ ଓ ଶୁଭେଚ୍ଛୁ। ଏପରିକି ରାସ୍ତାର ଦୁଇପାଖ ଏବଂ ରାସ୍ତାରେ ଛିଡ଼ାହେବା ପାଇଁ ସ୍ଥାନ ନମିଳିବାକୁ କିଛି ଯୁବକ ନିକଟସ୍ଥ କୋଠା ଉପରେ ଚଢ଼ି ନବୀନଙ୍କ ଫଟୋ ନିଜ କ୍ୟାମେରାରେ ତୋଳି ଧରୁଥିବାର ଦେଖିବାକୁ ମିଳୁଥିଲା। ନବୀନଙ୍କୁ ପାଖରେ ସୁସ୍ଥ ରୂପରେ ପାଇଁ ପୂରା ପରିବେଶ ଭାବପ୍ରବଣତାରେ ଭରି ଯାଇଥିବା ବେଳେ ସାଧାରଣ ଲୋକେ ବେଶ୍ ଖୁସି ପ୍ରକଟ କରୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ଗତ ୨୦ତାରିଖରେ ନିଜ ଚିକିତ୍ସା ପାଇଁ ନବୀନ ଭୁବନେଶ୍ୱର ଯିବା ସମୟରେ ମଧ୍ୟ ଭୁବନେଶ୍ୱର ବିମାନ ବନ୍ଦର ଛକରେ ଏକ ଅଦ୍ଭୁତ ପରିବେଶ ସୃଷ୍ଟି ହୋଇଥିଲା। ସାଧାରଣ ଲୋକେ, ଶୁଭେଚ୍ଛୁ ସେଠାରେ ଏକାଠି ହୋଇ ନବୀନଙ୍କ ସୁସ୍ଥତା କାମନା କରିଥିଲେ। ମୁମ୍ବାଇରେ ଚିକିତ୍ସା ସାରି ନବୀନ ଖୁବଶୀଘ୍ର ଓଡ଼ିଶା ଫେରି ନିଜକୁ ରାଜ୍ୟବାସୀଙ୍କ ସେବାରେ ବ୍ରତୀ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ସମର୍ଥକ। ରାଜ୍ୟବ୍ୟାପୀ ବିଭିନ୍ନ ମନ୍ଦିର, ଦେବାଦେବୀଙ୍କ ପୀଠ ଏବଂ ନିଜ ଇଷ୍ଟଙ୍କ ପାଖରେ ଶୁଭେଚ୍ଛୁ ନବୀନଙ୍କ ଶୀଘ୍ର ସୁସ୍ଥତା କାମନା କରିଥିଲେ। ଦୀପ ଜାଳିଥିଲେ। ମାନସିକ କରିଥିଲେ। ମୁମ୍ବାଇରେ ଗତ ୨୨ତାରିଖରେ ନବୀନଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ନବୀନଙ୍କ ସଫଳ ଚିକିତ୍ସା ମଧ୍ୟ ହୋଇଥିଲା। ୭ ତାରିଖରେ ହସ୍ପିଟାଲରୁ ଡିସ୍ଚାର୍ଜ ହେବା ପରେ ନବୀନ ଶନିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି।

କେବଳ ଶୁଭେଚ୍ଛୁ କିମ୍ବା ପ୍ରଶଂସକ ନୁହନ୍ତି, ବିଜୁ ଜନତା ଦଳର ବରିଷ୍ଠ ନେତାମାନଙ୍କ ସହ ଯୁବ, ଛାତ୍ର ଏବଂ ମହିଳା ଦଳର ବହୁ ନେତା ଓ ନେତ୍ରୀମାନେ ଉପସ୍ଥିତ ରହି ନବୀନଙ୍କୁ ସ୍ୱାଗତ କରିଥିଲେ। ନବୀନଙ୍କ ଅନୁପସ୍ଥିତିରେ ରାଜର ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେଡି ନିଜର ଲଢ଼େଇ କରି ଆସିଥିଲା। ଏବେ ନବୀନ ଫେରିବା ପରେ ଆମର ଶକ୍ତି ବହୁଗୁଣରେ ବଢ଼ିଗଲା। ଆମ ସଭାପତି, ଆମ ନେତାଙ୍କ ମାର୍ଗଦର୍ଶନରେ, ନିର୍ଦ୍ଦେଶରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରତିଟି ପ୍ରସଙ୍ଗରେ ବିଜେଡି ନିଜର ସ୍ୱରକୁ ଶାଣିତ କରିବ ବୋଲି ଦଳର ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଆଜିଠୁ ଅତି ପ୍ରବଳ...

ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲାରେ ହାଲୁକା ବର୍ଷା ସହ ପ୍ରବଳ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲାରେ ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବ। ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ କଟକ, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୋଳ, ଦେବଗଡ଼, ବରଗଡ଼, ଯାଜପୁର, ବୌଦ୍ଧ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୧୪ ତାରିଖରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡା ଜିଲ୍ଲାକୁ ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୧୫ ତାରିଖ ପାଇଁ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାକୁ ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୧୬ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ ହାଲୁକା ବର୍ଷା ସହ ବଜ୍ରପାତ ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି।

ଗତ ୨୪ଘଣ୍ଟାରେ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୬.୬୭ ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ସମତଳ ଅଞ୍ଚଳରେ ନବରଙ୍ଗପୁରରେ ୦.୮ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ନୟାଗଡ଼ ରଣପୁର ୫୮.୬ମିମି, କଟକ ବାଙ୍କୀ ୫୫.୦ ମିମି., ଖୋର୍ଦ୍ଧା ବୋଲଗଡ଼ ୫୨.୦ ମିମି ବର୍ଷା ରେକର୍ଡ ହୋଇଛି। ଟ୍ୱିନସିଟିରେ ତାପମାତ୍ରାରେ ବୃଦ୍ଧି ପାଇଛି। ଆଜି କଟକରେ ୩୫ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଭୁବନେଶ୍ୱରରେ ୩୬ ଡିଗ୍ରୀ ରହିଛି।

## ଗଡ଼ିଲା ବସ୍...

କରିବାକୁ ସେ ଚେତାବନୀ ମଧ୍ୟ ଦେଇଛନ୍ତି। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନରୁ ସମର୍ଥନ ପ୍ରତ୍ୟାହାର ନେଇ ଶୁକ୍ରବାର ଘୋଷଣା କରିଥିଲା ରାଜ୍ୟ ଘରୋଇ ବସ୍ ମାଲିକ ସଂଘ। ପୂର୍ବ ଘୋଷଣା ଅନୁଯାୟୀ ଆଜି ରାଜ୍ୟର ବିଭିନ୍ନ ସ୍ଥାନ ଯଥା କଟକ, ଭୁବନେଶ୍ୱର, ସମ୍ବଲପୁର, ପାରାଦୀପ, ମାଲକାନଗିରି ସହ ବିଭିନ୍ନ ସ୍ଥାନରୁ ବସ୍ ଚଳାଚଳ କରିଥିଲା। କେବଳ ବସ୍ ନୁହେଁ; ୪ ଚକିଆ ଯାନ ମଧ୍ୟ ଚଳାଚଳ କରୁଥିବାର ଦେଖିବାକୁ ମିଳୁଥିଲା। କେତେକ ସ୍ଥାନରେ ଡ୍ରାଇଭରମାନେ ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ନାମରେ ବିଷୋଦଗାର କରିଛନ୍ତି। ମହାସଂଘର କେତେକ ଗୋଷ୍ଠୀ ମେଣ୍ଡୁଲିଙ୍କୁ ସିଧାସଳଖ ବିରୋଧ କରୁଥିବାରୁ ମହାସଂଘ ଦୁଇଫାଳ ହୋଇଯାଇଥିବା କୁହାଯାଉଛି। ତେବେ ଏନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି। ସାମାଜିକ ଗଣମାଧ୍ୟମରେ ଏନେଇ ଏକ ପୋଷ୍ଟ କରି ସେ କାନ୍ଦ କାନ୍ଦ ସ୍ୱରରେ କହିଛନ୍ତି ଯେ ବର୍ତ୍ତମାନ ଧୈର୍ଯ୍ୟ ହେଉଛି ବଡ଼ ଅସ୍ତ୍ର। ଆପଣମାନେ ଧୈର୍ଯ୍ୟ ଧରନ୍ତୁ। ଏହି ସମୟ ଆଉ କେବେବି ଡ୍ରାଇଭର ଭାଇମାନେ ପାଇବେ ନାହିଁ। ଯଦି କେଉଁମାନେ ନିଜ ମାଲିକଙ୍କୁ ଡରି ଗାଡି ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି, ସେମାନେ ଚଳାନ୍ତୁ। ମାତ୍ର ଡ୍ରାଇଭର୍ ମହାସଂଘର ନିଷ୍ପତ୍ତିକୁ ଖିଲାପ କରି ଯେଉଁମାନେ ଗାଡ଼ି ଚଲାଉଛନ୍ତି ସେମାନଙ୍କ ଫଟୋ ଉଠାଇବୁ। ସେମାନଙ୍କୁ ଚିହ୍ନଟ କରାଯିବା ସହ ଯେଉଁମାନେ ଏବେ ଗାଡ଼ି ଚଲାଉଛନ୍ତି ସେମାନଙ୍କୁ ସଂଘରୁ ବାହାର କରିବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଆଜି ଓଡ଼ିଶା ଡ୍ରାଇଭର୍ ମହାସଂଘର ରାଜ୍ୟ କୋଷାଧ୍ୟକ୍ଷ ଆଦିତ୍ୟ ବେହେରା ଗିରଫ ପରେ ବଲାଙ୍ଗିର ଜେଲ୍ ଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଶୁକ୍ରବାର ମିନି ଟ୍ରକ ମାଲିକ ସଂଘ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ଏନେଇ ପୁନର୍ବାର ପ୍ରତିକ୍ରିୟା ରଖିଛନ୍ତି। ଡ୍ରାଇଭର ଭାଇମାନଙ୍କୁ ଆନ୍ଦୋଳନରୁ ଓହରିବାକୁ ସେ ଅନୁରୋଧ କରିଥିବା ବେଳେ ସରକାର ଆପଣଙ୍କ ସମସ୍ତ ଦାବିକୁ ଶୁଣିଛନ୍ତି, ସବୁ ଦାବିର ସମାଧାନ ହେବ ବୋଲି ପୁନଃର୍ବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଡ୍ରାଇଭର ମହାସଂଘ ନାମରେ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଭ୍ରମିତ କରୁଛନ୍ତି। ନିରୀହ, ସରଳ ଡ୍ରାଇଭରମାନେ ଏଥିରୁ କ୍ଷାନ୍ତ ରୁହନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ସେହିପରି ଆନ୍ଦୋଳନ ପ୍ରସଙ୍ଗରେ ପିସିସି ସଭାପତି ଭକ୍ତଚରଣ ଦାସ ସାମ୍ବାଦିକ ସମ୍ମିଳନୀ କରି ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। କଂଗ୍ରେସ ଦ୍ୱାରା ଆୟୋଜିତ ସମାବେଶ ବିଫଳ ହେଉ ବୋଲି ବିଜେପି ଚାହୁଁଥିଲା। ସେଥିପାଇଁ ତାଙ୍କ ଦାବି ପୂରଣ କରାଯାଉ ନାହିଁ। ରାଜ୍ୟରେ ୧୦ ଲକ୍ଷ ଡ୍ରାଇଭରଙ୍କ ପାଇଁ କୌଣସି ନୀତି ନିୟମ ନାହିଁ। ଏନେଇ ରାହୁଲ ଗାନ୍ଧୀ ମଧ୍ୟ ନିଜର ସ୍ୱର ଉତ୍ତୋଳନ କରିଛନ୍ତି। ଡ୍ରାଇଭର ଆନ୍ଦୋଳନକୁ କଂଗ୍ରେସ ସମର୍ଥନ କରୁଛି ବୋଲି ସେ ଦୋହରାଇଛନ୍ତି।


**NOTICE**

By virtue of an affidavit sworn before the Executive Magistrate, Balangir, dated 17.02.2025 I, Anjali Badhia, W/o- Asish Badhia, At: Dudukasira, PO: Jhankarpali, PS. Balangir Sadar, Dist. Balangir (Odisha), declare that I have changed my name from Padmalaya Guru to Anjali Badhia. Henceforth, I shall be known as Anjali Badhia for all purposes.

**Anjali Badhia (New Name)**

**NOTICE**

By virtue of an affidavit sworn before the Executive Magistrate, Balangir, dated 21.06.2025 I, Silosabati patel, w/o Late Haribandhu Patel, At: Fatkara, PO: Bhaler, PS. Puintala, Dist. Balangir (Odisha), declare that my correct name is Silosabati patel mention in PPO no. 55667.but in my addhar card wrongly mention as Silabati Patel. Henceforth, I shall be known as Silosabati patel for all purposes.

**Silosabati Patel (New Name)**

**AFFIDAVIT**

By virtue of an affidavit sworn before Executive Magistrate, Khordha, dated 22/04/2025. I, Satyabadi Dora, Vill - Telenga Sahi, Khordha Town Po/Ps/Dist-Khordha, Odisha, Pin- 752055, Declare that I have changed the name of my daughter from K. Urbi to Urbi Dora. Henceforth, She shall be known as Urbi Dora for all purposes.

**Satyabadi Dora**

**NOTICE**

By virtue of an affidavit sworn before the Executive Magistrate, Loisingha, dated 09.07.2025 that I Sangita Pande, Resident of At:Taljuri, PO: Rengali, PS. Balangir Sadar, Dist. Balangir (Odisha) declare that i have changed my name from Sangita Bag to Sangita Pande. Henceforth, I shall be known as Sangita Pande for all purposes.

**Sangita Pande (New Name)**

**AFFIDAVIT**

I, Anjana Kundu, W/o.: Sandeep Kumar Kundu, resident of At: Basta (Baharda), PO.: Baharda Bazar, Dist.: Baleswar, PIN-756029, Odisha, declare by this affidavit No.: 4255, dated-11/07/2025, that now onwards I shall be known as **ANJANA RANI KUNDU** for all future purposes.

**NOTICE**

By virtue of an affidavit sworn before the Executive Magistrate, Balangir, dated 11.07.2025 I Ayushman Kalta, Resident of At:Apamara, PO: Bhutiarbahal, PS. Deogaon, Dist. Balangir (Odisha) declare that I have changed my name from Ayusman Kalata to Ayushman Kalta. Henceforth, I shall be known as Ayushman Kalta for all purposes.

**Ayushman Kalta(New Name)**

**NOTICE**

By virtue of an affidavit sworn before the Notary Sonepur, dated 11.07.2025 that I, Ansuman Panda, R/o Gadbhitar, Sonepur, Subarnapur have changed my name to Anshuman Panda. Henceforth, I shall be known as Anshuman Panda for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-12/07/2025. I, **Sharad Bagh** (Applicant name), Son of Damodara Bagh, Permanent resident of At-Pipilibandh (Dumdumi), P.O. Siker, P.S. Titilagarh, Dist- Balangir, (Odisha), PIN-767033 now residing at the same place affirm that I have changed my minor daughter's name from **Nirjala Bagh** (old name) To **Nomita Bagh** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Nomita Bagh** (new name).

**Sharad Bagh**

# ଟଙ୍କା ନ ଦେଲେ 'ଆବାସ' ମିଳୁନି




**ଯୋଗ୍ୟତା ଥାଇ ମଧ୍ୟ ଛାତ ଘର ନିର୍ମାଣ ଲାଗି ଅଯୋଗ୍ୟ**

**କୋକସରା, ୧୨।୭ (ସମିସ)**

ଗରିବ, ଅସହାୟ, ବାସହରାଙ୍କୁ ଘର ଯୋଗାଇ ଦେବାପାଇଁ ସରକାରଙ୍କ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା ରହିଛି; ହେଲେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଏସବୁ ଯୋଜନାର ଲାଭ ମିଳୁପାରୁ ନାହିଁ। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଶୀବିହାଲ ପଞ୍ଚାୟତର ସନସରା ଗ୍ରାମରେ ଅନେକ ଗରିବ ହିତାଧିକାରୀ ଏହି ସବୁ ଯୋଜନାରୁ ବାଦ ପଡ଼ିଥିବା ଅଭିଯୋଗ ହୋଇଛି। ଏମିତି କି ଅନେକ ଲୋକଙ୍କୁ ଘର ଉପରେ ଘର ମିଳିଥିବାବେଳେ ଟଙ୍କା ନ ଦେଲେ ଗରିବଙ୍କୁ ଘର ମିଳୁ ନ ଥିବା ଅଭିଯୋଗ ହୋଇଛି। ଗ୍ରାମର ବିଜୟ ଶତନାମୀଙ୍କ ମାଟି ଘର ଅନେକ ଦିନରୁ ଭାଙ୍ଗି ଯାଇଛି। ବର୍ତ୍ତମାନ ସେ ମାଟି ଘର କାନ୍ଥରେ ପଲିଥିନ ଘୋଡାଇ ୭ ପ୍ରାଣୀ କୁଟୁମ୍ବ ରହୁଛନ୍ତି। ଘର ବିପଦପୂର୍ଣ୍ଣ ଥିବାରୁ ତାଙ୍କ ଝିଅମାନେ ମାମୁଁ ଘରେ ଆଶ୍ରୟ ନେଇଛନ୍ତି। ବିଜୟ ବହୁବାର ଆବାସ ଯୋଜନାରେ ଗୃହ ପାଇଁ ଆବେଦନ କରିଛନ୍ତି; ହେଲେ ଟଙ୍କା ନ ଦେବାରୁ ଯୋଗ୍ୟତା ଥାଇ ମଧ୍ୟ ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ସେ ଅଭିଯୋଗ କରିଛନ୍ତି। ବିଜୟ ଶତନାମୀଙ୍କ ପରି ଗ୍ରାମର ଗୋପିଚନ ଶତନାମୀ, ଲକ୍ଷ୍ମୀଧର ଶତନାମୀ, ବଂଶୀ ଶତନାମୀ, ଗୋପାଳ ଶତନାମୀ, ପରମେଶ୍ୱର ଶତନାମୀ ସମେତ ଅନେକ ଗରିବ ବାସହିନ ପରିବାର ଘର ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। କାହା ଘର କାନ୍ଥ ଭାଙ୍ଗି ଯାଇଛି ତ ଆଉ କିଏ ଦଦରା ଘରେ ବିପଦପୂର୍ଣ୍ଣ ଅବସ୍ଥାରେ ରହୁଛନ୍ତି। କେହି କେହି ଚିରା ଶାଢ଼ୀ ଫଟା ଦେଇ ଭଙ୍ଗା ଘରକୁ ସଜଡ଼ାଇ ଥିବା ଦେଖିବାକୁ ମିଳିଛି। ଏମାନେ ସମସ୍ତେ ଆବାସ ଯୋଜନାରେ ଘର ପାଇଁ ବର୍ଷ ବର୍ଷ ଧରି ଆବେଦନ କରିଆସୁଛନ୍ତି; ହେଲେ ଫଳ କିନ୍ତୁ ଶୂନ୍। ଅନେକ ଧନୀ ଶ୍ରେଣୀ ତଥା ୪ ଚକିଆ ଗାଡ଼ିମୋଟର ଥିଲାବାଲା ଘର ପାଉଛନ୍ତି। ଏମାନେ ମାଟି ଘରେ ରହୁଥିଲେ ବି କାହିଁକି ଘର ମିଳୁନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏହି ଗରିବ ହିତାଧିକାରୀଙ୍କୁ ଦେଖିଲେ ସତେ ଯେମିତି ସରକାରଙ୍କ ଆବାସ ଯୋଜନା ଓ ଅନ୍ତୋଦୟ ଗୃହ ଯୋଜନା ବାସ୍ତବରେ ପ୍ରହସନ ପାଲଟିଲା ଭଳି ମନେ ହେଉଛି। ତେବେ ଆଉ ଛପର ଘର ରହିବନି। ସମସ୍ତଙ୍କ ମୁଣ୍ଡ ଉପରେ ଛାତ ରହିବ ବୋଲି ସରକାର କହୁଛନ୍ତି; ଯାହା ଏମାନଙ୍କ ଲାଗି ଉପହାସ ପାଲଟିଛି। ବାସ୍ତବରେ ସରକାରଙ୍କ ଏହି ଲକ୍ଷ୍ୟ କେବେ ସଫଳ ହେବ ଆଉ ଗରିବ ବାସହିନ ପରିବାର ଲୋକଙ୍କ ମୁଣ୍ଡ ଗୁଞ୍ଜିବାକୁ ଛାତଟେ ମିଳିବ ତାହା ହିଁ ଦେଖିବାର ବାକି ରହିଲା। ତେବେ ଏ ବିଷୟରେ କାଶୀବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକଙ୍କ ପ୍ରତିକ୍ରିୟା ନେବାରୁ ଘର ପାଇଁ ଟଙ୍କା ମଗା ଯାଉଥିବା କଥାକୁ ସେ ଅସ୍ୱୀକାର କରିବା ସହ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଯିଏ ଘର ପାଇବା ପାଇଁ ଯୋଗ୍ୟ ସେ ନିଶ୍ଚିତ ଭାବେ ଗୃହ ପାଇବ ବୋଲି କହିଛନ୍ତି। ସରପଞ୍ଚଙ୍କ ଏହି ପ୍ରତିକ୍ରିୟା ପରେ ଗୋଟିଏ ପ୍ରଶ୍ନ ଉଠୁଛି ଯେ, ହିତାଧିକାରୀ କ'ଣ ମିଛ କହୁଛନ୍ତି ନା ସରକାର ଏବଂ ପ୍ରଶାସନକୁ ଘଣ୍ଟା ଘୋଡ଼ାଇବାକୁ ସରପଞ୍ଚ ଏଭଳି ଉତ୍ତର ରଖୁଛନ୍ତି।

# ଗଳା କାଟି ମହିଳାଙ୍କୁ ହତ୍ୟା

**ଭବାନୀପାଟଣା, ୧୨।୭ (ସମିସ):** ଭବାନୀପାଟଣା ସଦର ଥାନା ମୂଷିଗୁଡା ଗାଁରେ ଶୁକ୍ରବାର ଜଣେ ମହିଳାଙ୍କ ଗଳାକାଟି ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ଏହି ମହିଳା ଜଣକ ହେଲେ ଜନନୀ ହରିଜନ (୬୧)। ସେହି ଗାଁର ସଞ୍ଜୀତ ନାଏକ (୨୦) ନାମକ ଜଣେ ଯୁବକ ତାଙ୍କ ଗଳାକାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି।

ଲାଞ୍ଜିଗଡ଼ ବ୍ଲକ ଲାଖବାହଲି ପଞ୍ଚାୟତ ତାଳବର ଗାଁର ଜନନୀଙ୍କ ପରିବାର ଲୋକେ ୧୦ ବର୍ଷ ହେବ ଭବାନୀପାଟଣା ବ୍ଲକ ଯୁଗସାଇ ପାଟଣା ପଞ୍ଚାୟତ ମୂଷିଗୁଡା ଗାଁରେ ରହି ପୋଡୁଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ଜନନୀଙ୍କ ସ୍ୱାମୀ ମଙ୍ଗଲୀ ହରିଜନଙ୍କ ୫ ବର୍ଷ ପୂର୍ବେ ମୃତ୍ୟୁ ଘଟିଛି। ତାଙ୍କର ଗୋଟିଏ ପୁଅ ଓ ୩ଜଣ ଝିଅ ବାହା ହୋଇଯାଇଛନ୍ତି। ସେମାନେ ତାଙ୍କ ନିଜ ଗାଁ ତାଳବରରେ ରହୁଛନ୍ତି। ଜନନୀ ସହ ତାଙ୍କ ସମ୍ପର୍କୀୟ ସୁଦାମା ହରିଜନ (୪୦) ମଧ୍ୟ ମୂଷିଗୁଡା ଗାଁରେ ରହୁଛନ୍ତି।

ଶୁକ୍ରବାର ବିଳମ୍ବିତ ରାତିରେ ଦୁଇ ମହିଳା ଘର ଭିତରେ ଶୋଇପଡ଼ିଥିବା ବେଳେ ସଞ୍ଜୀତ ଜନନୀଙ୍କ ଗଳା କାଟି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ କେଉଁ କାରଣରୁ ଏହା ଘଟିଛି ତାହା ଜଣା ପଡ଼ିନି। ଅଭିଯୁକ୍ତ ଫେରାର ହୋଇଯାଇଛି। ଶନିବାର ସକାଳେ ପରିବାର ଲୋକେ ପୁଲିସକୁ ଖବର ଦେବାପରେ ଭବାନୀପାଟଣା ସଦର ଥାନା ଅଧିକାରୀ ନରେଶ ପ୍ରଧାନ, ସୋମ୍ୟରଞ୍ଜନ ପଧାନ, ଏସଆଇ ସୁନିତା ସେଠି, କଳାହାଣ୍ଡି ଅତିରିକ୍ତ ସାଇନ୍ସଟିଫିକ ଅଧିକାରୀ ପୁଷ୍ପାଞ୍ଜଳି ତାଣ୍ଡି ପ୍ରମୁଖ ଡଗ୍‌ସ୍କ୍ୱାଡ୍ ସହ ପହଞ୍ଚି ତଦନ୍ତ ଚଳାଇଥିଲେ। ଏ ନେଇ ହତ୍ୟା ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଦୁଇ ଫୁଟର ଅଜଗର ଉଦ୍ଧାର

**କର୍ଲାମୁଣ୍ଡା, ୧୨।୭ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଅବୁଜବାହାଲରୁ ଆଉ ଏକ ଅଜଗର ସାପ ଉଦ୍ଧାର ହୋଇଛି। ବନ ବିଭାଗ ପକ୍ଷରୁ ୨ ଫୁଟ ଲମ୍ବର ଏହି ଅଜଗର ସାପକୁ ଉଦ୍ଧାର କରାଯାଇଛି। ଗତ ଗୁରୁବାର ଗ୍ରାମର ଏକ ଜମିରୁ ଏକ ସାଢେ ୫ ଫୁଟର ଅଜଗର ସାପ ଉଦ୍ଧାର ହୋଇଥିଲା। ତେବେ ଗ୍ରାମର ଡଙ୍ଗରପଡ଼ାର ଜଣେ ବ୍ୟକ୍ତିଙ୍କ ଘର ପାଖରେ ଆଜି ଏହି ଅଜଗର ସାପଟି ଥିବା ଦେଖିବାକୁ ପାଇ ଗାଁ ଲୋକେ ବନ ବିଭାଗକୁ ସୂଚନା ଦେଇଥିଲେ। ମଦନପୁର ବନପାଳ ସମ୍ପଦ କୁମାର, ମ. ରାମପୁର ବନାଞ୍ଚଳ ସହକାରୀ ବନ ସଂରକ୍ଷକ ଅସିତ କୁମାର ଦାସ, ବନରକ୍ଷୀ ସତ୍ୟଭାମା ନାଗ, ସତ୍ୟମ ମାଝୀ, ପ୍ରତାପ ବାଗ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ଏହାକୁ ସୁନାମୁଖୀ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିବା ମଦନପୁର ବନପାଳ ସମ୍ପଦ କୁମାର ପ୍ରକାଶ କରିଛନ୍ତି।



# ଗଞ୍ଜାମ ସିଏସ୍‌ଓଙ୍କ ଘରେ ଭିଜିଲାନ୍ସ ଚଢ଼ଉ ଜାରି

**ଭବାନୀପାଟଣା, ୧୨।୭ (ସମିସ):** ଗଞ୍ଜାମ ଜିଲ୍ଲା ଯୋଗାଣ ଅଧିକାରୀ ପୁସା ମୁଣ୍ଡା ଭିଜିଲାନ୍ସ ଦ୍ୱାରା ଧରାପଡ଼ିଛନ୍ତି। ୯ ତାରିଖଠାରୁ ଭିଜିଲାନ୍ସ ତାଙ୍କ ଘରେ ଖୋଲତାଡ ଜାରି ରଖିଛି। ଶନିବାର ମଧ୍ୟ ଚଢ଼ଉ ଜାରି ରହିଥିଲା। ତନ୍ନ ତନ୍ନ କରି ଯାଞ୍ଚ କରାଯାଇଛି। ତାଙ୍କ ଗାଡିରୁ ୩ଲକ୍ଷ ଟଙ୍କା ମିଳିବାପରେ ଭିଜିଲାନ୍ସ ତଦନ୍ତକୁ ଜୋରଦାର କରିଛି। କଳାହାଣ୍ଡି ଭବାନୀପାଟଣାରେ ତାଙ୍କ ସ୍ତ୍ରୀ ରହୁଥିବା ଘରେ ଭିଜିଲାନ୍ସ ଖୋଲତାଡ କରିଛି। ପୁସାଙ୍କ ଆକାଉଣ୍ଟରେ ୨୪ ଲକ୍ଷ, ସ୍ତ୍ରୀଙ୍କ ଆକାଉଣ୍ଟରେ ୩୪ହଜାର ୯୬୪ଟଙ୍କା, ପୁଅ ବ୍ରିଜେଶଙ୍କ ଆକାଉଣ୍ଟରେ ୧ଲକ୍ଷ ୮୪ହଜାର୮୧୭ଟଙ୍କା ଏବଂ ଝିଅ ପ୍ରତ୍ୟାଶାଙ୍କ ଆକାଉଣ୍ଟରେ ୮୪ହଜାର ୩୮୫ଟଙ୍କା ଥିବା ତଦନ୍ତରୁ ସୂଚନା ମିଳିଛି। ସ୍ତ୍ରୀ ବିବିନା ସାଙ୍ଗା ଯିଏ ଭବାନୀପାଟଣା ମେଡିକାଲରେ ଡେପୁଟି ନର୍ସିଂ ଅଫିସର ରୂପେ କାର୍ଯ୍ୟରତ। ତାଙ୍କର ମଲ୍ଟି ଅଫସନ ଡିପୋଜିଟ (ଏମଓଡ଼ି)ରୁ ୩୬ଲକ୍ଷ ୨୧ହଜାରରୁ ଅଧିକ ଜମା ହୋଇଥିବା ଭିଜିଲାନ୍ସ ଖୋଲତାଡ଼ କରି ଜାଣିପାରିଛି। ଭବାନୀପାଟଣା ପୋଷ୍ଟ ଅଫିସରେ ପୋଷ୍ଟାଲ ଆରଡି ପ୍ରାୟ ୩୦ଲକ୍ଷ ଟଙ୍କା ରହିଛି। ସେହିଭଳି ଆକ୍ସିସ ବ୍ୟାଙ୍କରେ ୪ଲକ୍ଷ ଟଙ୍କା ଜମା ଥିବା ତଦନ୍ତରୁ ଧରାପଡ଼ିଛି। ଭବାନୀପାଟଣାରେ ୮୦ଲକ୍ଷ ଟଙ୍କାରେ ନିର୍ମିତ କୋଠା ଘର, ୧୭ ଲକ୍ଷ ଟଙ୍କାର କାର ଏବଂ ୨ଲକ୍ଷ ୫୦ହଜାର ଟଙ୍କାର ବୁଲେଟ ଭିଜିଲାନ୍ସ ଠାବ କରିଛି। ଥୁଆମୂଳ ରାମପୁର ରାସ୍ତାରେ ୧୯ଏକର ଜମି ଥିବା ଦସ୍ତାବିଜ ମଧ୍ୟ ଭିଜିଲାନ୍ସ ହାତରେ ଲାଗିଛି।



# ଓଡ଼ିଶା-ଛତିଶଗଡ଼ ସୀମାରେ ମାଓବାଦୀଙ୍କ କ୍ୟାମ୍ପ ଠାବ

**ବିଭିନ୍ନ ସାମଗ୍ରୀ ଜବତ, ଦୁଇ ରାଜ୍ୟ ସୀମାନ୍ତରେ ମାଓବାଦୀଙ୍କ ଲୁଚକାଳି**

**ନୂଆପଡ଼ା, ୧୨।୭ (ସମିସ):** ନୂଆପଡ଼ା ଜିଲ୍ଲାର ଛତିଶ ଗଡ଼ ସୀମାନ୍ତକୁ ଲାଗିଥିବା ୨ଟି ଅଭୟାରଣ୍ୟ ସୁନାବେଡା ଓ ଉଦନ୍ତୀ ଅଞ୍ଚଳରେ ମାଓବାଦୀମାନେ ୧୫/୧୬ ବର୍ଷରୁ ଅଧିକ ହେବ ଆଡ୍ଡା କରି ରହିଛନ୍ତି। ଓଡ଼ିଶା ପୁଲିସ ସୁନାବେଡା ଅଞ୍ଚଳରେ କମ୍ବିଂ ଅପରେସନ କଲେ ମାଓବାଦୀ ଛତିଶଗଡ଼ ରାଜ୍ୟର ଉଦନ୍ତୀକୁ ଚାଲି ଯାଉଛନ୍ତି। ଉଦନ୍ତୀରେ ଅପରେସନ ହେଲେ ଓଡ଼ିଶାକୁ ଆସି ଲୁଚିଛନ୍ତି। ଦୀର୍ଘ ବର୍ଷ ହେଲା ପୁଲିସ ଏବଂ ମାଓବାଦୀଙ୍କ ଲୁଚକାଳି ଖେଳରେ ଅନ୍ତ ଘଟୁନି। ଏଭଳି ସ୍ଥିତିରେ ଲାଗ ଲାଗ ନୂଆପଡ଼ା ଏବଂ ଛତିଶଗଡ଼ ପୁଲିସ ୨ଟି ମାଓବାଦୀ କ୍ୟାମ୍ପ ଠାବ କରିଛି। ମାଓବାଦୀମାନେ କିନ୍ତୁ ଖସି ଯିବାରେ ସଫଳ ହେଉଛନ୍ତି। ଶନିବାର ଓଡ଼ିଶା-ଛତିଶଗଡ଼ ରାଜ୍ୟର ନୂଆପଡ଼ା ଜିଲ୍ଲା ସୀମାନ୍ତ ଗରିଆବନ୍ଧ ଜିଲ୍ଲାର ମେନପୁର, ଯୁଗାଡ ଓ ଇନ୍ଦାଗାଁ ଥାନା ଅଞ୍ଚଳରେ ଛତିଶଗଡ଼ ପୁଲିସର କମ୍ବିଂ ଅପରେସନ ବେଳେ ସେମାନେ ବ୍ୟବହାର କରୁଥିବା ଅନେକ ସାମଗ୍ରୀ ଜବତ ହୋଇଛି। ଏହାକୁ ନେଇ ଗରିଆବନ୍ଧ ଏସପି ଜିତେନ୍ଦ୍ର ଚନ୍ଦ୍ରକାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଶୁକ୍ରବାର ଗରିଆବନ୍ଧ ଜିଲ୍ଲା ପୁଲିସ, କୋବ୍ରା-୨୦୭ ଓ ସିଆପିଏଫର ମିଳିତ କମ୍ବିଂ ଆରମ୍ଭ ହୋଇଥିଲା; ହେଲେ ମାଓବାଦୀମାନେ ସୂଚନା ପାଇ ଖସି ଯାଇଥିଲେ। ନୂଆପଡ଼ା-ଗରିଆବନ୍ଧ ଜିଲ୍ଲା ସୀମାନ୍ତ ଜଙ୍ଗଲରେ ୩ଟି ସ୍ଥାନରେ ଅନେକ ସାମଗ୍ରୀ ଜବତ କରାଯାଇଛି। ତେବେ ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଗରିଆବନ୍ଧ ପୁଲିସ ଅନୁରୋଧ କରିଛି।



**ନୂଆ ଓ ଛାତ୍ରବୃତ୍ତି ଯୋଜନା ବନ୍ଦ**

# ପଦାରେ ପଡ଼ିଲା ସରକାରଙ୍କ ହୀନମନ୍ୟତା

**ଭବାନୀପାଟଣା, ୧୨।୭ (ସମିସ):** ଓଡ଼ିଶାରେ ଉଚ୍ଚଶିକ୍ଷା ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ନୂଆ -ଓ ଛାତ୍ରବୃତ୍ତି' ଆରମ୍ଭ କରିଥିଲେ। ଏହି ଯୋଜନାରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସମସ୍ତ ସରକାରୀ କଲେଜ, ଅନୁଦାନ ପ୍ରାପ୍ତ କଲେଜ ଏବଂ ବିଶେଷ କରି ସାମ୍ସ ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଇଥିବା ବେସରକାରୀ କଲେଜମାନଙ୍କ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରଛାତ୍ରୀ ବୃତ୍ତି ପାଉଥିଲେ। ରାଜ୍ୟରେ ବିଜେପି ସରକାର ଆସିବା ପରେ ଏହି ଯୁଗାନ୍ତକାରୀ ଯୋଜନାକୁ ବନ୍ଦ କରିବା ଅତ୍ୟନ୍ତ ନିନ୍ଦନୀୟ। କେବଳ ସେତିକି ନୁହେଁ; ସରକାରଙ୍କ ହୀନମନ୍ୟତାକୁ ପଦାରେ ପକାଇଛି ବୋଲି କଳାହାଣ୍ଡି ଯୁବ ଓ ଛାତ୍ର ପରିଷଦର ସଭାପତି ତଥା ପୂର୍ବତନ ଛାତ୍ର ସଂସଦ ସଭାପତି ଅବିନାଶ ଠାକୁର କହିଛନ୍ତି। ଏହି ଯୋଜନାରେ ଓଡ଼ିଶାର ୫ଲକ୍ଷ ୮୦ ହଜାର ଛାତ୍ର ଛାତ୍ରୀ ନୂଆ ଓ ବୃତ୍ତି ଜରିଆରେ ଆର୍ଥିକ ସହାୟତା ପାଉଥିଲେ। ଛାତ୍ରମାନେ ୧୦ହଜାର ଏବଂ ଛାତ୍ରୀମାନେ ୧୧ ହଜାର ପାଉଥିଲେ। ଆଜି ସେମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଏପରିକି, ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଉଥିବା ଛାତ୍ରଛାତ୍ରୀ ଏବଂ ନିର୍ମାଣ ଶ୍ରମିକଙ୍କ ପୁଅଝିଅ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଦୁଃଖର ବିଷୟ ଆର୍ଥିକ ସହାୟତା ପାଇଁ ନୂଆ ଯୋଜନା ଆଣିବୁ ବୋଲି କହିଥିବା ବିଜେପି ସରକାର ଏପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ହକ୍‌ରୁ ତାଙ୍କୁ ବଞ୍ଚିତ କରିଛି। ଗରିବ ଓ ମଧ୍ୟବିତ୍ତ ପରିବାରର ଛାତ୍ରଛାତ୍ରୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଏ ସମ୍ପର୍କରେ ଶିଘ୍ର ନିଷ୍ପତ୍ତି ନ ନେଲେ ଛାତ୍ରଛାତ୍ରୀଙ୍କୁ ନେଇ ଆନ୍ଦୋଳନ ହେବ। ଏହା ସହ ୧୫ରେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭକୁ ସହଯୋଗ କରାଯିବ ବୋଲି ଶ୍ରୀ ଠାକୁର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

# ଭରୁଆମୁଣ୍ଡା ଡାକ ମାଷ୍ଟରଙ୍କ ହୃଦ୍‌ଘାତରେ ପରଲୋକ

**ସିନାପାଲି, ୧୨।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଭରୁଆମୁଣ୍ଡା ଡାକ ମାଷ୍ଟର ଜଗମୋହନ ବାଗଙ୍କ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ତାଙ୍କୁ ମୃତ୍ୟୁ ବେଳକୁ ୫୯ ବର୍ଷ ହୋଇଥିଲା। ସେ ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତି ଥିଲା। ଅତ୍ୟନ୍ତ ମେଳାପି, ଭଦ୍ର ଓ ନମ୍ର ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଶନିବାର ପୂର୍ବାହ୍ନ ୧୧ରେ ଛାତି ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତୁରନ୍ତ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର କିନ୍ତୁ ତାଙ୍କୁ ମୃତ ଘୋଷଣା କରିଥିଲେ। ଭରୁଆମୁଣ୍ଡାସ୍ଥିତ ପୈତୃକ ଗ୍ରାମରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସାମ୍ବାଦିକ ହେରାମ୍ବ ବାଗ ମୁଖାଗ୍ନି ଦେଇଥିଲେ। ସ୍ଥାନୀୟ ସରପଞ୍ଚ ବିରଞ୍ଚି ଜଗତ, ସୁରେଶ ବାଗ, ଗଜିନ୍ଦ୍ର ନିଆଲଙ୍କ ସମେତ ଅନେକ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।



**ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପ୍ରଭାବ**

# ସାପ୍ତାହିକ ହାଟରେ ପରିବା ଦର ଆକାଶଛୁଆଁ

**କୋମନା, ୧୨।୭ (ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘର ଆହ୍ୱାନ କ୍ରମେ ଚାଲିଥିବା ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଶନିବାର ପଞ୍ଚମ ଦିନରେ ପହଞ୍ଚିଛି। ଏହାର ପ୍ରଭାବରେ ଜନସାଧରଣଙ୍କୁ ସିଧାସଳଖ ଭାବେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆନ୍ଦୋଳନ ଯୋଗୁଁ ପରିବହନରେ ସମସ୍ୟା ହେଉଛି। ଏଣୁ ଖାଉଟିଙ୍କ ଉପରେ ଚାପ ପଡୁଛି। ଲୋକେ ବିଭିନ୍ନ ଜିନିଷ ଚଢା ଦରରେ କିଣିବାକୁ ବାଧ ହେଉଛନ୍ତି। ଶନିବାର ସାପ୍ତାହିକ ହାଟରେ ପନି ପରିବା ଦର ଆକାଶଛୁଆଁ ହୋଇଛି। ଲୋକଙ୍କୁ ପାତଳଘଣ୍ଟା କେଜି ପିଛା ୫୦ ଟଙ୍କା, କଲରା କେଜି ୬୦ ଟଙ୍କା, ପୋଟଲ କେଜି ୮୦ ଟଙ୍କା, ଲଙ୍କା କେଜି ପିଛା ୧୦୦ ଟଙ୍କାରେ କିଣିବାକୁ ପଡ଼ିଛି। ଅପରପକ୍ଷରେ ଡ୍ରାଇଭରମାନେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଆହୁରି ଭୟଙ୍କର ହେବ ବୋଲି ସଂଘ ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ଜିଲ୍ଲା ସଭାପତି ଦୁର୍ଗାଚରଣ ବିଶିଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲିଛି। ପୂର୍ବତନ ଜିଲ୍ଲା ସଭାପତି ଜିତେଶ ପାଣିଗ୍ରାହୀ, କୋମନା ବ୍ଲକ ସଭାପତି ଦିଲୀପ ବାରିକ, କୋଷାଧ୍ୟକ୍ଷ ଧବଳେଶ୍ୱର କୂଳଦୀପ, ଡ୍ରାଇଭର ସଦସ୍ୟ ମୋହଁ ଅଦା, ପ୍ରେମାନନ୍ଦ ବାଗ, ଟିକଚନ ମାଝୀ, ହକିମ ମହମ୍ମଦ, ନିରଞ୍ଜନ ନାଗ ସମେତ ଶତାଧିକ ଡ୍ରାଇଭର ପ୍ରମୁଖ ଉପସ୍ଥିତ ଥିଲେ।



# କଦଳୀପାଲି ଛକରୁ ତେଲନଦୀ ରାସ୍ତା ମରଣଯନ୍ତା



**ତରଭା, ୧୨।୭ (ସମିସ):** ସୋନପୁର ଜିଲ୍ଲା ତରଭା ବ୍ଲକକୁ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସହ ସଂଯୋଗ କରୁଥିବା କଦଳୀପାଲି ଛକରୁ ତେଲନଦୀ ପୋଲ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଲାଣି। ରାସ୍ତାଟି ବର୍ତ୍ତମାନ ମରଣଯନ୍ତାରେ ପରିଣତ ହୋଇଛି। ବିଶେଷ କରି ମାରାଡୁଗୁଛା ଛକରୁ ବନ୍ଧକେଡ଼ା ଦେଇ ଗୁଞ୍ଜିମୁଣ୍ଡା ଛକ ପର୍ଯ୍ୟନ୍ତ ରାସ୍ତାଦେଇ ଯିବାଆସିବା ସମୟରେ ଜୀବନକୁ ପାଣି ଛଡାଇ ଯିବାକୁ ପଡୁଛି। କେତେବେଳେ ଗାତରେ ପଡ଼ି ଦୁର୍ଘଟଣା ଘଟି ଜୀବନ ଚାଲିଯିବ ଭୟ ଘାରୁଛି। ଏହି ରାସ୍ତାର ମରାମତି ପାଇଁ ଅଞ୍ଚଳବାସୀ ବାରମ୍ବାର ଆନ୍ଦୋଳନ କରୁଥିଲେ ହେଁ ପ୍ରଶାସନ ତରଫରୁ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଅସନ୍ତୋଷ ବଢୁଛି। ପ୍ରାୟ ତିନିମାସ ତଳେ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇବା ବେଳେ ପ୍ରଶାସନ ତତ୍ପରତା ଦେଖାଇ ଆଲୋଚନା କରି ଖୁବଶୀଘ୍ର ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା ହେଲେ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିଲା ନାହିଁ। ମରାଡୁଗୁଛା ଛକରୁ ଗୁଞ୍ଜିମୁଣ୍ଡା ଛକ ପର୍ଯ୍ୟନ୍ତ ପ୍ରାୟ ତିନି କିଲୋମିଟର ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି।ଅବଶିଷ୍ଟ ରାସ୍ତାର ଅବସ୍ଥା ମଧ୍ୟ ତଦ୍ରୁପ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ରାସ୍ତା ଉପରେ ସୋନପୁର ଓ ବୌଦ୍ଧ ଜିଲ୍ଲାର ଜନସାଧାରଣ ନିର୍ଭର କରୁଛନ୍ତି। ପ୍ରଶାସନ ତୁରନ୍ତ ରାସ୍ତାର ଆବଶ୍ୟକ ମରାମତି ପାଇଁ ପଦକ୍ଷେପ ନେବେ ବୋଲି ଉଭୟ ଅଞ୍ଚଳବାସୀ ଆଶା ବାନ୍ଧିଛନ୍ତି।

**ରେଳ ବିଭାଗର ମନମୁଖୀ କାରବାରକୁ ନେଇ ଅସନ୍ତୋଷ**

# ବିକଳ୍ପ ବ୍ୟବସ୍ଥା ନ କରି ରେଳ ଫାଟକ ବନ୍ଦ ନିଷ୍ପତ୍ତି

**ବଲାଙ୍ଗିର/ଲୋଇସିଂହା, ୧୨।୭ (ସମିସ)**

ବଲାଙ୍ଗିର ଜିଲ୍ଲା ସଦର ଲୋଇସିଂହା ଗ୍ରାମରେ ରହିଥିବା ରେଲୱେ ଲେବଲ କ୍ରସିଂ ବା ରେଳ ଫାଟକକୁ ବନ୍ଦ କରିବାକୁ ରେଳ ବିଭାଗ ନିଷ୍ପତ୍ତି ନେଇଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତରବରିଆ ଭାବେ ବିକଳ୍ପ ବ୍ୟବସ୍ଥା ନକରି ଏହିଭଳି ନିଷ୍ପତ୍ତି ପାଇଁ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ନକରିବା କିମ୍ବା ସମସ୍ୟାକୁ ଗୁରୁତ୍ୱ ନଦେବା ରେଳ ବିଭାଗର ଚରମ ଅଣଦେଖା ବୋଲି ଲୋକେ ଅଭିଯୋଗ କରିବା ସହ ଏହାକୁ ପ୍ରତିବାଦ କରିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଏହି ଫାଟକ ବନ୍ଦ ହେଲେ ଲୋଇସିଂହା ବସ୍ତି ସହ ପନେସରା, ବାଦିବାହାଲ, ଲୁହୁରାପାଲି ଭଳି ଅନେକ ଗ୍ରାମବାସୀ ପ୍ରଭାବିତ ହେବାର ସମ୍ଭାବନା ରହିଛି।

**ଲୋଇସିଂହା ଚାରିଛକ-ବସ୍ତି ରାସ୍ତା ବନ୍ଦ ହେବ**

**ଶହ ଶହ ବସ୍ତିବାସିନ୍ଦା ହେବେ ପ୍ରଭାବିତ**

**ନିଷ୍ପତ୍ତି ନ ବଦଳିଲେ ଆନ୍ଦୋଳନ ଚେତାବନୀ**

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ବସ୍ତି ଦେଇ ବଲାଙ୍ଗିର-ସମ୍ବଲପୁର ରେଳ ଲାଇନ ରହିଛି। ବସ୍ତି ଭିତରକୁ ଯିବା ପାଇଁ ଦୁଇଟି ରାସ୍ତା ରହିଛି। ଗୋଟିଏ ସିଧା ସଳଖ ବସଷ୍ଟାଣ୍ଡରୁ ବସ୍ତିକୁ ଯାଉଥିବା ବେଳେ ଆଉ ଗୋଟିଏ ଚାରିଛକକୁ ବସ୍ତିକୁ ରାସ୍ତା ରହିଛି। ଏହି ରାସ୍ତା ଲୋଇସିଂହା ବସ୍ତି ଦେଇ ପନେସରାକୁ ସଂଯୋଗ କରୁଥିବା ବେଳେ ଏହା ବାଦିବାହାଲକୁ ମଧ୍ୟ ସଂଯୋଗ କରିଥାଏ। ଏହା ସହିତ ଲୁହୁରାପାଲି ଛକ ଠାରେ ବୁର୍ଡା-ସୋନପୁର ମୁଖ୍ୟ ରାସ୍ତାକୁ ମଧ୍ୟ ସଂଯୋଗ କରୁଛି। କିଛି ବର୍ଷ ପୂର୍ବରୁ ବସ୍‌ଷ୍ଟାଣ୍ଡ-ବସ୍ତି ରାସ୍ତାରେ ଥିବା ରେଳ ଫାଟକକୁ ରେଳ ବିଭାଗ ବନ୍ଦ କରିଦେଇଥିଲା। ଏଥିପାଇଁ ଏକ ବିକଳ୍ପ ରାସ୍ତା ତିଆରି କରିବା ସହ ଅଣ୍ଡର ପାସ ବ୍ୟବସ୍ଥା ମଧ୍ୟ କରିଥିଲା। ବର୍ତ୍ତମାନ ଚାରିଛକ ଠାରୁ ବସ୍ତିକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ଫାଟକକୁ ବନ୍ଦ କରିବା ପାଇଁ ରେଳ ବିଭାଗ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଲୋଇସିଂହା-ଖଲିଆପାଲି ରେଳଷ୍ଟେସନ ମଝିରେ ଥିବା ଜେଟି-୮୨, ବି-କ୍ଲାସ ଫାଟକକୁ ବନ୍ଦ କରିବା ପାଇଁ ରେଳ ବିଭାଗ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ତେବେ ବିନା କୌଣସି ବିକଳ୍ପ ରାସ୍ତାର ବ୍ୟବସ୍ଥା କରି ଏହିଭଳି ବନ୍ଦ ନିଷ୍ପତ୍ତିକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ବନ୍ଦ କରିବା ବିଷୟରେ ସ୍ଥାନୀୟ ଲୋକଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରିନାହାନ୍ତି କି ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏହା ବନ୍ଦ ହେଲେ ସାଧାରଣ ଲୋକଙ୍କ ସହ ଛାତ୍ରଛାତ୍ରୀମାନେ ପ୍ରଭାବିତ ହେବା। ଫାଟକ ଆରପଟେ ପଶୁ ଡାକ୍ତରଖାନା, ଶିଶୁମନ୍ଦିର, ଡାକଘର ଭଳି ସରକାରୀ ପ୍ରତିଷ୍ଠାନ ରହିଛି। ଏତେ ବଡବସ୍ତି ଲୋକଙ୍କ ପାଇଁ ଯଦି ଏକ ଅଣ୍ଡର ପାସ ହିଁ ସବୁକିଛି ତେବେ ଲୋକେ ଅଯଥା ୧୦ ମିଟର ପାଇଁ ଚାରି କିଲୋମିଟର ବୁଲିବାକୁ ପଡ଼ିବ ବୋଲି ଅଭିଯୋଗ ହୋଇଛି। ସେହିପରି ବର୍ଷାରେ ଅନେକ ସମୟରେ ଉକ୍ତ ଅଣ୍ଡର ପାସରେ ପାଣି ଜମି ରହୁଥିବା ବେଳେ ଆଗକୁ ତାହା ମଧ୍ୟ ବସ୍ତିବାସିନ୍ଦାଙ୍କ ପାଇଁ ସମସ୍ୟା ସାଜିବ। ତେବେ ଗାଁର ଏକବଡ ବସ୍ତି ଏହି ଫାଟକ ଥିବା ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଏହି ଫାଟକ ବନ୍ଦ ନକରିବାକୁ ଲୋକେ ଦାବି କରିଛନ୍ତି। ଆସନ୍ତା ୧୬ ତାରିଖ ସୁଦ୍ଧା ଏହା ବନ୍ଦ ହୋଇପାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ ଯଦି ନିଷ୍ପତ୍ତିରେ ପରିବର୍ତ୍ତନ ନହୁଏ ତେବେ ଆନ୍ଦୋଳନ ହେବାର ସମ୍ଭାବନା ମଧ୍ୟ ରହିଛି। ଯାହାକୁ ଦୃଷ୍ଟିରେ ରଖି ରେଳ ବିଭାଗ ନିଷ୍ପତ୍ତି ନେବାକୁ ଦାବି ହୋଇଛି।



● ଦ୍ୱିଅର୍ଥ ବୋଧକ ସଙ୍କୀର୍ତ୍ତନ ପରିବେଷଣକୁ ବିରୋଧ

# ବିଧାୟକଙ୍କୁ ଦାବିପତ୍ର ପ୍ରଦାନ

ବରଗଡ଼, ୧୨।୭(ସମିସ): ସଙ୍କୀର୍ତ୍ତନ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ବରଗଡ଼ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ପକ୍ଷରୁ ବିଭିନ୍ନ ଜନ ଜାଗରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ସମ୍ପ୍ରତି ସଙ୍କୀର୍ତ୍ତନରେ ଅଶ୍ଳୀଳ ଓ ଦ୍ୱିଅର୍ଥ ବୋଧକ ସଙ୍କୀର୍ତ୍ତନ ପରିବେଷଣ କରାଯାଉଛି।



ଏହି ପରିପ୍ରେକ୍ଷୀରେ ଶନିବାର ଜିଲ୍ଲା ସଙ୍କୀର୍ତ୍ତନ ପରିଷଦର ଅଧ୍ୟକ୍ଷ ପ୍ରମୋଦ ଦାଶଙ୍କ ନେତୃତ୍ୱରେ ସମ୍ପାଦକ ପଣ୍ଡିତ ଜୟ ଦେବ ପଣ୍ଡା, ବରିଷ୍ଠ ଉପଦେଷ୍ଟା ସଂସ୍କୃତି ଗବେଷକ ଲଳିତ ଭୋଇ, ଲଳିତମୋହନ ପଣ୍ଡା ପ୍ରମୁଖ ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟଙ୍କୁ ଭେଟି ଏଭଳି ଅପସଂସ୍କୃତି ସମ୍ପନ୍ନ ସଙ୍କୀର୍ତ୍ତନ ପରିବେଷଣକୁ ସଂସ୍କୃତି ବିଭାଗ ବନ୍ଦ କରିବାପାଇଁ ପଦକ୍ଷେପ ନେଉ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଶ୍ରୀ ଆଚାର୍ଯ୍ୟ ଆଗାମୀ ଦିନରେ ରାଜ୍ୟ ସଂସ୍କୃତି ବିଭାଗର ମନ୍ତ୍ରୀଙ୍କ ସହ ଏ ବିଷୟରେ ଆଲୋଚନା କରି ଉଚିତ୍ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# ଡୁର୍ଲା ଶକ୍ତି ଝାରବନ୍ଧ ରାସ୍ତା ଉନ୍ନତୀକରଣ ସାତସପନ



ବରଗଡ଼, ୧୨।୭(ସମିସ)

ସରକାର ଜନସାଧାରଣଙ୍କ ପାଇଁ ଅନେକ ଜନହିତକର ଯୋଜନା କରୁଛନ୍ତି। ସେଥିମଧ୍ୟରୁ ଅତ୍ୟନ୍ତ ଜରୁରୀ ମୌଳିକ ସୁବିଧା ରାସ୍ତା ଅଟେ। ହେଲେ ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହୋଇ କାଦୁଅ ରାସ୍ତାରେ ଯିବା ଆସିବା କରି ଯମ ଯନ୍ତ୍ରଣା ଭୋଗୁଛନ୍ତି ଜନସାଧାରଣ।

**ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି**

ସୂଚନା ଅନୁଯାୟୀ ଝାରବନ୍ଧ ବ୍ଲକର ଡୁର୍ଲାରୁ ଝାରବନ୍ଧ ରାସ୍ତା ଏବଂ ଶକ୍ତିରୁ ଝାରବନ୍ଧ ରାସ୍ତା ହେଉଛି ହାରାହାରି ସାତଟି ଗ୍ରାମର ଜନସାଧାରଣଙ୍କ ଜୀବନ ରେଖା। ଡୁର୍ଲା, ଟୁହୁଙ୍ଗିଦାଦର, ଟାମ୍ପର, ଧନେଶ୍ୱର, ଶାଖାଡୁଙ୍ଗୁରି, ଲେରଗାଁ, ଶକ୍ତି ଗ୍ରାମ ସମସ୍ତ ଗ୍ରାମର ଜନସଂଖ୍ୟାକୁ ଆଧାରକଲେ ହାରାହାରି ସାତରୁ ଆଠ ହଜାର ଜନସାଧାରଣ ଏହି ରାସ୍ତାରେ ଝାରବନ୍ଧକୁ ଆସିଥାନ୍ତି। ଝାରବନ୍ଧରେ ବ୍ଲକ, ତହସିଲ, ଥାନା, ବ୍ୟାଙ୍କ, ପାଣ୍ଠି, ପଞ୍ଚାୟତ, ପ୍ରାଣୀ ଚିକିତ୍ସା କେନ୍ଦ୍ର, ସ୍କୁଲ କଲେଜ, ଆଦର୍ଶ ବିଦ୍ୟାଳୟ, ସିଡିପିଓ ଅଫିସ ଆସିବା ପାଇଁ ଜନସାଧାରଣ ଛାତ୍ରଛାତ୍ରୀଙ୍କ ପାଇଁ ଏହି ରାସ୍ତା ସାହା ଭରସା। ଏହି ରାସ୍ତା ବର୍ତ୍ତମାନ ଖାଲଖମା ହୋଇ ପାଣି କାଦୁଅରେ ଭର୍ତ୍ତି ହୋଇପଡ଼ିଛି। ଅସରାଏ ବର୍ଷା ହେଲେ ଡୁର୍ଲା ଶକ୍ତିରୁ ଝାରବନ୍ଧ ରାସ୍ତାରେ ପୋଖରୀଭ୍ରମ ସୃଷ୍ଟି ହୁଏ। ଏହି ରାସ୍ତା ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହେଉନାହିଁ। ଡୁର୍ଲାରୁ ଝାରବନ୍ଧ ଏବଂ ଶକ୍ତିରୁ ଝାରବନ୍ଧ ରାସ୍ତାର ଉନ୍ନତୀକରଣ ପାଇଁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସେମାନେ କୁହନ୍ତି...



ଝାରବନ୍ଧ ହେଉଛି ଆମର ଜୀବନ ଜୀବିକାର ସହର। ଏହି ବାଟ ଦେଇ ଶକ୍ତି, ଶାଖାଡୁଙ୍ଗୁରି, ଲେରଗାଁ, ଟଂପର, ଧନେଶ୍ୱର, ଡୁର୍ଲା, ଟୁହୁଙ୍ଗିଦାଦାର ଜନସାଧାରଣଙ୍କ ସହିତ ହଜାର ହଜାର ଲୋକ ଏହି ରାସ୍ତାଦେଇ ଝାରବନ୍ଧକୁ ଯିବା ଆସିବା କରିନ୍ତି। ଏହି ରାସ୍ତାର ସମସ୍ୟା ଦୀର୍ଘବର୍ଷରୁ ପଡ଼ିରହିଛି। ରାସ୍ତାର ଉନ୍ନତୀକରଣ ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ୫/୬ ଥର ଲିଖିତ ଅଭିଯୋଗ ହୋଇଛି। ଜିଲ୍ଲପାଳଙ୍କ ନିର୍ଦ୍ଦେଶ ପରେ କିଛି ଅଧିକାରୀ ରାସ୍ତାର ଅବସ୍ଥା ଦେଖି ଯାଆନ୍ତି, ହେଲେ ରାସ୍ତାର ସମାଧାନ ହୁଏନାହିଁ। ଯଥାଶୀଘ୍ର ଉଭୟ ରାସ୍ତାର ଉନ୍ନତୀକରଣ କରାଯାଉ ଏବଂ ବର୍ତ୍ତମାନ ମରାମତି କରାଯାଉ। ନ ହେଲେ ଆଗାମୀ ଦିନରେ ବିରାଟ ଜନ ଆନ୍ଦୋଳନ ହେବ।

ପ୍ରେମ ବେହେରା, ଗ୍ରାମବାସୀ ଡୁର୍ଲା, ଝାରବନ୍ଧ



ଡୁର୍ଲାରୁ ଝାରବନ୍ଧ ଏବଂ ଶକ୍ତିରୁ ଝାରବନ୍ଧ ରାସ୍ତା ଦୀର୍ଘ ବର୍ଷର ସମସ୍ୟା ଅଟେ। ପଞ୍ଚାୟତ ପାଣ୍ଠିରୁ ମୁରୁମ ପକା ହୋଇଥିଲା। ହାରାହାରି ଚାରି ପାଞ୍ଚ କିମିର ଦୁଇଟି ରାସ୍ତାକୁ ଉନ୍ନତୀକରଣ ଏବଂ ସ୍ଥାୟୀ ସମାଧାନ ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ସରକାର, ବରଗଡ଼ ଜିଲ୍ଲାପାଳ, ଝାରବନ୍ଧ ବିଡିଓ, ବିଧାୟିକା, ସଂସଦଙ୍କୁ ଅନୁରୋଧ କରାଯାଇଛି। ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ଆରଡି ବିଭାଗର ଯନ୍ତ୍ରୀ ରାସ୍ତା ଦେଖି ଯାଇଛନ୍ତି ହେଲେ ଫଳଶୂନ ଅଟେ। ଡୁର୍ଲାଶକ୍ତି ଝାରବନ୍ଧ ଉଭୟ ରାସ୍ତାର ଉନ୍ନତୀକରଣ ପାଇଁ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେଇ ଉପଯୁକ୍ତ ପାଣ୍ଠି ବ୍ୟବସ୍ଥା କଲେ ଜନସାଧାରଣର ଦୀର୍ଘ ଦିନର ସମସ୍ୟାର ସମାଧାନ ହୋଇପାରିବ।

ଚନାବୁଟୁ ବଞ୍ଜାରା, ସରପଞ୍ଚ, ଝାରବନ୍ଧ ପଞ୍ଚାୟତ



ଡୁର୍ଲା ଶକ୍ତିରୁ ଝାରବନ୍ଧ ରାସ୍ତାର ଉନ୍ନତୀକରଣ ପାଇଁ ଜିଲ୍ଲା ପରିଷଦ ବୈଠକରେ ଅନେକଥର ଦାବିହୋଇଛି। ଏହି ରାସ୍ତା ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ। ଯଥାଶୀଘ୍ର ଏହି ରାସ୍ତାର ଉନ୍ନତି କରଣ କରାଯାଉ। ବରଗଡ଼ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମାଧାନ କଲେ ଜନସାଧାରଣଙ୍କ ସମସ୍ୟାର ଅନ୍ତ ହେବ।

ସନ୍ତୋଷ ବେହେରା, ଜିଲ୍ଲାପରିଷଦ, ଝାରବନ୍ଧ

● ସଂକୁଳସ୍ତରୀୟ ମାନସାଙ୍କ ପ୍ରଶିକ୍ଷଣ

# ପ୍ରଶିକ୍ଷଣରେ ଭାଗ ନେଲେ ୧୮ ଜଣ



ବରଗଡ଼, ୧୨।୭(ସମିସ): ଭେଡେନରେ ଶନିବାର ସଂକୁଳ 'ମାନସାଙ୍କ ପ୍ରଶିକ୍ଷଣ' କାର୍ଯ୍ୟକ୍ରମ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରମକେଲାଠାରେ ବିଦ୍ୟାଳୟର ସଭାପତି ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂକୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ ଦୀପ ଶୁଭକାମନା କରି ସମସ୍ତଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସଂକୁଳ ସଂଯୋଜକ ଅଶ୍ୱିନୀ କୁମାର ବାରିକ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ରଣା ସ୍ୱାଗତଭାଷଣ ଓ ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ। କୃଷ୍ଣ ଚନ୍ଦ୍ର କର୍ମୀ ଓ ଅଶ୍ୱିନୀ କୁମାର ବାରିକ କାଳାଂଶ ଆଗେଇ ନେଇଥିଲେ। ସଂକୁଳ ଅଧୀନ ୯ଟି ବିଦ୍ୟାଳୟରୁ ୧୮ ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ପ୍ରଶିକ୍ଷଣରେ ଭାଗ ନେଇଥିଲେ। ପରିଶେଷରେ ନରେନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ସେବକ ଓ ସେବିକା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ସରସ୍ୱତୀ ବିଦ୍ୟାମନ୍ଦିରରେ ଶିକ୍ଷଣୀୟ ପରିବେଶ ସୃଷ୍ଟି ହୋଇଥିଲା।

# ଗଞ୍ଜାଡ଼ାବରକୁ ଗଡ଼ିଲା 'ଲକ୍ଷ୍ମୀବସ୍'

## ଚାଲିଚାଲି ଯାଉଥିଲେ ମାଇଲ ମାଇଲ ବାଟ

ପାଇକମାଳ, ୧୨।୭(ସମିସ): ଗତ ଫେବୃୟାରୀ ୨୪ ତାରିଖରେ 'ସକାଳ'ରେ ପ୍ରକାଶ ପାଇଥିଲା ଶୀର୍ଷକ 'ବାର୍ଦ୍ଧକ୍ୟ ଆଗରେ ହାର ମାନିଛି ବୟସ : ଚାଲି ଚାଲି ଯାଉଛନ୍ତି ମାଇଲ ମାଇଲ ବାଟ'। ଏହି ଖବର ପ୍ରକାଶ ପାଇଲା ପରେ ବରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝୀଙ୍କ ତତ୍ପରତା ଯୋଗୁଁ ପାଇକମାଳ ବ୍ଲକ ଝାରବନ୍ଧ ପଞ୍ଚାୟତ ଝାରବନ୍ଧରୁ ଗଞ୍ଜାଡାବର ୫ କିମି ରାସ୍ତା ପାଇଁ ଲକ୍ଷ୍ମୀ ବସ୍ ପ୍ରତିଦିନ ଚଳାଚଳ କରିବା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଗଞ୍ଜାଡ଼ାବର ଗାଁ ଦୁଇ ବୟସ୍କା ବୃଦ୍ଧା କମଳୀ ଭଏଁସାଲ (୮୦) ଓ ପାଥବ ଭଏଁସାଲ (୮୧) ଝାରବନ୍ଧ ଗାଁକୁ ନିଜ ସମ୍ପର୍କୀୟ ଘରକୁ କୌଣସି କାମରେ ଯାଇ ପାଦରେ ଦୁହେଁ ଚାଲି ଚାଲି ଆସୁଥିଲେ। ଏନେଇ ପାଇକମାଳ ସକାଳ ପ୍ରତିନିଧି ଗିରିଶ ଚନ୍ଦ୍ର ମାଝୀ କୌଣସି କାମ ପାଇଁ ସେହି ବାଟରେ ଯାଉଥିବା ସମୟରେ ସେମାନଙ୍କୁ ଭେଟିଥିଲେ। ସେମାନେ ଗମନାଗମନ, ଡାକ୍ତରଖାନା, ଭତ୍ତା ଉପରେ ସାମ୍ବାଦିକଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ଆଧାରକାର୍ଡ ବୟସ ତ୍ରୁଟି ଯୋଗୁଁ ବର୍ଦ୍ଧିତ ଭତ୍ତା ପାଉନାହିଁ ବୋଲି କହିଥିଲେ। ସବୁଠୁ ବଡ଼ ସମସ୍ୟା ଥିଲା ବସ୍ ଚଳାଚଳ। ଖବର ପ୍ରକାଶ ବସ୍ ଚଳାଚଳ ଯୋଗୁଁ ଖୁସି ବ୍ୟକ୍ତି କରିଛନ୍ତି। ଝାରବନ୍ଧ ଓ ଗଞ୍ଜାଡାବର ଗ୍ରାମବାସୀ 'ସକାଳ'ରେ ପ୍ରକାଶନ ପରେ ପାଇଁ ଆମେ ଲକ୍ଷ୍ମୀବସ୍ ଯା' ଆସ କରିପାରୁଛୁ ବୋଲି 'ସକାଳ'ର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏନେଇ ଝାରବନ୍ଧ ସରପଞ୍ଚ ଟେଭାବତୀ ଭୋଇ ବସ୍ ଚଳାଚଳ ଯୋଗୁଁ ଲୋକେ ଉପକୃତ ହେଉଛନ୍ତି ବୋଲି କହିଛନ୍ତି।

**'ସକାଳ' ପ୍ରଭାବ**





# ଶିଶୁ ସାହିତ୍ୟ ସଂସଦର 'ଆବର୍ଜନା ନିଷ୍କାସନ' ଆଲୋଚନାଚକ୍ର



ବରଗଡ଼, ୧୨।୭(ସମିସ): ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ 'ଆବର୍ଜନା ନିଷ୍କାସନ' ଶୀର୍ଷକ ଉପରେ ରାଣା ପ୍ରତାପ ସ୍କୁଲରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଛାତ୍ରୀ ଧରିତ୍ରୀ ରାଉତଙ୍କ ଅଧ୍ୟକ୍ଷତାରେ ସମ୍ପାଦିକା ଛାତ୍ରୀ ସାଳିନୀ ସା ବିବରଣୀ ଉପସ୍ଥାପନ କରିବା ସହ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ସୁଦୀପ ରଥ ଯୋଗଦେଇଥିବା ବେଳେ ଅତିଥି ଛାତ୍ରଭାବେ ଅଞ୍ଜଳି ମହାରଣା, ରିତିକା ସା, ସୋମେନ୍ଦ୍ର ବରାଡ଼, ପ୍ରାଚୀ ଭୋସାଗର, ମୁସ୍କାନ ସା, କ୍ରୀଷ୍ଟିନା ମେହେର, ସିମ୍ରନ ମାଲି, ଆୟୁଷ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।



**ବିଭିନ୍ନ ସ୍ଥାନରେ ବନ ମହୋତ୍ସବ**

# ଜଙ୍ଗଲ ସୁରକ୍ଷାରେ ସାମିଲ ହେବାକୁ ଆହ୍ୱାନ

● ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ



ବରଗଡ଼, ୧୨। ୭(ସମିସ): ଶନିବାର ବରଗଡ଼ ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ଉନ୍ନତି ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଳୟ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ଯୋଗଦାନ କରି ଥିଲେ।

କାର୍ଯ୍ୟକ୍ରମକୁ ଶିକ୍ଷକ ଡ. ମନବୋଧ ଲୁହୁରା, ଅଙ୍ଗରୋଜ ତନସନା, ଟିକେଶ୍ୱରୀ ଦୋରା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀମାନେ ଚାରା ରୋପଣ କରିଥିଲେ। ଡ. ମନବୋଧ ଲୁହୁରା ଧନ୍ୟବାଦ ଅର୍ପଣ କରିଥିଲେ।

## ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର



ପାଇକମାଳ : ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶନିବାର ଗଙ୍ଗାଧର ରଣାଙ୍କ ନେତୃତ୍ୱରେ ଚାରା ରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବରେ ଶିକ୍ଷାକେନ୍ଦ୍ର ସଭାପତି ଗୋକୁଳାନନ୍ଦ ତନସନା ଓ ସମ୍ପାଦକ ମହେନ୍ଦ୍ର କୁମାର ଖୁଣ୍ଟିଆ ଯୋଗଦେଇ ଥିଲେ। ଶିକ୍ଷାକେନ୍ଦ୍ରର ହରିପ୍ରିୟା ସାହୁ, ମଳୟ କୁମାର ହଂସ, ଭିଏସନନ୍ଦ ବରିହା ତଥା ଜାମସେଠ ଫରେଷ୍ଟର ଦିବାକର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆସିଥିବା ବନରକ୍ଷୀ ଦୀପକ କୁମାର ନାଏକ, ଜଗମୋହନ ସାହୁ, ପ୍ରମୋଦ ବରିହା ପରିଚାଳନାରେ ସହଯୋଗ କରିଥିଲେ। ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଓ ଏନ୍ଏସ୍ଏସ୍ ମିଳିତ ଆନୁକୂଲ୍ୟରେ ଅଧ୍ୟକ୍ଷ ଲୋହିତକୁମାର ବାରିକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଡକ୍ରସ୍ ସଂଯୋଜିକା ପୁଷ୍ପମଞ୍ଜୁରି ପ୍ରଧାନ ଧନ୍ୟବାଦ ଦେଇଥିଲେ।

ବାଦିବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମାଧବ ପୁରୋହିତଙ୍କ ନେତୃତ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆରସିସି ଉଗ୍ରସେନ ପ୍ରଧାନ ଯୋଗଦେଇ ଥିଲେ। ବରତୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାହୁ ଓ ନୂଆଁ ପତ୍ରାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରାଙ୍କ ନେତୃତ୍ୱରେ ଚାରାରୋପଣ ହୋଇଥିଲା। ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଗଛ ଲଗାଇ ପରିବେଶକୁ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ।



**ଅପହରଣ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ**

# ଡ୍ରାଇଭର ମହାସଂଘ ରାଜ୍ୟ କୋଷାଧ୍ୟକ୍ଷଙ୍କୁ ରାତିଅଧିଆ ଉଠାଇନେଲା ପୁଲିସ୍

ଦେବଗଡ଼/ବଲାଙ୍ଗିର,୧୨।୭(ସମିସ): ଓଡ଼ିଶା ଡ୍ରାଇଭର୍ ମହାସଂଘର କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରାଙ୍କୁ ପୁଇନ୍ତଲା ପୁଲିସ୍ ରାତି ଅଧିଆ ଉଠାଇନେବା ଏବଂ ଏ ସଂପର୍କରେ ଜାଣିନପାରି ତାଙ୍କ ପରିବାରଲୋକ ଓ ସଂଘର କର୍ମକର୍ତ୍ତାମାନେ ଦେବଗଡ଼ ଥାନାରେ ଅପହରଣ ନେଇ ଏତଲା ଦେବା



ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ଆଦିତ୍ୟ ମହାସଂଘର ରାଜ୍ୟ କୋଷାଧ୍ୟକ୍ଷ ସହ ଜିଲ୍ଲା ସଭାପତି ପଦରେ ଅବସ୍ଥାପିତ ଅଛନ୍ତି। କିଛି ଦିନ ତଳେ ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ଥାନା ବଇରାସରଠାରେ ଜଣେ ଡ୍ରାଇଭରଙ୍କୁ ମାଡ଼ ଘଟଣାର ସେ ଅନ୍ୟତମ ଅଭିଯୁକ୍ତ ଥିଲେ। ତେଣୁ ଦେବଗଡ଼ ପୁଲିସ୍ ସହାୟତାରେ ପୁଇନ୍ତଲା ପୁଲିସ୍ ଗତରାତିରେ ତାଙ୍କୁ ସଂଘ କାର୍ଯ୍ୟାଳୟରୁ ଏକ ନାଟକୀୟ ଢଙ୍ଗରେ ଗିରଫ କରି ନେଇଯାଇଥିଲା। କିନ୍ତୁ ଆଦିତ୍ୟଙ୍କୁ ନେବା ସମୟରେ ପୁଲିସ ନା ତାଙ୍କ ପରିବାର ନା ସହଯୋଗୀଙ୍କୁ କୌଣସି ସୂଚନା ଦେଇନଥିଲା। ତେଣୁ ଏଥିରେ ଜିଲ୍ଲା ସଂଘର ସଦସ୍ୟମାନେ ବିବ୍ରତ ହୋଇପଡ଼ିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଅପହରଣ କରିନେଇଥିବା ଆଶଙ୍କାରେ



ଜିଲ୍ଲା ସମ୍ପାଦକ ରଞ୍ଜିତ କୁମାର ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଦେବଗଡ଼ ଥାନାରେ ଅପହରଣଜନିତ ଅଭିଯୋଗ କରିଥିଲେ। ଅପରପକ୍ଷେ, ଆଦିତ୍ୟଙ୍କ ବାପା ମଧ୍ୟ ପୁଅର ନିଖୋଜ ସମ୍ପର୍କରେ ଅନ୍ୟ ଏକ ଅଭିଯୋଗ କରିଥିଲେ। ତେବେ ଦୁଇ ଦୁଇଟି ଅଭିଯୋଗ ପାଇବା ପରେ ଦେବଗଡ଼ ପୁଲିସ୍ ସତ ଉଜାଗର କରିଥିଲା। ଆଦିତ୍ୟଙ୍କୁ ପୁଇନ୍ତଲା ପୁଲିସ୍ ଗିରଫ କରିଛି ବୋଲି ସ୍ପଷ୍ଟ କରିଥିଲା। କିନ୍ତୁ ସଂଘର ଆନ୍ଦୋଳନ ଯୋଗୁଁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ପୁଲିସ କାହାରିକୁ ସଠିକ ସୂଚନା ଦେଇନଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ସୋନପୁର ପଟୁ ଏକ ମିନିଟ୍ରକ୍ ବଲାଙ୍ଗିର ଆସୁଥିବା ବେଳେ ବଇରାସରଠାରେ ଉକ୍ତ ଟ୍ରକ୍‌କୁ ଆନ୍ଦୋଳନରତ ଡ୍ରାଇଭରମାନେ ଅଟକାଇଥିଲେ। ସେଠାରେ ମିନିଟ୍ରକ୍‌ରେ ଥିବା ଡ୍ରାଇଭର୍ ମନୋଜ ବର୍ଗଡ୍ଡିଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ମନୋଜଙ୍କୁ କିଛି ଡ୍ରାଇଭର ମିଶି ଆକ୍ରମଣ କରିଥିଲେ। ଫଳରେ ମନୋଜ ଗୁରୁତର ହୋଇ ବଲାଙ୍ଗିର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ସେ ପୁଇନ୍ତଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଡ୍ରାଇଭରଙ୍କୁ ମାଡ଼ ମାରିଥିବା ୮ଜଣ ଡ୍ରାଇଭରଙ୍କୁ ଶୁକ୍ରବାର ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲେ। ଉକ୍ତ ଘଟଣାରେ ଫେରାର ଥିବା ଆଦିତ୍ୟ ପ୍ରସାଦ ବେହେରାଙ୍କୁ ପୁଲିସ ଗିରଫ କରିଛି। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କିନ୍ତୁ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗିର ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ, ପୁଲିସ୍ ଆଦିତ୍ୟଙ୍କୁ କୁଖ୍ୟାତ ଅପରାଧୀଙ୍କ ଭଳି ପୁଲିସ୍ ରାତିଅଧିଆ ଉଠାଇନେବାକୁ ସଂଘର ସଦସ୍ୟମାନେ ନିନ୍ଦା କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ପୁଲିସ୍ ବିରୋଧରେ ସ୍ଲୋଗାନ୍ ଦେଇ ନୂଆ ଘରୋଇ ବସ୍‌ଷ୍ଟାଣ୍ଡ ପରିସରରେ ଆନ୍ଦୋଳନରେ ବସିଥିବା ଦେଖିବାକୁ ମିଳିଛି।

**ରାସ୍ତାକଡ଼ରେ ପ୍ରସବ କଲେ ମାନସିକ ଭିନ୍ନକ୍ଷମ**

# ଜଙ୍ଗଲ ରାସ୍ତାରେ ମା’-ଛୁଆଙ୍କୁ ଛାଡ଼ି ଚାଲିଗଲା ‘ସଖୀ’ ଗାଡ଼ି

ତୁମୁଡ଼ିବନ୍ଧ, ୧୨।୭ (ସମିସ): ଦୁଷ୍କର୍ମର ଶିକାର ହୋଇଥିବା ଜଣେ ମାନସିକ ଭିନ୍ନକ୍ଷମ ଯୁବତୀ ରାସ୍ତାକଡ଼ରେ ପ୍ରସବ କରିବା, ଉଭୟ ମା’-ଛୁଆଙ୍କୁ ଜଙ୍ଗଲ ରାସ୍ତାରେ ଛାଡ଼ି ‘ସଖୀ’ ଗାଡ଼ି ସେଠାରୁ ପଳାଇବା ଭଳି ଅମାନବୀୟ ଘଟଣା ଆଜି ପଦାକୁ ଆସିବା ପରେ କନ୍ଧମାଳ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ତେବେ ତୁମୁଡ଼ିବନ୍ଧ ସିଡିପିଓଙ୍କ ଉଦ୍ୟମ ଯୋଗୁଁ ଉଭୟଙ୍କ ଜୀବନ ବଞ୍ଚିଯାଇଛି। ଉଭୟ ମା’-ଛୁଆଙ୍କୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।



ସୂଚନାନୁଯାୟୀ, ତୁମୁଡ଼ିବନ୍ଧ ବ୍ଲକ ଗୁମ୍ମା ପଞ୍ଚାୟତ ଅଞ୍ଚଳର ଜଣେ ୨୨ ବର୍ଷୀୟ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ କେହି ଦୁର୍ବୃତ୍ତ ଦୁଷ୍କର୍ମ କରିଥିଲା। ଏଥିରେ ଯୁବତୀଜଣଙ୍କ ଗର୍ଭବତୀ ହୋଇଯାଇଥିଲେ। ଖବର ପାଇ ତୁମୁଡ଼ିବନ୍ଧ ସିଡିପିଓ ଲତା ଦିଗାଲ ଏବଂ ଅଙ୍ଗନବାଡ଼ି ସୁପରଭାଇଜର୍ ଗତ ଜୁନ୍ ୯ ତାରିଖରେ ତାଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା କେନ୍ଦ୍ରରେ ଛାଡ଼ିଥିଲେ। କିନ୍ତୁ ଆଜି ଯୁବତୀଙ୍କ ପ୍ରସବବେଦନା ହେବାରୁ ସେ ଅନ୍ୟ ଅନ୍ତେବାସୀମାନଙ୍କୁ କାମୁଡ଼ାକାମୁଡ଼ି କରିଥିଲେ। ଖବର ପାଇ ପୀଡ଼ିତାଙ୍କ ପରିବାରଲୋକ ଓ ଅଙ୍ଗନବାଡ଼ି କର୍ମୀ ନମିତା ତାଙ୍କୁ ‘ସଖୀ’ ଗାଡ଼ିରେ ଫୁଲବାଣୀରୁ ନିଜ ଘର ଗୁଡ଼ୁକାକୁ ଆଣୁଥିଲେ। କିନ୍ତୁ ବାଟରେ ପ୍ରସବବେଦନା ଅଧିକ ହେବାରୁ ଗାଡ଼ିଟି ଅଟକି ଯାଇଥିଲା। ବେଲଘର ରାସ୍ତାର ଜଙ୍ଗଲ ରାସ୍ତାକଡ଼ରେ ଯୁବତୀଜଣଙ୍କ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। କିନ୍ତୁ, ଏହି ସମୟରେ ସେମାନଙ୍କୁ ଆଣି ଆସିଥିବା ‘ସଖୀ’ ଗାଡ଼ିଟି ମା’ ଓ ଶିଶୁକୁ ସଂକଟାପନ୍ନ ଅବସ୍ଥାରେ ସେମିତି ଅବସ୍ଥାରେ ଛାଡ଼ି ଫୁଲବାଣୀ ଅଭିମୁଖେ ଚାଲିଯାଇଥିଲା। ସଙ୍ଗେସଙ୍ଗେ ଅଙ୍ଗନବାଡ଼ିକର୍ମୀ ନମିତା ତୁମୁଡିବନ୍ଧ ସମ୍ପନ୍ବିତ ଶିଶୁ ବିକାଶ ଯୋଜନା ଅଧିକାରୀ ଲତା ଦିଗଲଙ୍କୁ ଫୋନ୍ କରି ଜଣାଇବା ପରେ ସିଡିପିଓ ବେଲଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାଇବା ମାତ୍ରେ ଡା. ବିଜୟ କୁମାର ଭୋଇ ଓ କରିସ୍ମା ନାୟକ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ଚିକିତ୍ସା କରି ଯୁବତୀକୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଫୁଲବାଣୀରୁ ଆସିଥିବା ‘ସଖୀ’ ବାହାନ କିପରି ଅସହାୟ ଅବସ୍ଥାରେ ମା’ ଓ ନବଜାତ ଶିଶୁକୁ ରାସ୍ତାରେ ଛାଡ଼ି ଚାଲିଗଲା, ତାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# କବି ବିଦ୍ୟୁତ୍‌ପ୍ରଭା ଦେବୀ ନାରୀ ସଶକ୍ତୀକରଣର ଅନ୍ୟତମ ପ୍ରତୀକ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୧୨।୭(ସମିସ): ଲବ୍ଧ ପ୍ରତିଷ୍ଠିତ କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ଅନ୍ୟତମ ପ୍ରତୀକ। ବିଦ୍ୟୁତପ୍ରଭା ଦେବୀଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଛନ୍ତି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ




**ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ପାଳିତ**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଓଡ଼ିଆ ସାହିତ୍ୟରେ ନାରୀବାଦୀ କବିତାର କଥା ଉଠିଲେ ବିଦ୍ୟୁତପ୍ରଭା ଦେବୀଙ୍କ କଥା ମନେପଡ଼େ। ଆଜିର କୃତ୍ରିମ ବୁଦ୍ଧିମତାର ଯୁଗରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ସହ ଏହାକୁ ଆଗକୁ ନେବା ପାଇଁ ଟେକ୍ନୋଲୋଜିର ଯେପରି ବ୍ୟବହାର ହୋଇପାରିବ ସେ ଦିଗରେ ଆମେ କାର୍ଯ୍ୟ କରିବା ସହ ଆମ ଓଡ଼ିଆ ସାହିତ୍ୟ ଯେପରି ବିଶ୍ୱବିଦିତ ଓ ସୁସମୃଦ୍ଧ ହୋଇପାରିବ ସେଥିପାଇଁ ଆମେ ପ୍ରୟାସ ଜାରି ରଖିବା ଉଚିତ୍ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପଦ୍ମଭୂଷଣ ଡ. ପ୍ରତିଭା ରାୟ ଯୋଗଦେଇ କହିଥିଲେ ଯେ, କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ଅନନ୍ୟା। ତାଙ୍କ ସାହିତ୍ୟ ସର୍ଜନା ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛି। ନାରୀବାଦୀ ଓ ସମାଜବାଦୀ କବିତା ଲେଖି ସେ ଆମ ସମସ୍ତଙ୍କୁ ପ୍ରେରିତ କରିଛନ୍ତି। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ଏକାମ୍ର ବିଧାୟକ ବାବୁ ସିଂ, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର ପୂର୍ବତନ କୁଳପତି ତଥା ବିଦ୍ୟୁତପ୍ରଭା ଦେବୀଙ୍କ ସୁପୁତ୍ର ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ କବି ବିଦ୍ୟୁତପ୍ରଭାଙ୍କ ସାରସ୍ୱତ ସାହିତ୍ୟ ସର୍ଜନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଧାରିତ ଚିତ୍ରକଳା ଶିବିର ଉଦ୍‌ଘାଟନ ସହ ପୁସ୍ତକ “ବାଜିରାଉତ’ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପତ୍ରିକା “କୋଣାର୍କ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ସ୍ୱାଗତ ଭାଷଣ ଦେଇଥିବା ବେଳେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିମିଳିପାଳରେ କଳାବାଘଙ୍କ ବଂଶ ବୃଦ୍ଧି

ବାରିପଦା, ୧୨।୭ (ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମେଲାନାଷ୍ଟିକ୍ ପ୍ରଜାତିର କଳାବାଘଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ଟି-୨୦ ନାମକ ଏକ କଳା ବାଘୁଣୀ ୩ଟି ଛୁଆ ଜନ୍ମ ଦେଇଛି। ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଲାଗିଥିବା ଏଆଇ ଟ୍ରାପ୍ କ୍ୟାମେରାରେ ୩ଟିଯାକ ଶାବକ ବିଚରଣ କରୁଥିବାରୁ ଫଟୋ କଏଦ୍ ହୋଇଛି। ଏହାକୁ ନେଇ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ

- ଜନ୍ମ ନେଲେ ଆଉ ୩ ଶାବକ
- ଭିଡିଓ ସେୟାର୍ କଲେ ପିସିସିଏଫ୍
- ଜାନୁୟାରୀରୁ ଏଯାଏ ଜନ୍ମ ହେଲେଣି ୯ କଳାବାଘ

ପାଇଛି। କିଛି ଦିନ ତଳେ ବାଘଛୁଆ ଖେଳୁଥିବାର ଏକ ଭିଡିଓ ପିସିସିଏଫ ସେୟାର୍ କରିଥିଲେ।

ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ପରେ କାଠ ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ସମଗ୍ର ଭାରତର ସମସ୍ତ କଳାବାଘ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବରୁ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ଜାନୁୟାରୀରୁ ଏ ପର୍ଯ୍ୟନ୍ତ ଶିମିଳିପାଳରେ ୯ଟି କଳାବାଘ ଛୁଆ ଜନ୍ମ ନେଇଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ବ୍ୟାଘ୍ର ସଂରକ୍ଷଣ ପାଇଁ ଶିମିଳିପାଳ ଏକ ଉପଯୁକ୍ତ ସ୍ଥାନ



ବୋଲି ପୂର୍ବରୁ ଏନ୍‌ଟିସିଏ ଘୋଷଣା କରିସାରିଛି।

ବାଘସଂଖ୍ୟା ବୃଦ୍ଧି ସହ ଜେନିଟିକ୍ ଡାଇଭର୍ସନ ରୋକିବା ପାଇଁ ମହାରାଷ୍ଟ୍ର ତଡ଼ୋଭା ସଂରକ୍ଷିତ ଜଙ୍ଗଲରୁ ୨ଟି ବାଘୁଣୀ ଜିନତ୍ ଓ ଯମୁନା ଅଣାଯାଇଛି। ଜିନତ୍ ମଧ୍ୟ ଏବେ ମା’ ହେବାକୁ ଯାଉଥିବା ଜଣାପଡ଼ିଛି। କଳାବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱଦରବାରରେ ପ୍ରଶଂସା ସାଉଁଟିଥିବା ବେଳେ ଏହାର ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକରୁ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

# ସୀମାନ୍ତରେ ୨୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୨।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲାରେ ଶନିବାର ୨୩ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମସମର୍ପଣକାରୀ ମାଓବାଦୀମାନେ ଅନେକ ଘଟଣାରେ ଜଡ଼ିତ ଥିଲେ। ସୁକୁମା ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଆଲେକ୍ସ ପଲ ମେନନଙ୍କ ଅପହରଣରେ ଜଡ଼ିତ ମାଓବାଦୀ ଲୋକେଶ ମଧ୍ୟ ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ରହିଥିବା ଜଣାପଡ଼ିଛି। ଦିନକୁ ଦିନ ମାଓ ସଙ୍ଗଠନ ଭାଙ୍ଗିବାରେ ଲାଗିଥିବା ବେଳେ ଗତ ସପ୍ତାହକ ମଧ୍ୟରେ ପ୍ରାୟ ୫୦ ମାଓବାଦୀ ଆତ୍ମସମର୍ପଣ ଓ ଗିରଫ ହୋଇଛନ୍ତି। ତେବେ ଶନିବାର ଆତ୍ମସମର୍ପଣ କରିଥିବା ଏହି ୨୩ଜଣଙ୍କ ନାମରେ ମୋଟ ୧ କୋଟି ୧୮ ଲକ୍ଷ ପୁରସ୍କାର ରାଶି ଘୋଷଣା କରାଯାଇଥିଲା ବୋଲି ଜଣାପଡ଼ିଛି। ସୁକମା ଏସ୍‌ପି କିରଣ ଚୌହାନ ଏବଂ ସିଆରପିଏଫ ଡିଆଇଜି ଆନନ୍ଦ ସିଂହ ରାଜପୁରୋହିତଙ୍କ ସମ୍ମୁଖରେ ଏମାନେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ନୀତି ଅନୁଯାୟୀ ଏମାନଙ୍କୁ ୫୦ ହଜାର ଲେଖାଏଁ ସହୟତା ରାଶି ସହ ଆଗକୁ ଥଇଥାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଦାସିଆ ଅଜାଙ୍କୁ ପ୍ରଶାସନ ଭୁଲିଗଲା

ନୟାଗଡ଼,୧୨।୭(ସମିସ): ନୟାଗଡ଼ର ପ୍ରବାଦ ପୁରୁଷ ତଥା ପାଠାଗାର ଆନ୍ଦୋଳନର ଜନକ ଦାଶରଥୀ ପଟ୍ଟନାୟକ ତଥା ଦାସିଆ ଅଜାଙ୍କ ୧୧୮ ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ତାଙ୍କ ପ୍ରତିମୂର୍ତ୍ତି ରହିଥିଲେ ମଧ୍ୟ ଦୁଃଖର ବିଷୟ ଦାସିଆ ଅଜାଙ୍କ ଜୟନ୍ତୀକୁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭୁଲିଯାଇଛି। ଜିଲ୍ଲା ପ୍ରଶାସନ ତରଫରୁ କିମ୍ବା କୌଣସି ସଂଗଠନ



ତରଫରୁ ତାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପଡ଼ିନି।

ନୂଆଗାଁସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଆଜି ଦିନତମାମ ଫୁଲମାଳ ପଡ଼ି ନଥିବା ବେଳେ ହଠାତ୍ ଅପରାହ୍ଣ ୪.୩୦ରେ ୪ଜଣ ଯୁବକ ଆସି ତାଙ୍କ ପ୍ରତିମୂର୍ତ୍ତିରେ ଗୋଟିଏ ଫୁଲମାଳ ପକାଇଥିବା ଦେଖିବାକୁ ମିଳିଥିଲା। ପୂର୍ବର ପୁରୁଣା ଫୁଲମାଳ ବି ତାଙ୍କ ବେକରେ ପଡ଼ିରହିଛି। ପୂଜ୍ୟପୂଜା ଓ ଓଡ଼ିଆ ଅସ୍ମିତାର କଥା ସରକାର କହୁଥିବା ବେଳେ ଜିଲ୍ଲା ସଦର ମହକୁମାରେ ଦାସିଆ ଅଜାଙ୍କର ପ୍ରତିମୂର୍ତ୍ତିରେ ଫୁଲମାଳ ନ ପଡ଼ିବା ସବୁ ମହଲକୁ ଆଶ୍ଚର୍ଯ୍ୟ କରିଛି। କିନ୍ତୁ ଦିନତମାମ କେହି ହେଲେ ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ଦେଲେନି। ଦାସିଆ ଅଜା ହେଉଛନ୍ତି ନୟାଗଡ଼ର ପୂଜ୍ୟପୂଜା। ତାଙ୍କର ପାଠାଗାର ପରିଦର୍ଶନ ପାଇଁ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ସେଭଳି କିମ୍ବଦନ୍ତୀ ପୁରୁଷଙ୍କ ପ୍ରତି ଏଭଳି ଅସମ୍ମାନ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ଓ କିଛି ବରିଷ୍ଠ ବ୍ୟକ୍ତିତ୍ୱ ସାମାଜିକ ଗଣମାଧ୍ୟମରେ ଲୋକଲୋଚନକୁ ଆଣିବା ପରେ ବି ସରକାର ଚେତି ନଥିଲେ।

# ୱେବ୍ ସାମ୍ବାଦିକଙ୍କୁ ହତ୍ୟା

ମାଲକାନଗିରି/ମୋଟୁ,୧୨।୭(ସମିସ): ମାଲକାନଗିରି ଜିଲ୍ଲାରେ ଜଣେ ୱେବ୍ ସାମ୍ବାଦିକଙ୍କୁ କିଛି ଦୁର୍ବୃତ୍ତ ହତ୍ୟା କରିଛନ୍ତି। ମୃତକ ହେଲେ, ସାମ୍ବାଦିକ ସିଏଚ ନରେଶ। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅଞ୍ଚଳର ମୁରଲୀଗୁଡା ଗ୍ରାମ ନିକଟରେ ସିଏଚ ନରେଶ ଓ ଅନ୍ୟ କିଛି ସାମ୍ବାଦିକ ଏବଂ ତାଙ୍କର କିଛି ବନ୍ଧୁ ଏକ କାର୍‌ରେ ଯାଇ ବର୍ତ୍ତାଳାପ କରୁଥିବା ବେଳେ ଦୁଇଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ହଠାତ୍ ଖଣ୍ଡା ସହ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ନରେଶଙ୍କ ହାତରେ ଗଭୀର ଆଘାତ ଲାଗିବାରୁ ସେ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ସାମ୍ବାଦିକମାନଙ୍କ କାରକୁ ମଧ୍ୟ ଦୁର୍ବୃତ୍ତମାନେ ଛଡ଼ାଇ ନେଇଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ



ନରେଶଙ୍କୁ ପ୍ରଥମେ ମୋଟୁ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ନରେଶଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଅନ୍ୟ କିଛି ଜଣ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମାଈ ହାତୀର ମୃତଦେହ ଠାବ

ଅନୁଗୋଳ, ୧୨।୭ (ସମିସ): ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଅନୁଗୋଳ ରେଞ୍ଜ ସାହାରାଗୋଡ଼ା ନିକଟରେ ଗୋଟିଏ ମାଈ ହାତୀର ମୃତଦେହ ଠାବ ହୋଇଛି। ମୃତ ହାତୀଟି ମଧ୍ୟବୟସ୍କ ହୋଇଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଆଜି ସକାଳେ ଗାଁ ନିକଟ ଏକ ବୁଦବୁଡ଼ିଆ ଜଙ୍ଗଲ ନିକଟରେ ହାତୀ ମରିପଡ଼ିଥିବା ନେଇ ଗ୍ରାମବାସୀ ଦେଖିଥିଲେ। ପରେ ଏନେଇ ବନ ବିଭାଗକୁ ଖବର ଦେଇଥିଲେ। ଘଟଣା ବିଷୟରେ ଖବର ପାଇ



ବନ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି କେଉଁ ପରିସ୍ଥିତିରେ ହାତୀର ମୃତ୍ୟୁ ହେଲା, ସେନେଇ ଅନୁସନ୍ଧାନ ଓ ତଦନ୍ତ ଆରମ୍ଭ କରିଛନ୍ତି।

# ରେଳଧାରଣାରୁ ୨ ଦିନରେ ୩ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୧୨।୭(ସମିସ): ଗତ ଦୁଇ ଦିନରେ ବ୍ରହ୍ମପୁର ଜିଆର୍‌ପି ରେଳଧାରଣାରୁ ୩ଟି ମୃତଦେହ ଜବତ କଲାଣି। ଶନିବାର ଅପରାହ୍ନରେ ବ୍ରହ୍ମପୁର ରେଳଷ୍ଟେସନ ୪ନଂ. ପ୍ଲାଟଫର୍ମରେ ଥିବା ଫୁଟ୍ ଓଭରବ୍ରିଜ ତଳୁ ୨ଜଣଙ୍କ ମୃତଦେହ ଜବତ କରିଥିବା ବେଳେ ଶୁକ୍ରବାର ଛତ୍ରପୁର ନିକଟରୁ ଅନ୍ୟଏକ ମୃତଦେହ ଜବତ କରିଛି। କାହାରି ହେଲେ ପରିଚୟ ମିଳି ନଥିବା ବେଳେ ମୃତ୍ୟୁର କାରଣ ମଧ୍ୟ ସ୍ପଷ୍ଟ ହୋଇପାରିନାହିଁ। ମୃତକଙ୍କ ବୟସ ପ୍ରାୟ ୪୫ରୁ ୫୫ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଇଛି। ଏ ସଂକ୍ରାନ୍ତରେ ପୁଲିସ ୩ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ପରିଚୟ ସ୍ପଷ୍ଟ ପାଇଁ ସମସ୍ତ ମୃତଦେହକୁ ସଂରକ୍ଷିତ ରଖାଯାଇଛି। ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ବିକାଶ ପୋଲାଇ ସୂଚନା ଦେଇଛନ୍ତି।

**ମିଳୁନି ପରିଚୟ ଓ ମୃତ୍ୟୁର କାରଣ ଅସ୍ପଷ୍ଟ**

ବ୍ରହ୍ମପୁର ରେଳଷ୍ଟେସନର ୪ନଂ. ପ୍ଲାଟଫର୍ମରେ ଥିବା ଫୁଟ୍ ଓଭରବ୍ରିଜ ତଳେ ଜଣେ ମହିଳା ଓ ଜଣେ ପୁରୁଷ ଦୀର୍ଘ ସମୟ ଧରି ପଡ଼ି ରହିଥିବା ଜିଆର୍‌ପି ପୁଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ଦେଖିବା ବେଳେ ଉଭୟ ମୃତ୍ୟୁବରଣ କରିସାରିଥିଲେ। ପ୍ରାଥମିକ ତଦନ୍ତରୁ ଉଭୟେ ବିଷପାନ କରିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସେମାନଙ୍କ ମୃତ୍ୟୁର କାରଣ ଜଣାପଡ଼ିବ। ସେହିଭଳି ଛତ୍ରପୁର ନିକଟରୁ ଜବତ ମୃତକଙ୍କର ମଧ୍ୟ ପରିଚୟ ମିଳିପାରିନାହିଁ।

# ପଥରତଳେ ଚାପି ହୋଇଛି ପଥର ଶିଳ୍ପୀଙ୍କ ଭାଗ୍ୟ

## ସରକାରଙ୍କ ଅବହେଳା ପାଇଁ ରାଜ୍ୟ ଛାଡ଼ିଲେଣି ଭାସ୍କର୍ଯ୍ୟ ଶିଳ୍ପୀ

ଭୁବନେଶ୍ୱର,୧୨।୭(ସମିସ): ଉତ୍କଳର ଉତ୍କର୍ଷକୁ କାଳେକାଳେ ସମୃଦ୍ଧ କରିଛି ତା’ର କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଚାତୁରୀ। ଶିଳ୍ପୀର ନିହାଣ ମୁନରେ ନିଶ୍ଚଳ ପଥର ମଧ୍ୟୟ ଜୀବନ୍ୟାସ ପାଇଁ ବିଶ୍ୱ ଦରବାରରେ ଓଡ଼ିଆ ଜାତିର ଗୌରବ ଗାନ କରିଛି। ଉତ୍କଳର ଅନନ୍ୟ କଳାସଂସ୍କୃତିର ପରିଚାୟକ ସେହି ଶିଳ୍ପୀର ପରିଚୟ କିନ୍ତୁ ଆଜି ସଙ୍କଟରେ। ପଥର ଅଭାବରେ ତା’ର ନିହାଣ ଆଜି ନିରବ। ଆଧାର ବିନା ସେ ଜୀବନ୍ୟାସ କାହାକୁ ଓ କେମିତି ଦେବ? ସରକାର ମଧ୍ୟ ଏ ଦିଗରେ ଉଦାସୀନ। ତେଣୁ ଓଡ଼ିଶାର ପଥର ଶିଳ୍ପୀ ଆଜି ଦାଦନ ଖଟିବାକୁ ବିଦେଶମୁହାଁ। ଯଦି ଏହି ସ୍ଥିତି ଜାରି ରହେ ତେବେ ଓଡ଼ିଶା ଶିଳ୍ପୀଶୂନ୍ୟ ହୋଇଯିବା ବିଚିତ୍ର ନୁହେଁ। ପ୍ରସ୍ତର ଯୁଗରୁ ମଣିଷର ଜୀବନଜୀବିକା ସହିତ ପଥର ଓତପ୍ରୋତ ଭାବେ ଯୋଡ଼ି ହୋଇଯାଇଛି। ମଣିଷର ନିହାଣ ମୁନର ସ୍ପର୍ଶରେ ପଥର ମଧ୍ୟ କଥା କହିଛି। ଯାହାର ପ୍ରମାଣ ଏବେବି ଛିଡ଼ା ହୋଇଥିବା ପ୍ରାଚୀନ ମଠ ମନ୍ଦିରରୁ ମିଳେ। ହେଲେ ବର୍ତ୍ତମାନ ସମୟ ବଦଳିବା ସହ ମଣିଷର ଚାହିଦା ପୂରଣ କରିବାରେ ପ୍ରକୃତିର ଏହି ଅସୀମିତ ଉପାଦାନ ବି ଅସହାୟ ହୋଇପଡ଼ିଛି। ତା’ସହିତ ଜୀବନଜୀବିକା ବିପନ୍ନ ହୋଇଛି ପଥରକୁ ଆଶ୍ରା କରି ବଞ୍ଚୁଥିବା ଶିଳ୍ପୀ ଓ କାରିଗରମାନଙ୍କର।

କଳିଙ୍ଗ ସ୍ଥାପତ୍ୟ କଳା ଓ ପରମ୍ପରାର ସବୁଠୁ ଉଦ୍ଧ୍ୱର୍ରେ। ଓଡ଼ିଶା କାରିଗରଙ୍କ ତ୍ରିଭଙ୍ଗୀ ଶୈଳୀ ବା ଉତ୍କଳୀୟ ଶୈଳୀ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଦିଲ୍ଲୀର ଅକ୍ଷର ଧାମ ଠାରୁ ଆରମ୍ଭ କରି ରାଜସ୍ଥାନ, ଚେନ୍ନାଇ, ଦୁବାଇର ଆବୁଦାବୀ ରେ ମଧ୍ୟ ଶୋଭା ପାଉଛି ଓଡ଼ିଶା କାରୀରୀଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ। ଯଦିଓ ବିଭିନ୍ନ ରାଜ୍ୟର କାରିଗରମାନେ ଆଧୁନିକ ଶୈଳୀରେ ମନ୍ଦିର ନିର୍ମାଣ କରୁଛନ୍ତି କିନ୍ତୁ ଓଡ଼ିଶା ଭାସ୍କର୍ଯ୍ୟ କାରିଗରଙ୍କ ବିକଳ୍ପ ସାରା ବିଶ୍ୱରେ ନାହିଁ। ମଠ, ମନ୍ଦିରରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଝଲସି ଉଠେ। କିନ୍ତୁ ଭାସ୍କର୍ଯ୍ୟ କ୍ଷେତ୍ରରେ



ଓଡ଼ିଶାକୁ ବିଶ୍ୱରେ ପରିଚିତ କରାଇଥିବା ପଥର ଶିଳ୍ପୀ ବା ଭାସ୍କର୍ଯ୍ୟ ଶିଳ୍ପୀମାନେ ପଥର ଖଣ୍ଡେ ପାଇ ପାରୁନାହାଁନ୍ତି। ଫଳରେ ରାଜ୍ୟରେ ରହିଥିବା ପ୍ରାୟ ୩୦ ହଜାର ଭାସ୍କର୍ଯ୍ୟ କଶିଳ୍ପୀଙ୍କ ମଧ୍ୟରୁ ୯୦ ପ୍ରତିଶତ ଶିଳ୍ପୀ ବାହାର ରାଜ୍ୟ ଯଥା: ରାଜସ୍ଥାନ, ଚେନ୍ନାଇ, କୋଲକାତା ସମେତ ଇଂଲଣ୍ଡ, ଦୁବାଇ ଆଦି ଦେଶରେ କାମ କରୁଛନ୍ତି। ନିଜର କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଅଧିକାଂଶ ଶିଳ୍ପୀମାନେ ରାଜସ୍ଥାନ, ପାହାନପୁର ଆଦି ସ୍ଥାନରୁ ମାର୍ବଲ ଓ ପଥର ଆମଦାନୀ କରୁଥିଲେ ମଧ୍ୟ ଲାଭବାନ ହୋଇପାରୁ ନାହାଁନ୍ତି। ପଥର ଆମଦାନୀରେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ଉଚିତ୍ ପାରିଶ୍ରମିକ ମିଳୁନଥିବା କହିଛନ୍ତି। ରାଜ୍ୟ ସରକାର ଓଡ଼ିଆ କାରିଗରଙ୍କୁ ନେଇ ବିଶାଳ ଓଡ଼ିଶାରେ ମନ୍ଦିର କରନ୍ତୁ। ସେମାନେ ଆଜି ବି ସେମାନଙ୍କ ପାଖରେ କୋଣାର୍କ ତୋଳିବାର କ୍ଷମତା ରହିଛି। ଯାହାର ଉଦାହରଣ ହେଉଛି ଅକ୍ଷରଧାମ,ଅଯୋଧ୍ୟା ରାମ ମନ୍ଦିର ସମେତ ଦେଶ ବାହାରେ ନିର୍ମିତ ମନ୍ଦିର। କଳାକରିଗରୀ ବଞ୍ଚାଇବାକୁ ସରକାର ତୁରନ୍ତ ପଦକ୍ଷେପ ନେବା ଉଚିତ୍। କେବଳ ଧାର୍ମି ଦୃଷ୍ଟିରୁ ନହେଁ ବରଂ ଏହାଦ୍ୱାରା ଆର୍ଥିକ ଓ ସାଂସ୍କୃତିକ ବିକାଶ ମଧ୍ୟ ଘଟିବ। ଓଡ଼ିଆ ଅସ୍ମିତା କଥା କହି କ୍ଷମତାକୁ ଆସିଥିବା ସରକାର କଳା କାରିଗରୀ ବଞ୍ଚାଇବା ବଦଳରେ ସେମାନଙ୍କୁ ଦାଦନ ସାଜିବାକୁ ବାଧ କରୁଛନ୍ତି। କାରଣ ଯେଉଁ ଭାସ୍କର୍ଯ୍ୟ କାରିଗର ଦେଖିବାକୁ ଦେଶ ବିଦେଶରୁ ପର୍ଯ୍ୟଟକମାନେ ଓଡ଼ିଶାକୁ ଧାଇଁ ଆସୁଛନ୍ତି ସେହି କାରିଗରମାନେ ଆଜି ଅଲୋଡ଼ା ପାଲଟିଛନ୍ତି। ତେଣୁ ସରକାର ଭାସ୍କର୍ଯ୍ୟ ଶିଳ୍ପୀଙ୍କ ପାଇଁ ଓଡ଼ିଶା ଖଣିରୁ ପଥର ଯୋଗାଇଦେବାକୁ

**ଆଜି ବିଶ୍ୱ ପଥର ଦିବସ**

ପଦକ୍ଷେପ ନିଅନ୍ତୁ ବୋଲି ଶିଳ୍ପୀ ମହାସଂଘ ପକ୍ଷରୁ କୁହାଯାଇଛି। ଏନେଇ ଭାସ୍କର୍ଯ୍ୟଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ କହିଛନ୍ତି ଯେ, ସବୁକଳା ଠାରୁ ଉର୍ଦ୍ଧ୍ୱରେ ରହିଛି ଭାସ୍କର୍ଯ୍ୟ କଳା। ଭାସ୍କର୍ଯ୍ୟ କଳା ଏଭଳି ଏକ ସ୍ୱପ୍ନ, ଯାହାକୁ କେବଳ ଜଣେ ଶିଳ୍ପୀ ବାସ୍ତବତାରେ ପରିଣତ କରେ। ପଥର ଅଭାବରୁ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ସଂଖ୍ୟା ଏବେ ମାତ୍ର ହାତଗଣତି। ପଥର ଶିଳ୍ପୀ ନରହିଲେ ଓଡ଼ିଶାର ଅସ୍ମିତା ନଷ୍ଟ ହୋଇଯିବ। ତେଣୁ ସରକାର ଓଡ଼ିଶାର ପଥର ଶିଳ୍ପୀମାନଙ୍କୁ ଉପଯୁକ୍ତ ସୁବିଧା ଯୋଗାଇ ଦେବା ସହ ପଥର ଯୋଗାଇଦେଇ ଭାସ୍କର୍ଯ୍ୟ କଳାକୁ ବଞ୍ଚାଇ ରଖିବାକୁ ସହଯୋଗ କରନ୍ତୁ।

# ହ୍ୟାଣ୍ଡଲୁମ୍ ଶାଢ଼ିର ଯତ୍ନ



ପାରମ୍ପରିକ ପରିଧାନ ମଧ୍ୟରେ ହ୍ୟାଣ୍ଡଲୁମ୍ ଶାଢ଼ିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା କେବଳ ପାରମ୍ପରିକ ପରିଧାନ ନୁହେଁ, ସଂସ୍କୃତି, ଐତିହ୍ୟର ପ୍ରତୀକ ଭାବେ ଜଣାଯାଏ । ପୂଜାପର୍ବରେ ଏହି ଶାଢ଼ି ପିନ୍ଧିଲେ ଏହା ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ଏହି ଶାଢ଼ିର ମୂଲ୍ୟ ଅଧିକ ଥାଏ । ଏହା କେବେ ହେଲେ ପୁରୁଣା ହୁଏନି । ବର୍ତ୍ତମାନ ସମୟରେ ହ୍ୟାଣ୍ଡଲୁମ୍ ଶାଢ଼ିର ଚାହିଦା ବଢ଼ୁଛି । ତେବେ ଏହି ଶାଢ଼ିକୁ ବର୍ଷ ବର୍ଷ ଧରି କିପରି ସାଇତି ରଖିବେ ଜାଣି ରଖନ୍ତୁ ।

**ଖରାରୁ ରଖନ୍ତୁ ଦୂରେଇ**

ଶାଢ଼ିକୁ ଅତ୍ୟଧିକ ସୂର୍ଯ୍ୟକିରଣରୁ ଦୂରେଇ ରଖନ୍ତୁ । କାରଣ ସୂର୍ଯ୍ୟ କିରଣରେ ଶାଢ଼ିର ରଙ୍ଗ ଛାଡ଼ିଯାଏ । ଏହାଦ୍ୱାରା ଶାଢ଼ିର ଉଜ୍ଜ୍ୱଳତା କମିଯାଏ । ଏଥିପାଇଁ ଥଣ୍ଡା, ଅନ୍ଧାରୁଆ ସ୍ଥାନ ଭଲ ହୋଇଥାଏ ।

**ରେଶମ ପାଟ**

ସିଲ୍‌କ ତଥା ରେଶମ ଶାଢ଼ିକୁ ରଖିବା ପାଇଁ ସୂତା ବ୍ୟାଗ୍ ବ୍ୟବହାର କରିବା ଆବଶ୍ୟକ । ଏହା ମଧ୍ୟରେ ବାୟୁ ଚଳାଚଳ ଠିକ୍ ରହିଥାଏ । ଏହାଦ୍ୱାରା ଶାଢ଼ି ଅନ୍ୟ ଶାଢ଼ି ସହ ଲାଗେ ନାହିଁ । ସୁରକ୍ଷିତ ରହିଥାଏ ।

**ତିନି ମାସରେ ବଦଳାନ୍ତୁ ଶାଢ଼ିର ଭାଙ୍ଗ**

ଶାଢ଼ିକୁ ଗୋଟିଏ ଭାଙ୍ଗରେ ଦୀର୍ଘ ସମୟ ରଖିଲେ, ଏହାଦ୍ୱାରା ଶାଢ଼ିର ସେହି ସ୍ଥାନ ଫାଟିଯାଏ । ତେଣୁ ପ୍ରତି ତିନିମାସରେ ଥରେ ଶାଢ଼ି ଭାଙ୍ଗ ପରିବର୍ତ୍ତନ କରିବାକୁ ପଡ଼ିଥାଏ ।


**କାଠ ହ୍ୟାଙ୍ଗରରେ ଝୁଲାନ୍ତୁ ଶାଢ଼ି**

ଶାଢ଼ିକୁ ହ୍ୟାଙ୍ଗର୍‌ରେ ଟାଙ୍ଗିବାକୁ ଚାହୁଁଥିଲେ, ପ୍ଲାଷ୍ଟିକ୍ କିମ୍ବା ଷ୍ଟିଲ୍ ବଦଳରେ କାଠ ହ୍ୟାଙ୍ଗର୍ ବ୍ୟବହାର କରନ୍ତୁ । କାରଣ ଧାତୁନିର୍ମିତ ହ୍ୟାଙ୍ଗର୍‌ରେ କଳଙ୍କି ଲାଗିବା ସମସ୍ୟା ଥାଏ । ତେଣୁ କାଠ ସୁରକ୍ଷିତ ହେବା ସହ ଦୀର୍ଘ ସମୟ ରହିଥାଏ ।

**ସୂତା କପଡ଼ାରେ ଗୁଡ଼ାଇ ରଖନ୍ତୁ**

ଘରେ ସୂତା ବ୍ୟାଗ୍ ନ ଥିଲେ, ସୂତା କପଡ଼ାରେ ମଧ୍ୟ ଏହାକୁ ଗୁଡ଼ାଇ ରଖିପାରିବେ । ତେବେ ସମାନ ଡିଜାଇନର ଶାଢ଼ିକୁ ଗୋଟିଏ ବ୍ୟାଗ୍‌ରେ ରଖିପାରିବେ । ଭିନ୍ନ ଡିଜାଇନ ଥିଲେ ଏହାକୁ ଅଲଗା ରଖିପାରିବେ ।

# ମହମବତୀରୁ ଆତ୍ମନିର୍ଭର



ମହମବତୀ ଅନ୍ଧକାରକୁ ପ୍ରଶମିତ କରି ଆଲୋକ ପ୍ରଦାନ କରିଥାଏ । କିନ୍ତୁ ସମୟ ଅନୁସାରେ ଏହାର ବ୍ୟବହାର ବଦଳିଛି । ବିଭିନ୍ନ ପର୍ବପର୍ବାଣୀ, ପୂଜାଉତ୍ସବରେ ଏହାକୁ ସାଜସଜ୍ଜା ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି । ଏହାର ଉପଯୋଗିତାକୁ ଦୃଷ୍ଟିରେ ରଖି ଏହାକୁ ରୋଜଗାରର ପନ୍ଥା ଭାବେ ଗ୍ରହଣ କରିଛନ୍ତି, କାଶ୍ମୀର ଶ୍ରୀନଗରର ମେହେକ୍ ପରବେଜ୍ । ସେ ବିଭିନ୍ନ ଡିଜାଇନର ସୁଗନ୍ଧଯୁକ୍ତ ମହମବତୀ ତିଆରି କରି ଆତ୍ମନିର୍ଭର ହୋଇଛନ୍ତି ।

**ୟୁଟ୍ୟୁବ୍‌ରୁ ଶିଖିଲେ ପ୍ରସ୍ତୁତି**

ପିଲାଦିନେ ମହମବତୀ ଦେଖି ସେ ଖୁବ୍ ଆନନ୍ଦିତ ହେଉଥିଲେ; କିନ୍ତୁ ତାଙ୍କ ଅଞ୍ଚଳରେ ପର୍ବପର୍ବାଣୀରେ ଘର ସଜାଇବା ପାଇଁ ମହମବତୀ ଏତେ ବ୍ୟବହାର ହେଉ ନ ଥିଲା । ସେ ଇନ୍‌ଷ୍ଟାଗ୍ରାମ୍‌ରେ ଭଳିକି ଭଳି ମହମବତୀ ଦେଖିଥିଲେ । ପରେ ଏହା ତିଆରି କରିବା ପାଇଁ ତାଙ୍କର ଆଗ୍ରହ ଆସିଲା । ଏଥିପାଇଁ ସେ ୟୁଟ୍ୟୁବ୍‌କୁ ନିଜର ଅସ୍ତ୍ର କରିଥିଲେ । ୟୁଟ୍ୟୁବ୍ ଦେଖି ଅଭ୍ୟାସ କଲେ । ଧିରେ ଧିରେ ସେ ସୁଗନ୍ଧଯୁକ୍ତ, ଭଳିକି ଭଳି ରଙ୍ଗିନ ମହମବତୀ ତିଆରି କରିଥିଲେ । ତାଙ୍କ କହିବାନୁଯାୟୀ ଅଧିକାଂଶ ଲୋକେ ଏସେନ୍ସିଆଲ ଅଏଲ୍‌ଯୁକ୍ତ ମହମବତୀ କିଣିବାକୁ ପସନ୍ଦ କରନ୍ତି । କାରଣ ଏହା ଲୋକଙ୍କ ମନ ଓ ମସ୍ତିଷ୍କକୁ ସତେଜ କରିଥାଏ । ସେହିପରି ଡିଜାଇନର୍ ମହମବତୀକୁ ଲୋକେ ଜନ୍ମଦିନ, ବର୍ଷପୂରଣି ଆଦିରେ ଘର ସାଜସଜ୍ଜାରେ ବ୍ୟବହାର କରିଥାନ୍ତି ।

**ଲକ୍‌ଡାଉନ୍‌ରୁ ବ୍ୟବସାୟ**

ଲକଡାଉନ୍ ସମୟରେ ସେ ମହମବତୀ ବ୍ୟବସାୟ କରିବା ପାଇଁ ସ୍ଥିର କରିଥିଲେ । ହେଲେ ମହମବତୀ ପ୍ରସ୍ତୁତ ପାଇଁ ଆବଶ୍ୟକ ସରଞ୍ଜାମ ଓ ଉପକରଣ ତାଙ୍କ ପାଖରେ ନ ଥିଲା । ତେଣୁ ସେ ଅନ୍ୟ ସହରରୁ ଏହା କିଣିଥିଲେ । ଅବଶ୍ୟ ଏଥିପାଇଁ ତାଙ୍କୁ ପରିବାର ଲୋକେ ସମର୍ଥନ କରିଥିଲେ । ଏହାପରେ ସେ ନିଜ ଘରେ ବିଭିନ୍ନ ପ୍ରକାର ମହମବତୀ ତିଆରି କରିଥିଲେ । ସଉକ୍‌ରୁ ଆରମ୍ଭ ହୋଇଥିବା ଏହି କଳାକୁ ମେହେକ୍ ନିଜର ପେସା ଭାବେ ଆପଣାଇଲେ । ସେ ବିଭିନ୍ନ ପ୍ରକାର କଷ୍ଟମାଇଜ୍ ମହମବତୀ ତିଆରି କରି ତାହାକୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରୁଥିଲେ । ଅବଶ୍ୟ ଏହି ଅନଲାଇନ୍ ବ୍ୟବସାୟ ତାଙ୍କ ପାଇଁ ଏତେ ସହଜ ନଥିଲା ।





**କଷ୍ଟମାଇଜ୍‌ଡ ମହମବତି**

ସେ ବିଭିନ୍ନ କଷ୍ଟମାଇଜ୍ ମହମବତୀ ପ୍ରସ୍ତୁତ କରିଥାନ୍ତି । ବିବାହ, ମେହେନ୍ଦୀ, ଜନ୍ମଦିନ, ବର୍ଷପୂରାଣି, କ୍ରିଷ୍ଟମାସ, ଦୀପାବଳି ଆଦି ପର୍ବରେ ସେ ଗ୍ରାହକଙ୍କ ବରାଦ ଅନୁଯାୟୀ, କଷ୍ଟମାଇଜ୍ ମହମବତୀ ତିଆରି କରନ୍ତି । କପ୍, ସାଣ୍ଟା ଟ୍ରି, ଫୁଲଆକୃତିର ଭଳିକି ଭଳି ରଙ୍ଗିନ ମହମବତୀ ତିଆରି କରିଥାନ୍ତି । ଏହାର ରଙ୍ଗ ଓ ଡିଜାଇନ୍ ଅନୁଯାୟୀ ସେ ମୂଲ୍ୟ ରଖିଥାନ୍ତି ।

# କୋରିଆନ୍ ହେୟାର କେୟାର୍



ବର୍ଷାଦିନେ କେଶରେ ନାନା ସମସ୍ୟା ଦେଖାଯାଏ । ତେଲ, ଝାଳ ଓ ଆର୍ଦ୍ରତା କେଶକୁ ରୁକ୍ଷ ଓ ପତଳା କରିଦିଏ । ତେଣୁ କେଶକୁ ମଜଭୂତ କରିବା ପାଇଁ ହେୟାର୍ କେୟାର୍ ରୁଟିନ ଆପଣାଇବାକୁ ପଡ଼ିଥାଏ । ଯାହା କେଶକୁ ପୋଷଣ ଦେଇ ବର୍ଷା ଋତୁ ପ୍ରଭାବରୁ ସୁରକ୍ଷା ଦେବ । ତେବେ କୋରିଆନ୍ ମେକ୍‌ଅପ୍ ଭଳି କୋରିଆନ୍ ହେୟାର୍ କେୟାର୍‌ର ଖୁବ୍ ଚାହିଦା ରହିଛି । ଏହାକୁ ଆପଣାଇ କେଶର ଯତ୍ନ ନେଇପାରିବେ ।

**ସ୍କାଲ୍‌ପକୁ ସଫା ରଖନ୍ତୁ**

ବର୍ଷାଦିନେ କେଶରେ ତେଲ , ଧୂଳି ଆଦି ଜମିଯାଏ । ଫଳରେ କେଶମୂଳ କୁଣ୍ଡାଇ ହୋଇଥାଏ । ତେଣୁ କେଶମୂଳକୁ ସାମ୍ପୁ କିମ୍ବା ସ୍କ୍ରବ୍ କରି ଭଲରେ ସଫା କରନ୍ତୁ । ଏହାଦ୍ୱାରା କେଶମୂଳ ପରିଷ୍କାର ରହିଥାଏ । ପ୍ରତି ସପ୍ତାହରେ ଥରେ ଏହା କରନ୍ତୁ ।

**ମାଇଲ୍ଡ ସାମ୍ପୁ ବ୍ୟବହାର**

ଯଥାସମ୍ଭବ ରାସାୟନିକ ସାମ୍ପୁରୁ ଦୂରେଇ ରୁହନ୍ତୁ । ଟି ଟ୍ରି ଅଏଲ୍ କିମ୍ବା ପୁଦିନା ସାମ୍ପୁ ବ୍ୟବହାର କରି କେଶ ଧୋଇପାରିବେ । ଏହା କେଶରେ ଥିବା ତେଲିଆପଣକୁ ଦୂର କରିଥାଏ ।

**କଣ୍ଡିସନର୍**

କୋରିଆନ୍ ହେୟାର କେୟାର୍‌ରେ ହାଇଡ୍ରେସନ୍‌ର ମୁଖ୍ୟ ଭୂମିକା ରହିଥାଏ । ତେଣୁ କେଶ ସଫା ପରେ ଅଳ୍ପ କରି ହାଇଡ୍ରେଟିଙ୍ଗ୍ କଣ୍ଡିସନର ଲଗାନ୍ତୁ । ଏହାକୁ କେଶମୂଳରେ ନ ଲଗାଇ କେଶରେ ଲଗାନ୍ତୁ ।

**ହେୟାର ଟନିକ୍**

କୋରିଆନ୍ ଯୁବତୀମାନେ କେଶ ସଫା କରି କଣ୍ଡିସନର୍ ଲଗାଇବା ପରେ ହେୟାର ଏସେନ୍ସ ବା ହେୟାର୍ ଟନିକ୍ ଲଗାଇଥାନ୍ତି । ଏହା କେଶକୁ ପୋଷଣ ଦେବା ସହ କେଶମୂଳକୁ ମଜଭୂତ ରଖିଥାଏ ।

**ଗରମ ଉପକରଣରୁ ଦୂରେଇ ରଖନ୍ତୁ**

କେଶକୁ ଗରମ ଉପକରଣରୁ ଦୂରେଇ ରଖିବା ଆବଶ୍ୟକ । ବିଶେଷ କରି ବର୍ଷାଦିନେ କେଶରେ ଅଧିକ ହେୟାର ଡ୍ରାୟର, ଏବଂ ଷ୍ଟ୍ରେଟନର୍ ବ୍ୟବହାର କଲେ ଏହା କେଶକୁ ରୁକ୍ଷ କରିଥାଏ । କେଶର କୋମଳତା କମିଯାଏ ।

ମୋ ହାଣ୍ଡିଶାଳରୁ...

# ବନ୍ଧାକୋବି ମୋମୋ

**ଆବଶ୍ୟକ ସାମଗ୍ରୀ**

ବନ୍ଧା କୋବି, କଟା ପିଆଜ – ଏକ କପ୍, କଟା କ୍ୟାପ୍‌ସିକମ୍ – ଏକ କପ୍, କଟା ଗାଜର – ଏକ କପ୍, କଟା କୋବି – ଏକ କପ୍, ସୋୟାବିନ୍ କିମା- ଏକ କପ୍, ଅଦା, ରସୁଣ ଓ କଞ୍ଚାଲଙ୍କା କଟା – ଦୁଇ ଚାମଚ, ସୋୟା ସସ୍ – ଏକ ଚାମଚ, ଚାଟ୍ ମସଲା- ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ବନ୍ଧାକୋବିରୁ ପାଖୁଡ଼ା ଅଲଗା କରି ଧୋଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇରେ ପାଣି ଦେଇ ଗରମ କରନ୍ତୁ । ପାଣି ଗରମ ହୋଇଗଲେ ପତ୍ରକୁ ଦେଇ ଢାଙ୍କୁଣି ଘୋଡ଼ାଇ ତିନିରୁ ଚାରି ମିନିଟ୍ ରଖନ୍ତୁ । ଏହାପରେ ଢାଙ୍କୁଣି ଖୋଲି ପତ୍ରକୁ ବାହାର କରି ଦିଅନ୍ତୁ । ଆଉ ଏକ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ସେଥିରେ କଟା ଲଙ୍କା, ରସୁଣ ଅଦା ଦେଇ ହାଲୁକା ଫ୍ରାଏ କରନ୍ତୁ । ଏହାପରେ କାଟି ରଖିଥିବା ପରିବା ସବୁକୁ ଦେଇ ଭାଜନ୍ତୁ । ସେଥିରେ ଅଳ୍ପ ଲୁଣ, ଚାଟ୍ ମସଲା ପକାଇ ପାଣି ଛାଡ଼ିବା ଯାଏ ଭାଜନ୍ତୁ । ଏହାପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ସିଜାଇ ରଖିଥିବା କୋବି ପତ୍ର ନେଇ ସେଥିରେ ଭଜା ପରିବା ପୂର ଦେଇ ଚାରିଆଡ଼ୁ ମୋଡ଼ି ଦିଅନ୍ତୁ । ଏହାପରେ ଗ୍ୟାସ୍‌ରେ ଆଉ ଏକ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ କୋବିକୁ ଦେଇ ସେକନ୍ତୁ । ଦୁଇପାଖ ନାଲି ହୋଇଯିବା ପରେ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ବନ୍ଧା କୋବି ମୋମୋ' ।



# ଫୁଟ୍ ପିଲ୍ ମାସ୍କ

ମହିଳାମାନେ ତ୍ୱଚାର ଯତ୍ନ ନେବା ପାଇଁ ବିଭିନ୍ନ ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି । ହେଲେ ପାଦ ପ୍ରତି ଧ୍ୟାନ ଦିଅନ୍ତିନି । ଫଳରେ ପାଦ ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସି କଳା ପଡ଼ିଯାଏ । ଏହାଦ୍ୱାରା ପାଦର ସୁନ୍ଦରତା କମିଯାଏ । କିଛି ମହିଳା ସୁଜ୍ କିମ୍ବା ମୋଜା ପିନ୍ଧି ଏହାକୁ ଲୁଚାନ୍ତି; କିନ୍ତୁ ଏବେ ବଜାରରେ ଫୁଟ୍ ପିଲ୍ ମାସ୍କ ମିଳୁଛି । ଏହାକୁ ଲଗାଇ ପାଦ ସମସ୍ୟା ଦୂର କରିପାରିବେ ।



**ପିଲ୍ ମାସ୍କ କ'ଣ ?**

ଏହା ଏକ ପ୍ରକାର କସ୍‌ମେଟିକ୍ ଉପଚାର । ଏହା ପାଦର ମୃତକୋଷକୁ ବାହାର କରି ଚମକ ଆଣିଥାଏ । ଏହା ଏକ ପ୍ଲାଷ୍ଟିକ୍ ମୁଣି ଆକୃତିର ହୋଇଥାଏ । ଏଥିରେ ବିଶେଷ ପ୍ରକାର ତରଳ ପଦାର୍ଥ ଥାଏ । ଏହାକୁ ପାଦରେ ପିନ୍ଧି କିଛି ସମୟ ଛାଡ଼ି ଦିଆଯାଏ ।

**ବ୍ୟବହାର**

ପ୍ରଥମେ ପାଦକୁ ଭଲ କରି ଧୋଇ ଶୁଖାନ୍ତୁ । ଏହାପରେ ମାସ୍କ ଖୋଲି ପାଦରେ ସାବଧାନତାର ସହ ଲଗାଇ କିଛି ସମୟ ରଖନ୍ତୁ । କିଛି ଘଣ୍ଟା ପରେ ପାଦରୁ ମାସ୍କ କାଢ଼ି ଥଣ୍ଡାପାଣିରେ ଧୋଇ ଦିଅନ୍ତୁ ।

**ଏହାର ଉପକାରିତା**

ଏହା ପାଦରୁ ମୃତକୋଷ କାଢ଼ି କୋମଳ ଓ ନରମ କରିଥାଏ ।

ଏହା ଫଟା ଗୋଇଠି ସମସ୍ୟାକୁ ଦୂର କରିଥାଏ ।

କିଛି ମାସ୍କରେ ମଇଶ୍ଚରାଇଜିଙ୍ଗ୍‌ଗୁଣ ରହିଥାଏ । ଏହା ପାଦକୁ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ ।

# ପରିବେଶ ଅନୁକୂଳ ଇଣ୍ଟେରିୟର



ସହରୀ ଜୀବନ ମଧ୍ୟରେ ଶାନ୍ତି ପାଇବା କଷ୍ଟକର । ଗାଡ଼ି ମୋଟର, କଳକାରଖାନାର ଶବ୍ଦ ମଣିଷକୁ ଅତିଷ୍ଠ କରି ପକାଏ । କିନ୍ତୁ ପରିବେଶ ଅନୁକୂଳ ଇଣ୍ଟେରିୟର ଡିଜାଇନ୍ କରି ଘରର ଶାନ୍ତି ବଜାୟ ରଖିପାରିବେ । ଏହା ସୁନ୍ଦର ଓ ଆରାମଦାୟକ ହୋଇଥାଏ । ବର୍ତ୍ତମାନ ସମୟରେ ଏ ପ୍ରକାର ଡିଜାଇନର ଚାହିଦା ରହିଛି ।

**ପ୍ରାକୃତିକ ସାମଗ୍ରୀ ବ୍ୟବହାର**

କାଠ, ବାଉଁଶ, ମାଟି ପୁନଃ ନବୀକରଣଯୋଗ୍ୟ ଜିନିଷକୁ ବ୍ୟବହାର କରି ଘରକୁ ସଜାଇପାରିବେ । ଏହାଦ୍ୱାରା କମ୍ ଖର୍ଚ୍ଚରେ ଘରର ସୁନ୍ଦରତା ବୃଦ୍ଧି ହୋଇଥାଏ । ସେହିପରି ପୁରୁଣା ଫର୍ଣ୍ଣିଚରକୁ ଏଣେତେଣେ ନ ଫୋପାଡ଼ି ତାହାକୁ ରଙ୍ଗ କରି ଭିନ୍ନ ରୂପ ଦେଇପାରିବେ ।

**ଅକୁଷ୍ଟିକ୍ ପ୍ୟାନେଲ୍ ଲଗାନ୍ତୁ**

ଘରେ ଶାନ୍ତିବଜାୟ ରଖିବାକୁ ଚାହୁଁଥିଲେ ଅକୁଷ୍ଟିକ୍ ୱାଲ୍ ପ୍ୟାନେଲ୍ ଲଗାଇପାରିବେ । ଏହା ବାହାରୁ ଆସୁଥିବା ଶବ୍ଦକୁ ଅବଶୋଷିତ କରିଥାଏ । ଏହା କାଠ କିମ୍ବା ଥ୍ରୀ-ଡି ପ୍ୟାଟର୍ଣ୍ଣରେ ଉପଲବ୍ଧ ହୋଇଥାଏ । ଏହା ଲିଭିଙ୍ଗ୍ ରୁମ, ବେଡ୍ ରୁମ୍‌କୁ ଆଧୁନିକ ଲୁକ୍ ଦେଇଥାଏ ।

**ଘରେ ଗଛ ଲଗାନ୍ତୁ**

ଗଛ ବାହାରୁ ଆସୁଥିବା ଶବ୍ଦକୁ କମ୍ କରିବାରେ ସହାୟକ ହୋଇଥାଏ । ଏଥିସହ ଘରେ ଶାନ୍ତି ବାତାବରଣ ରଖିଥାଏ । ତେଣୁ ଝରକା କୋଣରେ ବଡ଼ ଇଣ୍ଡୋର ପ୍ଲାଣ୍ଟ ରଖନ୍ତୁ । ଏହା ଶବ୍ଦ କମ୍ କରି ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ।



■ ଟି-୨୦ ବିଶ୍ୱକପ୍

## ଇଟାଲୀକୁ ଐତିହାସିକ ଯୋଗ୍ୟତା




ହେଗ୍, ୧୨।୭ (ଏଜେନ୍ସି): ଫୁଟବଲ ଖେଳର ଦେଶ ଇଟାଲୀ ପ୍ରଥମଥର ଟି-୨୦ ବିଶ୍ୱକପ୍ ଖେଳିବାକୁ ଐତିହାସିକ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ଖେଳାଯାଇଥିବା ୟୁରୋପୀୟ କ୍ୱାଲିଫାୟର ଶେଷ ଦୁଇ ମୁକାବିଲାରେ ନେଦରଲାଣ୍ଡସ ୯ ୱିକେଟରେ ଇଟାଲୀକୁ ଓ ଜର୍ସି ଶେଷ ବଲରେ ସ୍କଟଲାଣ୍ଡକୁ ପରାସ୍ତ କରିଥିଲା। ଏହା ଫଳରେ ନେଦରଲାଣ୍ଡସ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହି ଏକ ନମ୍ବର ଦଳ ଭାବେ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷରେ ସ୍କଟଲାଣ୍ଡ ପରାଜିତ ହେବା ପରେ ଇଟାଲୀ ସହ ସମାନ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲା। କିନ୍ତୁ ନେଟ ରନ୍ ରେଟ୍‌ରେ ସ୍କଟଲାଣ୍ଡଠାରୁ ଆଗୁଆ ରହିଥିବା ଇଟାଲୀ ଦ୍ୱିତୀୟ ସ୍ଥାନରେ ରହି ଇତିହାସ ସୃଷ୍ଟି କରିଥିଲା। ଏହା ଫଳରେ ଗତ ୪ଟି ସଂସ୍କରଣରେ ଟି-୨୦ ବିଶ୍ୱକପ୍ ଖେଳିଥିବା ସ୍କଟଲାଣ୍ଡ ଏଥର ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ଆସନ୍ତାବର୍ଷ ବା ୨୦୨୬ରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ହେବ।

୧୯ ବର୍ଷରୁ କମ୍ ଟେଷ୍ଟ

## ଆୟୁଷ ମାହତ୍ରେଙ୍କ ଶତକ

ବେକେନହାମ, ୧୨।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ଏଠାରେ ଆଜିଠାରୁ ଆରମ୍ଭ ହୋଇଛି ୧୯ ବର୍ଷରୁ କମ୍ ଟେଷ୍ଟ ସିରିଜ୍‌ର ପ୍ରଥମ ମୁକାବିଲା। ଏହି ମୁକାବିଲାର ପ୍ରଥମ ଦିନରେ ଓପନର ତଥା ଅଧିନାୟକ ଆୟୂଷ ମାହତ୍ରେଙ୍କ ଶତକ ସହାୟତାରେ ଶେଷ ଖବର ସୁଦ୍ଧା ଭାରତ ୭ ୱିକେଟରେ ୪୪୨ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ମାହତ୍ରେ ସର୍ବାଧିକ ୧୦୨ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। ସେ ୧୧୫ ବଲ୍‌ର ସାମ୍ନା କରି ୧୪ ଚୌକା ଓ ୨ ଛକା ମାରିଥିଲେ। କିନ୍ତୁ ଧୂଆଁଧାର ଓପନର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ରନ୍ କରିପାରିଥିଲେ। ନଂ-୩ ବିହାନ ମାଲହୋତ୍ରା ୬୭, ୱିକେଟରକ୍ଷକ ଅଭିଜ୍ଞାନ କୁଣ୍ଡୁ ୯୦ ଓ ରାହୁଲ କୁମାର ୮୫ ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ଆଲେକ୍ସ ଗ୍ରୀନ୍, ଜେକ୍ ହୋମ୍ ଓ ଆର୍ଚି ଭନ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ।




ଲର୍ଡ୍ସରେ ଭାରତ-ଇଂଲଣ୍ଡ ତୃତୀୟ ଟେଷ୍ଟ

# ପ୍ରଥମ ଇନିଂସ ବରାବର

ଲର୍ଡ୍ସ,୧୨।୭ (ଏଜେନ୍ସି):

ଲୋକେଶ ରାହୁଲ (୧୦୦)ଙ୍କ ୧୦ମ ଟେଷ୍ଟ ଶତକ, ଋଷଭ ପନ୍ତ୍ (୭୪) ଓ ରବୀନ୍ଦ୍ର ଜାଡେଜା(୭୨)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଏଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ତୃତୀୟ ଟେଷ୍ଟର ପ୍ରଥମ ଇନିଂସ ବରାବର ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜୋ ରୁଟଙ୍କ ଶତକ ବଳରେ ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୭ ରନ୍ କରିଥିଲା। ଜବାବରେ ରାହୁଲଙ୍କ ଶତକ ସହାୟତାରେ ଭାରତ ମଧ୍ୟ ପ୍ରଥମ ଇନିଂସରେ ୩୮୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହା ଫଳରେ ଉଭୟ ଦଳର ପ୍ରଥମ ଇନିଂସ ସ୍କୋର ସମାନ ରହିଛି। ଏହି ଟେଷ୍ଟର ତୃତୀୟ ଦିନ ଖେଳ ଶେଷସୁଦ୍ଧା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନ ହରାଇ ଗୋଟିଏ ଓଭରରେ ୨ରନ୍ ସଂଗ୍ରହ କରିନେଇଛି। ଭାରତ ଇନିଂସରେ ରାହୁଲ-ପନ୍ତଙ୍କ ମଧ୍ୟରେ ଶତକୀୟ, ଜାଡେଜା-ରେଡ୍ଡି ଓ ଜାଡେଜା-ସୁନ୍ଦରଙ୍କ ମଧ୍ୟରେ ଅର୍ଦ୍ଧଶତକୀୟ ଭାଗିଦାରୀ ଭାରତକୁ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ସହ ସମାନ କରିବାରେ ସହାୟତା କରିଥିଲା। ଇଂଲଣ୍ଡ ପକ୍ଷରୁ ନୂଆ ବଲ୍‌ରେ ଫାଇଦା ଉଠାଇ କ୍ରିସ୍ ଓକ୍ସ ସର୍ବାଧିକ ୩ଟି, ଜୋଫ୍ରା ଆର୍ଚର ଓ ବ୍ରାଇଡନ କାର୍ସ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ରେ ଖେଳ ଆଉ ୨ ଦିନ ବାକି ରହିଛି।

ଶତକୀୟ ଭାଗିଦାରୀ: ଏହି ଟେଷ୍ଟର ଶନିବାର ଅନୁଷ୍ଠିତ ତୃତୀୟ ଦିନ ଖେଳରେ ଭାରତ ପ୍ରଥମ ସେସନରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଯାହା ଫଳରେ ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ (୫୩) ଓ ଋଷଭ ପନ୍ତ୍ (୧୬) ପ୍ରତିପକ୍ଷ ଦଳକୁ କୌଣସି ସୁଯୋଗ ଦେଇ ନ ଥିଲେ। ପ୍ରଥମ ସେସନରେ ୨୨.୩ ଓଭରରେ ଭାରତ ୧୦୩ ରନ୍ ସଂଗ୍ରହ କରି ଭଲ ସ୍କୋର କରିଥିଲା। କିନ୍ତୁ ଠିକ୍ ଲଞ୍ଚ୍ ପୂର୍ବରୁ ପନ୍ତ୍ ରନ୍‌ଆଉଟ ହେବା ଫଳରେ ଇଂଲଣ୍ଡ ସାମାନ୍ୟ ପ୍ରଭାବୀ ହୋଇଥିଲା। ଚତୁର୍ଥ ୱିକେଟରେ ରାହୁଲ ଓ ପନ୍ତ୍ ୧୯୮ ବଲ୍‌ରୁ ୧୪୧ ରନ୍ ଉଠାଇ ଦଳକୁ ଭଲ ସ୍ଥିତିରେ ରଖିଥିଲେ। ପନ୍ତ୍ ୧୧୨ ବଲ୍‌ର ମୁକାବିଲା କରି ୮ ଚୌକା ଓ ୨ ଛକା ସହ ୭୪ ରନ୍‌ରେ ଆଉଟ ହୋଇଥିଲେ। ପନ୍ତ୍‌ଙ୍କର ଏହା ହେଉଛି ଟେଷ୍ଟ କ୍ୟାରିୟରରେ ୧୭ତମ ତଥା ଇଂଲଣ୍ଡରେ ୮ମ ଅର୍ଦ୍ଧଶତକ। ଏହି ସିରିଜ୍‌ରେ ସେ ୨ଟି ଶତକ ହାସଲ କରିଥିଲାବେଳେ ୨ଟି ଅର୍ଦ୍ଧଶତକ ପୂରଣ କରିସାରିଛନ୍ତି। ଏହି ଯୋଡି ଭାଙ୍ଗିବା ବେଳକୁ ୯୮ ରନ୍‌ରେ ଅପରାଜିତ ଥିବା ରାହୁଲ ଲଞ୍ଚ୍ ପରେ ଶତକ ପୂରଣ କରିଥିଲେ। କିନ୍ତୁ ଏହାର ପର ବଲ୍‌ରେ ବସିରଙ୍କ ବୋଲିଂରେ ଏକ ସହଜ କ୍ୟାଚ୍ ଦେଇ ଆଉଟ ହୋଇଯାଇଥିଲେ। ଏହି ଶତକ ଲାଗି ସେ ୧୭୭ ବଲ୍‌ର ସାମ୍ନା କରି ୧୩ଟି ଚୌକା ମାରିଥିଲେ। ଏହ ଶତକୀୟ ଯୋଡି ଭାଙ୍ଗିବା ପରେ ଜାଡେଜା ଓ ନୀତୀଶ କୁମାର ରେଡ୍ଡିଙ୍କ ମଧ୍ୟରେ ଆଉ ଏକ ଅର୍ଦ୍ଧଶତକୀୟ ଭାଗିଦାରୀ ହୋଇଥିଲା। ଏମାନେ ୬ଷ୍ଠ ୱିକେଟ ଯୋଡିରେ ୧୬୫ ବଲ୍‌ରୁ ୭୨ ରନ୍ ଉଠାଇଥିଲେ। ସେହିପରି ଜାଡେଜା ଓ ସୁନ୍ଦର ୭ମ ୱିକେଟରେ ୫୦ ରନ୍ ଉଠାଇଥିଲେ ମଧ୍ୟ ଦଳକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇପାରି ନ ଥିଲେ। ଅସହଜ ଓ ମନ୍ଥର ଖେଳୁଥିବା ନୀତୀଶ ୩୦ ଓ ସୁନ୍ଦର ୨୩ ରନ୍ କରିଥିଲେ।

### ଟେଷ୍ଟ କ୍ରିକେଟରେ ୧୦ମ ଶତକ

ଭାରତ ଓପନର ଲୋକେଶ ରାହୁଲ ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଶତକ ହାସଲ କରିଛନ୍ତି। ଏଥିଲାଗି ସେ ୧୭୬ଟି ବଲ୍‌ର ସାମନା କରି ୧୩ଟି ଚୌକା ମାରିଥିଲେ। ଏହା ଫଳରେ ଟେଷ୍ଟ କ୍ରିକେଟରେ ରାହୁଲ ୬୧ତମ ଟେଷ୍ଟ ଓ ୧୦୬ତମ ଇନିଂସରେ ୧୦ମ ଶତକ ହାସଲ କରିଛନ୍ତି। ଏହି ୧୦ଟି ମଧ୍ୟରେ ଇଂଲଣ୍ଡରେ ସେ ହାସଲ କରିଛନ୍ତି ୪ଟି ଶତକ। ଏହା ଛଡ଼ା ଚଳିତ ସିରିଜ୍‌ରେ, ଲର୍ଡ୍ସ ଟେଷ୍ଟରେ ଓ ଜଣେ ଓପନର ଭାବେ ଏଠାରେ ସେ ଦ୍ୱିତୀୟ ଶତକୀୟ ସଫଳତା ଅର୍ଜନ କରିଛନ୍ତି। ରାହୁଲଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଫଳରେ ଭାରତ ଏଠାରେ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଫଲୋଅନ୍ ଏଡ଼ାଇବାକୁ ସମର୍ଥ ହୋଇଛି।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ : ୩୮୭/୧୦, ୧୧୨.୩ ଓଭର (ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୭, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍‌ରା-୫/୭୪, ଜାଡେଜା-୬୨, ରେଡ୍ଡୀ-୨/୮୫)।**

**ଭାରତ ପ୍ରଥମ ଇନିଂସ : ୩୮୭/୧୦, ୧୧୯.୨ ଓଭର (ରାହୁଲ-୧୦୦, ପନ୍ତ୍-୭୪, ଜାଡେଜା-୭୨, ନାୟାର-୪୦, ରେଡ୍ଡୀ-୩୧, ସୁନ୍ଦର-୨୩, ଓକ୍ସ-୩/୮୪, ଷ୍ଟୋକ୍ସ-୨/୬୩, ଆର୍ଚର-୨/୫୨)।**

## ଜାତୀୟ ସବ୍‌ଜୁନିଅର ବାଳିକା ହକି ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ଦଳ ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ମହିଳା ହକି ଡିଭିଜନ-ଏ' ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଓଡ଼ିଶା ଦଳ ୧-୦ ଗୋଲରେ ଶକ୍ତିଶାଳୀ ହରିଆଣାକୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ବିଜୟୀ ଦଳ ପକ୍ଷରୁ ସୁଦୀପା ବା' ଏକମାତ୍ର ଗୋଲଟି ସ୍କୋର କରିଥିଲେ। ସେହିପରି ସୟ ମୁଣ୍ଡାଙ୍କ ଗୋଲ ବଳରେ ଝାଡଖଣ୍ଡ ୧-୦ ଗୋଲରେ ମିଜୋରାମକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଜୁଲାଇ ୧୪ ତାରିଖ ଦିନ ଓଡ଼ିଶା ଓ ଝାଡଖଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।



■ ଜାତୀୟ ଜୁନିଅର ବାଳକ ରଗ୍‌ବୀ

## କ୍ୱାର୍ଟର ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୧୨।୭ (ସମିସ): ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ ଜୁନିଅର ବାଳକ ରଗ୍‌ବୀ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ହେବାକୁ ଥିବା ସମସ୍ତ ନକ୍‌ଆଉଟ ପ୍ରତିଯୋଗିତା ମଧ୍ୟରୁ କ୍ୱାର୍ଟର ଫାଇନାଲରେ ଓଡ଼ିଶା ସହ ତେଲେଙ୍ଗାନାର ମୁକାବିଲା ହେବ। ପୂର୍ବରୁ ଆସାମ ଓ ତାମିଲନାଡୁକୁ ପରାସ୍ତ କରି ଓଡ଼ିଶା ପୁଲ-ଏ'ରେ ଶୀର୍ଷସ୍ଥାନ ହାସଲ କରିଥିଲା। ଏଠାରେ ଶେଷ ହୋଇଥିବା ବାଳିକା ବିଭାଗରେ ଓଡ଼ିଶା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା।

■ ସର୍ବଭାରତୀୟ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ

## ଓଡ଼ିଶା ଖେଳାଳିଙ୍କ ଦୟନୀୟ ପ୍ରଦର୍ଶନ

ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଖେଳାଳିମାନେ ଦୟନୀୟ ପ୍ରଦର୍ଶନ କରିଛନ୍ତି। ଏଥିରେ ଭାଗ ନେଇଥିବା ଖେଳାଳିମାନଙ୍କ ମଧ୍ୟରୁ କେବଳ ତନ୍ମୟ ସାହୁ ଓ ହର୍ଷିତ ରାଉତଙ୍କ ଯୋଡି ମିଶ୍ରିତ ଯୁଗଳ ଏବଂ ପୁରୁଷ ଏକକରେ ଆର୍ଯ୍ୟ ମାଝୀ ରାଉଣ୍ଡ ଅଫ୍ ୬୪ରେ ପ୍ରବେଶ କରିଥିଲେ। ଏମାନେ ହାରିଯିବା ପରେ ପ୍ରି-କ୍ୱାର୍ଟର ମୁକାବିଲା ପୂର୍ବରୁ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ ଶେଷ ହୋଇଯାଇଛି। ଭିନ୍ନ କାରଣରୁ ଓଡ଼ିଶାର ଶ୍ରେଷ୍ଠ ମହିଳା ଖେଳାଳି ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ଏହି ଟୁର୍ଣ୍ଣାମେଣ୍ଟରେ ଖେଳୁନାହାନ୍ତି।




ଅନ୍ୟପକ୍ଷରେ ବାଳିକା ଏକକ ରାଉଣ୍ଡ ଅଫ୍-୬୪ ମୁକାବିଲାରେ ବିଜୟୀ ହୋଇ ଟପ୍ ସିଡ୍ ଉତ୍ତରପ୍ରଦେଶର ମାନସୀ ସିଂ, ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେ, ତୃତୀୟ ସିଡ୍ ଆସାମର ଇଶାରାଣୀ ବରୁଆ ଓ ଚତୁର୍ଥ ସିଡ୍ ହରିୟାଣାର ଜିୟା ରାୱତ ବିଜୟୀ ହୋଇ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛନ୍ତି। ବାଳକ ଏକକରେ ଟପ୍ ସିଡ୍ କର୍ଣ୍ଣାଟକର ରଘୁନାଥ ଏମ୍, ଦ୍ୱିତୀୟ ସିଡ୍ ମହାରାଷ୍ଟ୍ରର ଦର୍ଶନ ପୂଜାରୀ, ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଳ ଧର୍ମମେର ରାଉଣ୍ଡ ଅଫ୍ ୩୨ରେ ପହଞ୍ଚିଛନ୍ତି। କିନ୍ତୁ ଚତୁର୍ଥ ସିଡ୍ ରାଜସ୍ଥାନର ସଂସ୍କାର ସାରସ୍ୱତଙ୍କୁ ହରାଇ କର୍ଣ୍ଣାଟକର ହେମନ୍ତ ଏମଜି ଏଯାଏ ଖେଳାଯାଇଥିବା ମ୍ୟାଚ୍‌ରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

ଇଣ୍ଡିଆନ ଓପନ୍ ପାରା ଆଥଲେଟିକ୍ସ

## ଓଡ଼ିଶାକୁ ୧୧ ପଦକ

ଭୁବନେଶ୍ୱର, ୧୨।୭ (ସମିସ): ବେଙ୍ଗାଲୁରୁରେ ଅନୁଷ୍ଠିତ ୭ମ ଇଣ୍ଡିଆନ୍ ଓପନ୍ ପାରା ଆଥଲେଟିକ୍ସରେ ଓଡ଼ିଶାକୁ ୧୧ଟି ପଦକ ମିଳିଛି। ସେଥିରେ ରହିଛି ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ କାଂସ୍ୟ ପଦକ। ତାହା ମଧ୍ୟରୁ ମହିଳା ଆଥଲେଟ ଜୟନ୍ତୀ ବେହେରା ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ହାସଲ କରିଛନ୍ତି। ସୁଚିତ୍ରା ପରିଡା ମହିଳା ଏଫ୍-୫୫ ଜାଭେଲିନ ଥ୍ରୋରେ ୧୭.୮୪ ମିଟର ଫିଙ୍ଗି ସ୍ୱର୍ଣ୍ଣ ଏବଂ ମହିଳା ଏଫ୍-୫୫ ଶଟପୁଟ୍‌ରେ ୫.୭୫ ମିଟର ଫିଙ୍ଗି ରୌପ୍ୟ ପଦକ ହାସଲ କରିଛନ୍ତି। ଜାନକୀ ଓରାମ ଟି-୧୨ ୧୦୦ମିରେ ରୌପ୍ୟ, ୨୦୦ମିରେ କାଂସ୍ୟ ପଦକ ଜିତିଛନ୍ତି। ସେହିପରି ସେ ଟି-୧୨ ଲଙ୍ଗ ଜମ୍ପରେ ଏକାମାତ୍ର ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ଜିତିଥିଲେ। ଓଡ଼ିଶାର କମଳାକାନ୍ତ ନାୟକ ପୁରୁଷ ଏଫ୍-୫୩, ୫୪ ଜାଭେଲିନ ଥ୍ରୋ ରୌପ୍ୟ, ପୁରୁଷ ଏଫ-୫୩/୫୪ ୮୦୦ମି ରେସ୍‌ରେ ରୌପ୍ୟ, ୪୦୦ମି ଦୌଡ଼ରେ କାଂସ୍ୟ ପଦକ ହାସଲ କରିଛନ୍ତି।

■ ନାଭାଲ ଟାଟା ହକି ଗ୍ରାସ୍‌ରୁଟ ଲିଗ୍

## ଲାଠିକଟା, କୁଆଁରମୁଣ୍ଡା ଚାମ୍ପିଅନ




ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ନାଭାଲ ହକି ଗ୍ରାସ୍‌ରୁଟ୍ ଲିଗ୍ ଚାମ୍ପିଅନସିପ୍ ଆଜି ଶେଷ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶେଷ ହୋଇଥିବା ଏହି ପ୍ରତିଯୋଗିତାର ବାଳିକା ବିଭାଗରେ ଲାଠିକଟା ଓ ବାଳକ ବିଭାଗରେ କୁଆଁରମୁଣ୍ଡା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଶନିବାର ଖେଳାଯାଇଥିବା ବାଳିକା ବିଭାଗ ଫାଇନାଲରେ ଲାଠିକଟା ୨-୧ ପେନାଲ୍ଟି ସୁଟ୍‌ଆଉଟରେ ଗୁରୁଣ୍ଡିଆକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ଖେଳ ୧-୧ ଗୋଲରେ ସମାନ ସ୍ତରରେ ରହିଥିଲା। ବାମ୍‌ରା ଏଚ୍‌ଟିସି ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବାଳକ ବିଭାଗରେ କୁଆଁରମୁଣ୍ଡା ଏଚ୍‌ଟିସି ୫-୩ ଗୋଲରେ ନୁଆଗାଁକୁ ପରାସ୍ତ କରିଥିଲା। ସଉନାମରା ଏଚ୍‌ଟିସି ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା।

ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ

## ଚେଲସୀ-ପିଏସ୍‌ଜି ଫାଇନାଲ

ନ୍ୟୁୟର୍କ, ୧୨।୭ (ଏଜେନ୍ସି): ୟୁରୋପର ଦୁଇ ଶକ୍ତିଶାଳୀ କ୍ଲବ୍ ଇଂଲଣ୍ଡର ଚେଲସୀ ଓ ଫ୍ରାନ୍ସର ପିଏସ୍‌ଜି (ପ୍ୟାରିସ ସେଣ୍ଟ ଜର୍ମେନ) ମଧ୍ୟରେ ଚଳିତବର୍ଷର ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ ଫାଇନାଲ ମୁକାବିଲା ହେବ। ଏହି ଫାଇନାଲ ମେଟଲାଇଫ୍ ଷ୍ଟାଡିୟମ୍‌ରେ ଜୁଲାଇ ୧୪ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଚେଲସୀ ୨-୦ ଗୋଲରେ ବ୍ରାଜିଲୀୟ କ୍ଲବ୍ ଫ୍ଲୁମିନେନ୍ସକୁ ଓ ପିଏସ୍‌ଜି ୪-୦ ଗୋଲରେ ସ୍ପେନ୍‌ର ଚାମ୍ପିଅନ କ୍ଲବ୍ ରିଅଲ ମାଦ୍ରିଦ୍‌କୁ ପରାସ୍ତ କରିଥିଲା। ଫାଇନାଲ ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି।

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
|---|---|
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

# ୱିମ୍ବଲଡନ୍: ଇଗା ସ୍ୱିଆଟେକ୍ ମହିଳା ଚାମ୍ପିଅନ

ଲଣ୍ଡନ,୧୨।୭ (ସମିସ):



୮ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍ ୱିମ୍ବଲଡନ ମହିଳା ଏକକ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ଏକତରଫା ଫାଇନାଲରେ ସେ ୧୩ଶ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଏହା ଫଳରେ ୧୯୮୮ ଫ୍ରେଞ୍ଚ ଓପନ ଫାଇନାଲର ପୁନରାବୃତ୍ତି ହୋଇଥିଲେ। ଏହି ଫାଇନାଲରେ ଷ୍ଟେଫି ଗ୍ରାଫ୍ ୬-୦, ୬-୦ରେ ନତାଶା ଜେରେଭାଙ୍କୁ ପରାସ୍ତ କରିଥିଲେ। ଏଠାରେ ସ୍ୱିଆଟେକ୍ ମାତ୍ର ୫୭ ମିନିଟ୍‌ରେ ବିଜୟୀ ହୋଇଥିଲାବେଳେ କ୍ୟାରିୟରର ୬ଷ୍ଠ ଗ୍ରାଣ୍ଡସ୍ଲାମ୍ ଟାଇଟଲ ବିଜୟୀ ହୋଇଛନ୍ତି। ଏହା ପୂର୍ବରୁ ସେ ୪ଥର ଫ୍ରେଞ୍ଚ୍ ଓପନ ଓ ଥରେ ୟୁଏସ୍ ଓପନ ଟାଇଟଲ ବିଜୟୀ ହୋଇଛନ୍ତି। ସେ ମଧ ଟେନିସ ଖେଳର ଓପନ ଏରାରେ ମାର୍ଗାରେଟ କୋର୍ଟ ଓ ମୋନିକା ସେଲେସ୍‌ଙ୍କ ପରେ ତୃତୀୟ ଖେଳାଳି ଭାବେ ପ୍ରଥମ ୬ଟି ଫାଇନାଲରେ ବିଜୟୀ ହୋଇ ୬ଟି ଟାଇଟଲ ଜିତିଛନ୍ତି। ୱିମ୍ବଲଡନରେ ପୋଲାଣ୍ଡର ପ୍ରଥମ ଖେଳାଳି ଭାବେ ମହିଳା ଏକକରେ ଚାମ୍ପିଅନ ହୋଇଛନ୍ତି। ଅନ୍ୟ ପକ୍ଷରେ ବିଶ୍ୱର ନମ୍ବର-୧ ଖେଳାଳି ଅରିନା ସାବାଲେଙ୍କାଙ୍କୁ ସେମିଫାଇନାଲରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଆନିସିମୋଭା ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପରାଜିତ ହୋଇଛନ୍ତି।

ଇଂଲଣ୍ଡର ଜୁଲିଆନ୍ କ୍ୟାସ୍ ଓ ଲୟଡ ଗ୍ଲାସ୍‌ପୁଲଙ୍କ ଯୋଡି ୱିମ୍ବଲଡନ ପୁରୁଷ ଯୁଗଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ଏହି ବ୍ରିଟେନ ଯୋଡ଼ି ୬-୨, ୭-୬ ସିଧାସଳଖ ସେଟ୍‌ରେ ରିଙ୍କି ହିଜିକ୍ତା ଓ -- ଡେଭିଡ୍ ପେଲଙ୍କ ଯୋଡିକୁ ହରାଇ ଟାଇଟଲ କବ୍‌ଜା କରିଥିଲେ। ଏହା ସେମାନଙ୍କର ପ୍ରଥମ ଟାଇଟଲ। ଗତକାଲି ମିଶ୍ରିତ ଯୁଗଳରେ ଚେକ୍ ପ୍ରଜାତନ୍ତ୍ରର କାଟେରିଆ ସିନିଆକୋଭା ଓ ନେଦରଲାଣ୍ଡର ସେମ ଭର୍ବିକ ଚଳିତବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଆସନ୍ତାକାଲି ଖେଳା ଯିବାକୁ ଥିବା ପୁରୁଷ ଏକକ ଫାଇନାଲରେ ଉଦୀୟମାନ ଯୁବ ଖେଳାଳି ତଥା ଗତ ଦୁଇଥରର ବିଜେତା ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସହ ବିଶ୍ୱର ନଂ-୧ ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କ ମୁକାବିଲା ହେବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଲକାରାଜ ୩-୦ ସେଟ୍‌ରେ ୫ମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌କୁ ପରାସ୍ତ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ୬-୩, ୬-୩, ୬-୪ ସିଧାସଳଖ ସେଟ୍‌ରେ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS